# ଜନପଦ ବ୍ରହ୍ମପୁର

ଦକ୍ଷିଣ ଓଡ଼ିଶା ଆଜିର ବା ଅତୀତର ଉତ୍ର ରାଜ୍ୟର ଅନ୍ତର୍ଗତ ଜନପଦ ନାମ ବ୍ରହ୍ମପୁର ବା ପ୍ରଜାପତି ବ୍ରହ୍ମଦେବଙ୍କ ପୁର । ପୁର ଶବ୍ଦାର୍ଥର ପୂର୍ଣ୍ଣାଙ୍ଗ ଅର୍ଥ ଅଟେ, ନଗର, ସହର କିମ୍ବା ବିଶାଳ ଭବନ ଯୁକ୍ତ । କିନ୍ତୁ ଜନପଦଟିର ଦୂର୍ଭାଗ୍ୟର ସମୟ ମୁସଲମାନ, ଇଂରେଜି ତଥା ସ୍ୱାଧୀନତା ପର ଠାରୁ ମଧ୍ୟ କିଛି ସମୟ ଥିଲା ( Berhampur ) ବା ବରଂପୁର ନାମେ ନାମିତ ଥିଲା । (ସରକାରୀ ରେକର୍ଡରୁ ଜଣାଯାଏ) ବର୍ତ୍ତମାନ କିନ୍ତୁ ସରକାରୀ ନଥିପତ୍ର ବ୍ରହ୍ମପୁର କହି ରଚନା କରାଯାଉଛି ।

ଶ୍ରୀରାମ ପତ୍ନୀ ସୀତା ତଥା ଅନୁଜ ଲକ୍ଷ୍ମଣଙ୍କ ସହ ପିତୃ ବଚନର ସତ୍ୟତାକୁ ରକ୍ଷା କରିବା ସକାଶେ ମାତା କୈକେୟୀଙ୍କ ବୈଧତା କ୍ରମେ ଦଣ୍ଡକାରଣ୍ୟକୁ ଆସି ଏହି କ୍ଷେତ୍ରରେ ଦଶବର୍ଷ କାଳ ବିଭିନ୍ନ ତପସ୍ୱୀଙ୍କ ଆଶ୍ରମ ମାନଙ୍କରେ କଟାଇଥିଲେ ତଥା ଲିଙ୍ଗ (ଶିବ) ଆରାଧନା କରିଥିଲେ । ଏପରି ଆରାଧନା କ୍ରମରୁ ଆଜିମଧ୍ୟ ଭାପୁର କ୍ଷେତ୍ରରେ ରାମଲିଙ୍ଗେଶ୍ୱର ନାମରେ ଏକ ଆରାଧ୍ୟ ଦେବତା ରହିଛି । ସେହି ଆରାଧ୍ୟ ଲିଙ୍ଗର ସତ୍ୟତାକୁ ପ୍ରତିପାଦନ କରିବା ପାଇଁ ଏକ ଜଳାଶ୍ରୟ (ବନ୍ଧ) ସେଠାରେ ଦେଖିବାକୁ ମିଳୁଛି । (ରାମାୟଣ ବାଲ୍ମୀକୀ ଅରଣ୍ୟକାଣ୍ଡ ୧୧ ଶ୍ଳୋକ ୨୭) ଦଣ୍ଡାକାରଣ୍ୟର ଏହି ଦଶବର୍ଷ କାଳ ରହଣୀ ସମୟରେ ୧) ବୈଖାନସ ୨)ବାଲଖିଲ୍ୟା, ୩) ସମ୍ପ୍ରସାଲ, ୪) ମରିଚିପ, ୫) ଅଶ୍ମକୁଟ, ୬) ପତ୍ରାହାର, ୭) ଦନ୍ତୋଲ୍ୟୁଖଲୀ, ୮) ଭସ୍ମଜକ, ୯) ଗାତ୍ରଶ୍ରେୟ, ୧୦) ଅଶଯ୍ୟ, ୧୧) ଅନବକାଶିକ, ୧୨) ସଲିଳାହାର, ୧୩) ବାୟୁଭକ୍ଷ, ୧୪) ଆକାଶନୀଳୟ, ୧୫) ସ୍ଥାଣ୍ଡିଲ୍ୟଶାୟୀ, ୧୬) ଉର୍ଦ୍ଧ୍ୱବାସୀ, ୧୭) ଦାନ୍ତ, ୧୮) ଅର୍ଦ୍ଧପଟ୍ଟବାସୀ, ୧୯) ସଜଗ, ୨୦) ତପୋନିଷ୍ଠ, ୨୧) ପଂଚାଗ୍ନିସେବୀ ଆଦି ତପସ୍ୱୀଙ୍କୁ ସକ୍ଷାତ କରିଥିଲେ ।

ଶ୍ରୀରାମଙ୍କ ପୂର୍ବଜ ରାଜା ଦଣ୍ଡ ହିଁ ନିଜେ କାରଣ ହୋଇ ରାଜ୍ୟଟିକୁ ଅଭିଶପ୍ତ କରାଇଥିଲେ । ଏହି ରାଜ୍ୟର ଦୈର୍ଘ୍ୟ ଋଷିକୁଲ୍ୟା ସରସ୍ୱତୀ ଠାରୁ ଗୋଦାବରୀ, ଏବଂ ପ୍ରସ୍ଥ ପୂର୍ବ ଉପକୁଳଠାରୁ ପଶ୍ଚିମ ଉପକୁଳ । ଶୁକ୍ରାଚାର୍ଯ୍ୟଙ୍କ ଅଭିଶାପ ପରେ ପରେ ପ୍ରଜାଗଣ ଅନ୍ୟ ରାଜ୍ୟ ଚାଲି ଯାଇଥିଲେ । ଦଣ୍ଡକାରଣ୍ୟ ସମୁଦାୟରେ କେବଳ ତପସ୍ୱୀ ହିଁ ତପସ୍ୱୀ ବାସ କରୁଥିଲେ ।

ଶ୍ରୀରାମଙ୍କ ଦଣ୍ଡକାରଣ୍ୟ ଯାତ୍ରା ତଥା ଚଉଦ ବର୍ଷ ମଧ୍ୟରୁ କେବଳ ୧୦ ବର୍ଷ ବର୍ତ୍ତମାନର ଅବିଭକ୍ତ ଜିଲ୍ଲା କ୍ଷେତ୍ରରେ ବସବାସ କରିବା ପୂର୍ବରୁ ପରଶୁରାମଙ୍କ ଦ୍ୱାର ସମନ୍ତପଂଚକ ବୋଲାଇ ଆସୁଥିଲା । ଏହି କ୍ଷେତ୍ରରେ ପାଂଚଟି ସମାନ ରୂପକ କୁଣ୍ଡ କିମ୍ବା ପାଂଚଟି ସରୋବର ସେହି କ୍ଷେତ୍ର ମଧ୍ୟରେ ରହିଥିବା କିମ୍ବା ଏହାର ସମିପରେ ରହିଥିବା ପ୍ରଦେଶ ସମନ୍ତ ପଂଚକ ଅଟେ । ଏହି କ୍ଷେତ୍ର ନାମ ସମନ୍ତ ପଂଚକ କାହିଁକି ହେଲା ଏହି ଶ୍ଳୋକରୁ ଜଣାଯାଏ – ସମେତନାମ ଅନ୍ତୋ କ୍ଷେତ୍ର ସମନ୍ତ ଅଟେ । (ମହା. ପର୍ବ ସଂଗ୍ରହ ପର୍ବ ଅଧ୍ୟାୟ ୨ ଶ୍ଳୋକ ୨୦)

କ୍ଷେତ୍ର ପ୍ରଥମେ ଧର୍ମ ବା ଧାରଣ ବୋଲାଇଲା । ପରେ ପରେ ଉଡ୍ରାଂଚଳ ତଥା ଏହାପରେ ଦଣ୍ଡକାରଣ୍ୟ ରାଜ୍ୟ ବା ଦଣ୍ଡକାରଣ୍ୟ । ଏହି ଦଣ୍ଡକାରଣ୍ୟ ପରେ ଏହାର ଐଶାନ୍ୟ ଦିଗ କୁରୁକ୍ଷେତ୍ର ପରେ ପରେ ସମନ୍ତ ପଂଚକ ଅଂଚଳ ବୋଲାଉଥିଲା ।

ମଧୁକୈଠବଙ୍କ ଚାରି ହଜାର କୋଶ ବ୍ୟାପି ଅଂଚଳ ମଧରୁ ଋଷିକୁଲ୍ୟା ସରସ୍ୱତୀ ନଦୀର ଦକ୍ଷିଣ ଏବଂ ମହେନ୍ଦ୍ର ତନୟାର ଉତ୍ତରରେ ହିଁ ରାଜା କୁରୁ ବାରମ୍ବାର ହଳ କରିଥିବା ଗଦା ପର୍ବ ୫୩ ଅଧ୍ୟାୟରୁ ଜଣାଯାଏ । କୁରୁକ୍ଷେତ୍ରର ଚାରିଦ୍ୱାର ଯଥା – ତରନ୍ତୁକ ପର୍ଶ୍ଚିମରେ, ମଚକ୍ରୁକ (କାଳିଯାଇ) ଉତ୍ତରରେ, ଅରନ୍ତୁକ (ବର୍ତ୍ତମାନର ବଙ୍ଗୋପ ସାଗର ଗର୍ଭରେ ଥିବା ବିଶାଳ ପାହାଡ଼ କ୍ଷେତ୍ରସ୍ଥ ଅଗସ୍ତି ଗ୍ରାମ) ଏବଂ ଦକ୍ଷିଣରେ ତୁମ୍ବା ଜନପଦ ଥିବା ପରଶୁରାମ କୁଣ୍ଡ ବା ପୁରିଆ ସାହି ରହିଛି ।

ରାଜା କୁରୁକ୍ଷେତ୍ରରେ କୁରୁ ପାଣ୍ଡବଙ୍କ ଯୁଦ୍ଧ ଚାଲିଥିବା କାଳେ ସମୁଦ୍ରଗର୍ଭରେ ଦକ୍ଷିଣ କୁରୁକ୍ଷେତ୍ର) ବଳରାମ ତୀର୍ଥ ଯାତ୍ରାରେ ଆସି ଏହି ପର୍ବ ୩୭ ଅଧ୍ୟାୟରେ ଥିବା ୨୦ ଶ୍ଳୋକରେ ବର୍ଣ୍ଣିତ ଶଙ୍ଖବୃକ୍ଷ ଦେଖିଥିଲେ । ବୃକ୍ଷଟି ଆଜିର ସିଙ୍ଗବାଡ଼ି ଜନପଦରେ ଥିବା ଶ୍ଳୋକ ୨୦ ଦର୍ଶାଏ । ଏବଂ ଏହି ମହାନ ବୃକ୍ଷ ପ୍ରଭାବରେ ବୃଦ୍ଧ ଗର୍ଗ (ଆନ୍ତରିକ୍ଷ ବିଶାରଦ) ଏଠାରେ ଯଜ୍ଞ କରିବା କାଳରେ ବରଦାତା ଦେବତାଙ୍କ ବାତୀତ ସରସ୍ୱତୀ ମାତା ତଥା ସ୍ୱୟଂ ବ୍ରହ୍ମଦେବ ଯଜ୍ଞ ପ୍ରତି ଆକୃଷ୍ଟ ହୋଇ ଅବତରଣ କରିଥିଲେ ।

ଅପୂଜ୍ୟ ବ୍ରହ୍ମାଙ୍କ ଶୂନ୍ୟରୁ ଯଜ୍ଞକୁ ଅବତରଣ କରିବା କ୍ଷେତ୍ର ଆଜି ମଧ ଦେଖିବାକୁ ମିଳେ । ଯାହାକୁ ଜନେ ବ୍ରହ୍ମାଙ୍କ ମନ୍ଦିର କହନ୍ତି । କ୍ଷେତ୍ରଟି ପୁରୁଣା ବ୍ରହ୍ମପୁର ଛକଠାରେ ରହିଛି । ଏଠାରୁ ଅନ୍ଧପସରା ତଥା ଲାଠ୍, ବୃନ୍ଦାଳୟକୁ ପଥ ରହିଛି । ଗୁମ୍ଫା ସଦୃଶ ବ୍ରହ୍ମାଙ୍କ ମନ୍ଦିରଟି କାରଣ ହୋଇ ଧିରେ ଧିରେ ଜନପଦରୁ ନିଗର ସହର ପୁର ବା ବ୍ରହ୍ମପୁର ରୂପେ ଚିହ୍ନଟ ଅଟେ ।

ପୁନଃ ଏଠାରେ କହିବା ଉଚିତ ହେବ, ବ୍ରହ୍ମଦେବଙ୍କ ଏହି ମୌଳିକ କ୍ଷେତ୍ରକୁ ଅବତରଣ ପରେ ବ୍ରହ୍ମର୍ଷି ମହର୍ଷି ଏବଂ ଋଷିଗଣ ଏଠାରେ ଏକତ୍ରିତ ହୋଇଥିବା, ଏହି ବ୍ରହ୍ମ ମନ୍ଦିର ବା ପୁର ଚାରିପାର୍ଶ୍ୱରେ ରହି ଆସିଥିବା ଜନପଦ ଯଥା – ଲାଠ୍ (ଲାଠୀ) ବୃନ୍ଦାଳୟ ବା (ବେନ୍ଧାଳିଆ) କଙ୍କିଆ, ଟାମଣା, ସିଙ୍ଗାବାଡ଼ି ଆଦି ଜନପଦ ଗୁଡ଼ିକକୁ ସମୀକ୍ଷା କଲେ ବ୍ରହ୍ମପୁରର ଦୃଶ୍ୟ ଆପେ ଆପେ ସାମନାକୁ ଆସିଯିବ ।

# ଓଁ ଶ୍ରୀ ପରମାତ୍ମନେ ନମଃ
# ବା ବ୍ରହ୍ମପୁର

ପ୍ରଚଳିତ ବାକ୍ୟାଂଶର ପଦ ଯଥା "ଓଁ ଶ୍ରୀ ପରମାତ୍ମନେ ନମଃ"ର ଭାବନା ବୁଝିବା ଜଟିଳ ଜଣାଗଲେ ମଧ୍ୟ ପରିବେଶର ଯଥାର୍ଥତାକୁ ସମ୍ପୂର୍ଣ୍ଣ ସୂଚାଇ ରହି ଆସିଛି । ଶବ୍ଦ ପଦ "ଓଁ" ବା ଅ + ଉ + ମ ରୁ ପ୍ରକଟିତ ଉଚ୍ଚାରଣ ଯଥା - ଅ = ଅଖିଳ, ଉ = ସତ୍ୟ ବା ମ = ମଙ୍ଗଳର କଲ୍ୟାଣ ବା ବିଶ୍ୱରେ ସ୍ଥିତି ଥିବା ଅଖିଳ ସତ୍ୟର କଲ୍ୟାଣକୁ କିମ୍ବା ତାର ଶ୍ରୀ ସ୍ୱରୂପ ସମୃଦ୍ଧିକୁ କୋଟି କୋଟି ପ୍ରଣାମ ।

ସମୃଦ୍ଧି ସ୍ୱରୂପ 'ଶ୍ରୀ', ମସ୍ତ ବା ସଦ୍ ପରିବେଶ ମଧ୍ୟରେ ରହିବାକୁ ଯଶସ୍ୱୀ, ପ୍ରସିଦ୍ଧ ରହିବାରେ 'ଭଗବଦ୍' ବୋଲାଏ । ତଥା ସ୍ୱଚ୍ଛତା ମଧ୍ୟରେ ଗ୍ରନ୍ଥର ସାରାଂଶକୁ ଗୀତା କୁହାଯାଏ । କୁହାଯାଇ ଆସିଥିବା କେତେକ ଧାର୍ମିକ, ଆଧ୍ୟାତ୍ମିକ ସିଦ୍ଧାନ୍ତର ପ୍ରତିପାଦନ ସଂସ୍କୃତ ଶବ୍ଦରେ କରି ଆସିଛି । ଉଦାହରଣତଃ ଶିବଗୀତା, ରାମ ଗୀତା ବା ଭଗବତ୍ ଗୀତା ଆଦି ଦେଖିବାକୁ ମିଳେ । କିନ୍ତୁ ଏପରି ସମସ୍ତ ନାମ ଅନ୍ତିମ ଗ୍ରନ୍ଥ କେବଳ 'ଭଗବତ୍' ଗୀତା ପର୍ଯ୍ୟନ୍ତ ହିଁ ସୀମିତ । କାରଣ ଗୀତା, ସୁଗୀତା କର୍ତ୍ତବ୍ୟା କିମନ୍ୟୈଃ ଶାସ୍ତ୍ର ବିସ୍ତରୈଃ କିମ୍ବା ସ୍ୱୟଂ ପଦ୍ମନାଭଙ୍କ ମୁଖପଦ୍ମାଦ୍ଵିନିଙ୍କ ବାଣୀ ରୂପେ ନିସୃତ ବୋଲି ଶ୍ରୀଧର ସ୍ୱାମି କହିଛନ୍ତି । ବହୁଧାଙ୍କ ଉକ୍ତି କିନ୍ତୁ ଏହି ଯେ, ଗୀତାର ପ୍ରକୃତ ସ୍ୱରୂପରୁ ଜାଣିବାକୁ ମିଳେ ଯେ କେବଳ ଗ୍ରନ୍ଥ ସର୍ବସ୍ୱ ଗୁରୁଶିଷ୍ୟ ସଂବାଦ ରୁପେ ପ୍ରତିଷ୍ଠିତ ।

'ଗୀତା' ର ସ୍ୱରୂପ ଅତୀତରୁ ପ୍ରଚଳିତ ହୋଇ ବ୍ରହ୍ମଲୋକରୁ ରହି ଆସିଥିବା ସତ୍ତ୍ୱେ, ଭଗବାନ ଶ୍ରୀକୃଷ୍ଣଦ୍ୱୈପାୟନ ବ୍ୟାସଙ୍କ ଦ୍ୱାରା ମର୍ତ୍ତ୍ୟ କ୍ଷେତ୍ରରେ ପ୍ରସାରିତ । କାରଣ ବ୍ୟାସଦେବ ପରବ୍ରହ୍ମଙ୍କ ଅଂଶାବତାର ପରଂ ବ୍ରହ୍ମ ଅଟନ୍ତି । ଜ୍ଞାନ ଯୁକ୍ତରୂପେ ରହି ଆସିଥିବା ଅତୀତର କଥାକୁ  ମହାଭାରତ କହନ୍ତି । ଅତଏବ କୌରବ ପାଣ୍ଡବଙ୍କ ମଧ୍ୟରେ ହେବାକୁ ଯାଉଥିବା ସଂଗ୍ରାମରେ ଅତୀତର ସମସ୍ତ କିଛି ବିଲୟ ହୋଇଯିବା ବିଚାର କରି ପରିବେଶ ସ୍ଥିତିର ଉଦୟ ଯଥାର୍ଥତା ରହିବା ପାଇଁ ସଂଗ୍ରାମ ଆରମ୍ଭ ପୂର୍ବରୁ ଶ୍ରୀକୃଷ୍ଣଙ୍କ ଦ୍ୱାରା ଅର୍ଜୁନଙ୍କୁ କହିବା ଆଳରେ ବିଦ୍ୱାନ ବ୍ୟାସଦେବ ସମାଜକୁ କହି ସାରିଛନ୍ତି । ପରିବେଶ ବିଷୟକୁ ସୁମଙ୍ଗଳରେ ବର୍ଣ୍ଣନା କରିଛନ୍ତି । ଏହି ୧୮ ଅଧ୍ୟାୟ ମଧ୍ୟରେ ପୁଣି ବର୍ଣ୍ଣନା ଜରିଆରେ ଗ୍ରନ୍ଥ ପ୍ରବେଶରୁ କହିଛନ୍ତି - ପ୍ରଥମରେ ଧୃତରାଷ୍ଟ୍ର ଉବାଚ ରହିଛି, 'ଉବାଚ' ଯୁକ୍ତ ବାକ୍ୟ ମଧ୍ୟରେ ରହିଛି ଗୋଟିଏ 'ଧୃତରାଷ୍ଟ୍ର ଉବାଚ'। ଅର୍ଜୁନ ଉବାଚ ସହିତ ଆଠଗୋଟି ବାକ୍ୟ ରହିଛି । କ୍ରମରେ 'ଉବାଚ' ପଦକୁ ବ୍ୟାସ ଦେବ ବ୍ୟବହାର କରି ଶ୍ରୀକୃଷ୍ଣ ପରିବର୍ତ୍ତେ ଭଗବାନଙ୍କୁ ରୋପଣ କରିଛନ୍ତି । ବ୍ୟାସଦେବ ଏପରି କରି କହିବା ପଛରେ ରହସ୍ୟ ରହିଛି । ପ୍ରକୃତ ବିଦ୍ୱାନମାନେ କିନ୍ତୁ ଶ୍ରୀକୃଷ୍ଣ ଶବ୍ଦକୁ ବିଶ୍ଳେଷଣ କରି କହନ୍ତି ଯେ - ସେ ସମ୍ପୂର୍ଣ୍ଣ କଳା ବିଶିଷ୍ଟ ପୂର୍ଣ୍ଣ ଅବତାରର ପରଂ ବ୍ରହ୍ମ ବା ବୁଦ୍ଧ ଅବତାର । ସେ ଭଗବାନ ନ ହୋଇ, ଭଗବାନଙ୍କ ଉର୍ଦ୍ଧ୍ୱସ୍ତରର ବୋଲାଇ ପାରନ୍ତି । କାରଣ ପରିବେଶର ଷଟ୍ ଆୟୁଧକୁ ଭଗ୍‌ବାନ୍ କୁହାଯାଏ । ଏଣୁ ପରିବେଶ ସତ୍ୟତା କଣ ? ଅର୍ଜନ କରିବା ସକାଶେ ଅର୍ଜୁନ ଉବାଚ ରହିଛି । ଗ୍ରନ୍ଥର ସମୃଦ୍ଧି ନେଇ ପ୍ରବେଶରେ ଧୃତରାଷ୍ଟ୍ର ଉବାଚ ବା ରାଷ୍ଟ୍ର ବା ଦେଶ ଧାରଣ କରି ଆସିଥିବା, ଉବାଚ ରହି ଆସିଛି ।

ସନାତନ ଭାଷା ସାହିତ୍ୟର ଶବ୍ଦ ପଦ ଗୁଡ଼ିକର ବିଭିନ୍ନ ଅର୍ଥ ବ୍ୟାକରଣୀୟ ସୂତ୍ରରୁ ଜାଣିବାକୁ ମିଳୁଛି । ଏଥି ମଧ୍ୟରେ ରହିଛି 'ଉବାଚ' ଶବ୍ଦଟି । ଉ – ସତ୍ୟ ଏବଂ ବାଚ – କଥା, କୁ ନେଇ ଗ୍ରନ୍ଥ ପ୍ରବେଶ ଶ୍ଳୋକର ଶିରୋନାମାରେ କୁହା ଯାଇଅଛି । 'ଧୃତରାଷ୍ଟ୍ର ଉବାଚ'  ବା ଏଥକୁ ନେଇ ପ୍ରବଚକ ମାନେ କହନ୍ତି, ଧୃତରାଷ୍ଟ୍ର ନାମଧାରୀ ଜଣେ ରାଜକୀୟ ବ୍ୟକ୍ତି କହିଲେ । ଉବାଚର ଅନ୍ୟ ଅର୍ଥ କହିଲେ ବୋଲି ଭାଷାକୋଷ ଗୁଡ଼ିକରେ

ମଧ୍ୟ ଦେଖିବାକୁ ମିଳେ । ତେବେ ଶିରୋନାମାଟିର ଏଠାରେ ଅର୍ଥ କରିବାକୁ ହେବ – କରି ଆସିଥିବା ରାଷ୍ଟ୍ର ଧାରଣ କହିଲେ ବା'ଧୃତରାଷ୍ଟ୍ର ଉବାଚ' । କିନ୍ତୁ ଏହାର ପ୍ରକୃତରେ ରହି ଆସିଥିବା ବ୍ୟାକରଣୀୟ ଅର୍ଥରେ ବୋଲାଉଥିବା, ଧାରଣ କରି ଆସିଥିବା ସତ୍ୟ କଥା । କାରଣ ଧୃତ- ଧାରଣ କରିଥିବା, ରାଷ୍ଟ୍ର- ଦେଶ, ସାମ୍ରାଜ୍ୟ, ଉ- ସତ୍ୟ, ବାଚ – କଥା । ଶିରୋନାମାର ତାତ୍ପର୍ଯ୍ୟ ଏପରି ସ୍ଥଳେ, ନିମ୍ନମତେ ଶ୍ଳୋକଟି ରହିଛି ।
ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ ।
ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଂଜୟ ॥

ଶ୍ରୀମଦ୍ ଭଗବତ୍ ଗୀତା ଗ୍ରନ୍ଥ ମଧ୍ୟରେ ପ୍ରବେଶ କରିବା ପୂର୍ବରୁ ପରିବେଶ ସମ୍ରାଜ୍ୟ ଧାରଣ କରିଥିବା ବିଷୟକୁ ନେଇ ଯେଉଁ ସତ୍ୟ କଥା କୁହା ଯାଇଛି ଏବଂ ପରେ ପରେ ଶ୍ଳୋକ ଆରମ୍ଭ ଠାରୁ ଧର୍ମ କ୍ଷେତ୍ରରେ ବା ଧର୍ମକ୍ଷେତ୍ରେ କହି ଯେପରି ଆରମ୍ଭ ହୋଇଛି, ତଥା ଧର୍ମ କ୍ଷେତ୍ରେଠାରୁ ଶ୍ଳୋକର ଆରମ୍ଭ କାହିଁକି ପ୍ରଥମରେ ବିଚାର କରାଯାଉ ।

**ଧର୍ମକ୍ଷେତ୍ରେ ବା ଧାରଣ କ୍ଷେତ୍ରରେ**

ଭଗବାନ୍ ଶ୍ରୀକୃଷ୍ଣ ଦ୍ୱୈପାୟନଙ୍କ ରଚିତ ଶ୍ରୀମଦ୍ ଦେବୀ ଭାଗବତର ପ୍ରଥମ ସ୍କନ୍ଦ ଷଷ୍ଠ ଓ ସପ୍ତମ ଅଧ୍ୟାୟରେ ବର୍ଣ୍ଣନା ରହିଛି । ଏପରି ବର୍ଣ୍ଣନା ଆଧାରରେ ତ୍ରିବିଧ ସାହିତ୍ୟ, ତ୍ରିବିଧ ଶ୍ରବଣର ବିବେଚନା କରିବା ସହ ପୁରାଣ ଶ୍ରେଷ୍ଠତାକୁ ବା ସତ୍ୟତାକୁ ପ୍ରତିପାଦନ କରି ଆସିଛି । ସୃଷ୍ଟି ବର୍ଣ୍ଣନା ଆରମ୍ଭରେ ସ୍ଥଳ ଭାଗ ନଥିଲା । ନାର ହିଁ ନାର ସର୍ବତ୍ର ଥିଲା । ପରବ୍ରହ୍ମ ନାରାୟଣଙ୍କ ଇଛା କ୍ରମରେ ଦୁଇ ଦୈତ୍ୟ ମଧୁ ଏବ କୈଠଭଙ୍କ ଉତ୍ପତ୍ତି ହୋଇଥିଲା । ଏବଂ ଦେବୀଙ୍କ ଉପାସନା କରି ଦୈତ୍ୟଦ୍ୱୟ ବରପ୍ରାପ୍ତ ହୋଇ ମସ୍ତ ହେବା ସମୁଦାୟ ଜଳ ମଧ୍ୟରେ ଲାଗିଥିଲେ । ଯେହେତୁ ପରବ୍ରହ୍ମ ବିଷ୍ଣୁ ଅନନ୍ତ ନାଗ ଶଯ୍ୟାରେ ଯୋଗନିଦ୍ରାରେ ରହିଥିଲେ । ମଧୁ, କୈଠଭ ଦୈତ୍ୟଙ୍କ ଭୟରେ ଦେବୀଙ୍କୁ ବ୍ରହ୍ମାଙ୍କ ସ୍ତୁତି ତଥା ପରବ୍ରହ୍ମ ନାରାୟଣଙ୍କ ଯୋଗ ନିଦ୍ରାରୁ ଜାଗରଣ ହୋଇଥିଲା ।

ନାରାୟଣଙ୍କ ଜାଗରଣ ପୂର୍ବରୁ ଦୈତ୍ୟ ଦ୍ୱୟଙ୍କ ବିଚାରରେ ଏକ ପ୍ରଶ୍ନ ଉଠିଥିଲା, ବ୍ୟାପ୍ତ ରୂପେ ରହି ଆସିଥିବା ବିଶାଳ ଜଳରାଶି ମଧ୍ୟରେ ଭଗବତୀ ଶକ୍ତି ହିଁ ଆମ୍ଭ ସତ୍ତାକୁ କେବଳ ରକ୍ଷା କରି ଆସିଛନ୍ତି । କାରଣ ଦେବୀ ନିଜର ଅପାର ଶକ୍ତିକୁ ନଷ୍ଟ ହେବାକୁ ଦେଉ ନାହାଁନ୍ତି । ଏଣୁ ସେ ହିଁ ଏହି ଅପାର ଉତ୍ପତ୍ତି  କର୍ତ୍ତୀ ତଥା ତାଙ୍କରି ଆଧାରରେ ଏହି ସମସ୍ତ ତିଷ୍ଠି ରହିଛି । ଏବଂ ସେ ହିଁ ଏହି ଦୃଶ୍ୟ ଜଗତର କାରଣ ଅଟନ୍ତି । ଏପରି ଅନେକ କଥା ବିଚାର କରୁ କରୁ ଆକାଶରୁ ଯେଉଁ ବାଣୀ ଶୁଣା ଯାଉଥିଲା, ସେଥିରେ ଥିଲା ଦେବୀଙ୍କ ବୀଜ ମନ୍ତ୍ର । ସେ ବୀଜ ମନ୍ତ୍ରକୁ ଆଧାର କରି ଦାନବ ଦ୍ୱୟ ଦେବୀଙ୍କଠାରୁ ବର ପ୍ରାପ୍ତ ହୋଇ ଗର୍ବ ଅହଂକାରରେ ଭରି ଉଠିଥିଲେ । ନିଜ ନିଜ ଅଭିମାନକୁ ଆଧାର କରି ସମୁହ ଜଳରାଶି ମଧ୍ୟରେ କ୍ରୀଡ଼ା କରି ଚାଲିଥିଲେ ।

ଅପାର ଶକ୍ତିଶାଳୀ ଦାନବ ଦ୍ୱୟ ଜଳ କ୍ରୀଡ଼ା କାଳରେ ହଠାତ୍ ଦିନେ ପଦ୍ମ ସ୍ଥିତ ବ୍ରହ୍ମଦେବଙ୍କୁ ଦେଖି ପାରିଥିଲେ ଏବଂ ସମୀପକୁ ଯାଇ କହିଥିଲେ, ହେ ସୁବ୍ରତ ! ଆମ ସହ ତୁମେ ଯୁଦ୍ଧ କର । ଆମ ସହ ଯଦି ଯୁଦ୍ଧ କରିବା ଇଛା ନାହିଁ, ତେବେ ଏହି ପବିତ୍ର କ୍ଷେତ୍ର ଛାଡ଼ି ଯେଉଁ ଆଡ଼େ ଯିବା ଇଛା ଚାଲିଯାଅ । କାରଣ ଏହି ପବିତ୍ର ସ୍ଥାନରେ ଦୁର୍ବଳ ବ୍ୟକ୍ତିଙ୍କ ସ୍ଥାନ ନାହିଁ । ବ୍ରହ୍ମଦେବ ଶକ୍ତିଶାଳୀ ଦାନବଙ୍କ ବାଣୀ ଶୁଣିବା ପରେ ଅଧୈର୍ଯ୍ୟ ଭାବକୁ ମନରେ ଧାରଣ କରି କୌଣସି ସ୍ଥିର ବିଚାର କରି ପାରି ନଥିଲେ । ପରବର୍ତ୍ତୀ କାଳରେ ଯେଉଁ ପଦ୍ମରେ ବିରାଜିତ ଥିଲେ, ସେହି ପଦ୍ମ ନାଡ଼କୁ ଧରି ବାରମ୍ୱାର ହଲାଇବାକୁ ବ୍ରହ୍ମଦେବ ଲାଗିଥିଲେ । ପଦ୍ମନାଡ଼

ବାରମ୍ବାର ହଲିବାରେ ସନ୍ତୋଷହାରି ଶ୍ରୀହରିଙ୍କ ଯୋଗମାୟା ନିଦ୍ରାରେ ଆଘାତ ହୋଇଥିଲା । ଦେବୀଙ୍କ ଦ୍ୱାରା ଯୋଗନିଦ୍ରା ଭଗ୍ନ ହେବା ପରେ ସମସ୍ତ କଥା ଶ୍ରୀହରି ବୁଝି ପାରିଥିଲେ ।

ଜାଗ୍ରତ ହେବା ପରେ ଶ୍ରୀହରି ଅତୀତର ସମସ୍ତ କଥା ଅବଗତ ହୋଇ ପାରିଥିଲେ । ଏବଂ ଦାନବ ଦ୍ୱୟଙ୍କ ମଧ୍ୟରୁ ମଧୁ ଦୈତ୍ୟ ସହ ଯୁଦ୍ଧ ଆରମ୍ଭ କରିଥିଲେ । ଲଢ଼େଇରେ ମଧୁ ପରେ କୈଠବ, କୈଠବ ପରେ ମଧୁ ଏପରି କରି ଏକଲା ଶ୍ରୀବିଷ୍ଣୁ ପାଞ୍ଚ ହଜାର ବର୍ଷ ଲଢ଼େଇ କରିଥିଲେ । ଶ୍ରୀହରି ନିସ୍ତେଜ ହେବା ପରି ହୋଇ, ଅତି ମଧୁର ଭାଷାରେ ଦାନବଙ୍କୁ କହିଥିଲେ – ହେ ଦାନବ ବୀର ! ସାମାନ୍ୟରେ ମୋ କଥାକୁ ଶୁଣ । ଯେଉଁ ବ୍ୟକ୍ତି ଲଢ଼େଇରେ ଥକିଯାଏ କିମ୍ବା ଡରିଯାଏ, ହାତରୁ ଅସ୍ତ୍ର ଖସି ଯାଏ କିମ୍ବା ବାଳକ ପରି ତଳେ ପଡ଼ିଯାଏ, ତୁମମାନଙ୍କ ପରି ବୀର ସେମାନଙ୍କୁ ପ୍ରହାର କରିବା ଉଚିତ୍ ନୁହେଁ । ସନାତନ ଧର୍ମ ମଧ୍ଯ ଏହାର ସମର୍ଥକ ଅଟେ । ଯୁଦ୍ଧଭୂମିର ଏହି ପବିତ୍ର କ୍ଷେତ୍ରରେ ମୁଁ ଏକମାତ୍ର ତୁମ ଉଭୟଙ୍କ ସହ ପାଞ୍ଚ ହଜାର ବର୍ଷ ସଂଗ୍ରାମ କଲି । ତୁମେ ଦୁହେଁ ସଂଗ୍ରାମରେ ମଜ୍ଜିଥିଲେ ସୁଦ୍ଧା, କିଛି କାଳ ମଝିରେ ମଝିରେ ବିଶ୍ରାମ କରୁଥିଲ । ସେପରି ମତେ ମଧ୍ଯ ବିଶ୍ରାମ କରିବାକୁ ଦିଅ । ବିଶ୍ରାମ ପରେ ପୁନଃ ସଂଗ୍ରାମ କରିବା ।

ନାରାୟଣଙ୍କ ବାଣୀରେ ବିଶ୍ରାମ ପରେ ପୁଣି ସଂଗ୍ରାମ ହେବ ଜାଣିବା ପରେ ଉଭୟ ଦାନବ ଶାନ୍ତ ହୋଇ ପଡ଼ିଥିଲେ । ବିଶ୍ରାମ କାଳ ମଧ୍ୟରେ ଶ୍ରୀହରି ଅନେକ ବିଚାର କରିଥିଲେ । ଶେଷରେ ସ୍ଥିର କଲେ ନିଶ୍ଚୟ ଦେବୀଙ୍କ ଅନୁଗ୍ରହ ଦାନବ ଦ୍ୱୟ ପାଇଛନ୍ତି । ବୋଧହୁଏ ଦେବୀଙ୍କ ବରଦାନ ଯୋଗୁ ସଂଗ୍ରାମରେ ହାର ମାନୁ ନାହାଁନ୍ତି । କାରଣ ଦେବୀଙ୍କ ବର ଅକାରଣରେ ନଷ୍ଟ ହେବାର ନାହିଁ । ଏପରି ମନେ ମନେ ବିଚାର କରି ଦେବୀଙ୍କୁ ସ୍ତୁତି କରିବାରେ ବିଷ୍ଣୁ ଲାଗି ଯାଇଥିଲେ । ବିଷ୍ଣୁଙ୍କ ସ୍ତୁତି ପରେ ପରେ ଦେବୀଙ୍କ ସେଠାରେ ପ୍ରକଟ ହୋଇଥିଲା । ଦେବୀ ବିଷ୍ଣୁଙ୍କୁ ସେଠାରେ କହିଥିଲେ, ହେ ବିଷ୍ଣୁ ! ବର୍ତ୍ତମାନ ଦାନବ ଦ୍ୱୟ ମୋର ଆଡ଼ ଚାହାଁଣୀରେ ଠକି ହୋଇ ଯିବେ । ତୁମେ ତାଙ୍କୁ ଅକ୍ଳେଶରେ ସଂହାର କରିପାରିବ । ଦେବୀ ବାଣୀରେ ମୁଗ୍ଧ ହୋଇ ପୁଣି ସଂଗ୍ରାମକୁ ଆଭାସ ବିଷ୍ଣୁ ଦୈତ୍ୟଙ୍କୁ ଦେଇଥିଲେ ।

ବିଷ୍ଣୁ ଓ ଦାନବଙ୍କ ମଧ୍ୟରେ ଘୋର ଯୁଦ୍ଧ ପୁଣି ଆରମ୍ଭ ହୋଇଥିଲା । ସେ ଯୁଦ୍ଧ କାଳେ ବିଷ୍ଣୁ ଅସହାୟତା ବୋଧ କରିଥିଲେ । ଧର୍ମ ସଂକଟର ସମ୍ମୁଖୀନ ହୋଇ କରୁଣ ନୟନରେ ଦେବୀଙ୍କୁ ବିଷ୍ଣୁ ଚାହିଁଥିଲେ । ଦେବୀଙ୍କ କୃପା ହୋଇଥିଲା । ତଥା ବିଷ୍ଣୁଙ୍କ ମନରେ ଆପେ ଆପେ ବିଚାର ମନ ମଧ୍ୟରେ ପ୍ରକଟି ଥିଲା । ବିଷ୍ଣୁ, ଦାନବଙ୍କୁ କହିଥିଲେ, ହେ ମହାବୀର ! ତୁମ ଦୁହିଁଙ୍କ ମନରେ ଯାହା ଇଛା ରହିଛି, ମତେ ବର ମାଧ୍ୟମରେ ମାଗି ପାର । କାରଣ ତୁମ ଦୁହିଁଙ୍କ ଯୁଦ୍ଧ କରିବା କୌଶଳ ଅତି ଚମତ୍କାର । ପ୍ରାଚୀନ କାଳରେ ଅନେକ ଦାବନଙ୍କ ସହ ଯୁଦ୍ଧ ଅବଶ୍ୟ ମୁଁ କରିଛି ସତ । କିନ୍ତୁ ତୁମ ସହ କରିଥିବା ଯୁଦ୍ଧରେ ଯେଉଁ ରଚି ମୁଁ ପାଇଛି, ସେ ରଚି ମୁଁ ପାଇ ନଥିଲି । ତୁମ ଦୁହିଁଙ୍କ ଶରୀରରେ ଅନୁପମ ଶକ୍ତି ରହିଛି । ଏଥକୁ ନେଇ ମତେ ତୁମ ଦୁହିଁଙ୍କୁ ବର ଦେବାକୁ ଇଛା ହେଉଛି ।

ଅନିନ୍ଦ୍ୟ ସୁନ୍ଦରୀ ଦେବୀଙ୍କ ଆଡ଼ ଚାହାଁଣୀକୁ ଦାନବ ଦ୍ୱୟ ଉପଲବ୍ଧି କରିଥିଲେ । ତାଙ୍କ ଚାହାଣୀରେ ଥିଲା କାମ ଆକର୍ଷଣ । ଏପରି ସ୍ଥିତିକୁ ନେଇ ଦାନବ ଦ୍ୱୟ ବାସନାରେ ଜର୍ଜ୍ଜରିତ ହୋଇ ଉଠିଥିଲେ । ଏପରି ସ୍ଥିତି ମଧ୍ୟରେ ବିଷ୍ଣୁଙ୍କ ଯାଚନା ଶୁଣି ଅହଙ୍କାରରେ ଭରି ଦାନବ ଦ୍ୱୟ ଉତ୍ତରରେ କହିଥିଲେ, ହେ, ବିଷ୍ଣୁ ! ଆମ୍ଭେ ତୁମକୁ ମାଗିବାକୁ ଆସିନାହୁଁ, ଆମକୁ ତୁମେ କଣ ଦେଇ ପାରିବ ? ତୁମେ କିନ୍ତୁ ଆମକୁ ଯାହା ମାଗିବ ଅକ୍ଲେଷରେ ଦେଇ ପାରିବୁ । କାହିଁକି ଆମେ ତୁମକୁ ମାଗିବାକୁ କହୁଛୁ ଜାଣ ? ଯୁଦ୍ଧ କ୍ଷେତ୍ରରେ ତୁମେ ଜଣେ, ଆମେ

ଦୁଇଜଣ ହେଲେ ମଧ୍ଯ ସଂଗ୍ରାମରେ ଯଥେଷ୍ଟ ପ୍ରସନ୍ନ କରି ଆସିଛି । ଏଣୁ ଆମେ ଉଦାର ଦାତା । ହେ ବାସୁଦେବ ଆମକୁ ପ୍ରାର୍ଥନା କରି ଯାହା ମାଗିବ ତାହା ଦେବୁ ।

ଦୈତ୍ୟ ଦ୍ଵୟଙ୍କ କଥା ଶୁଣିବା ପରେ, ବିଷ୍ଣୁ ଅତି ଚତୁରତା କ୍ରମରେ କହିଥିଲେ- ହେ ବୀର ପୁଙ୍ଗବ ମଧୁକୈଠବ ! ମୋ ଉପରେ ଯଦି ପ୍ରସନ୍ନ ଏବଂ ବର ଦେବାକୁ ଏତେ ଆଗ୍ରହ ତେବେ ତୁମେ ଦୁହେଁ ମୋ ଦ୍ଵାରା ମୃତ୍ୟୁକୁ ସ୍ଵୀକାର କର । ବିଷ୍ଣୁଙ୍କ ଏକଥା ଶୁଣି ଦୁଇ ଭାଇ ପରସ୍ପରକୁ ଘଡ଼ିଏ ଚାହିଁ ରହିବା ପରେ କହିଥିଲେ ଆମେ ବିଷ୍ଣୁଙ୍କ ଦ୍ଵାରା ଠକି ହୋଇଗଲୁ । ଦୁଃଖର ଛାୟା ସୁଖରେ ପ୍ରକାଶ କରି ଚାରି ଦିଗକୁ ଦୃଷ୍ଟି ବିସ୍ତାରି ଜାଣି ପାରିଥିଲେ ସର୍ବ କ୍ଷେତ୍ରରେ ଜଳ ହିଁ ଜଳ । ସାମାନ୍ୟରେ ମଧ୍ଯ କେଉଁଠାରେ ପ୍ରାକୃତିକ ଭୁମି ଦେଖିବାକୁ ମିଳି ନଥିଲା । ସ୍ଥିତି ଏପରି ଦେଖିବା ପରେ ମଧୁ ବିଷ୍ଣୁଙ୍କୁ କହିଥିଲେ – ହେ ବିଷ୍ଣୁ ! ତୁମେ ମଧ୍ଯ ବର ଦେବାକୁ ପ୍ରଥମରେ କହିଥିଲ । ଏଣୁ ଆମକୁ ମଧ୍ଯ ଆମ ଅଭିଳଷିତ ବର ଦିଅ । ଆମର ବର କେବଳ ଏହି ଯେ - ଜଳଶୂନ୍ୟ ବିସ୍ତାରିତ କ୍ଷେତ୍ରରେ ବଧ ଆମକୁ କର । ତୁମଠାରୁ ଆମେ ଯେପରି ମୃତ୍ୟୁକୁ ସ୍ଵୀକାର କରିଛୁ, ସେପରି ଆମ ବଚନକୁ ତୁମେ ସ୍ଵୀକାର କର ।

ତୁମେ ତୁମର ବଚନର ଧର୍ମକୁ ଯେପରି ରକ୍ଷା କରିଛ ସେପରି ମୁଁ ମଧ୍ଯ ମୋ ବଚନ ଧର୍ମକୁ ନିଶ୍ଚୟ ରକ୍ଷା କରିବି କହି ବିଷ୍ଣୁ ନିଜର ଜାନୁ ଦ୍ଵୟକୁ ବିସ୍ତାର କରି ଜଳଶୂନ୍ୟ କ୍ଷେତ୍ର ପ୍ରସ୍ତୁତ କରିଥିଲେ । ଜଳଶୂନ୍ୟ କ୍ଷେତ୍ରରେ ଆପେ ଆପେ ମଧୁକୈଠବ ନିଜର ମଥାଟି ମାନକୁ ନେଇ ବିଷ୍ଣୁଙ୍କ ଜାନୁ ଦେଶରେ ରଖିଥିଲେ । ସ୍ଵତଃ ସ୍ଵରୂପ ସୁଦର୍ଶନ ଚକ୍ର ଆସି ମଧୁକୈଠବଙ୍କ ମଥାକୁ ଗଣ୍ଡିରୁ ଅଲଗା କରି ଦେଇଥିଲା । ଗଣ୍ଡିରୁ ମଥା ଅଲଗା ଅଞ୍ଚଳକୁ ଲୋହର କ୍ଷେତ୍ର କୁହାଗଲା । ଏବଂ ସେ କ୍ଷେତ୍ରରୁ ପ୍ରକଟିତ ରକ୍ତ ଧାରାକୁ ଲୋହରଖଣ୍ଡି କହି, ନଦୀ ରହି ଆସିଛି । ଦାନବ ହୋଇ ମଧ୍ଯ ଯେଉଁ ବଚନ ଧର୍ମକୁ ଦୁହେଁ ରକ୍ଷା କରିଥିଲେ । ଏଣୁ ଦାନବଙ୍କ ଶରୀରରୁ ଯେଉଁ ମେଦ ଉତ୍ପତ୍ତି ହେଲା, ସେ ମେଦ, ମେଦିନୀ ବୋଲାଇ ଧର୍ମକ୍ଷେତ୍ର ରୂପେ ରହି ଆସିଛି । ମେଦିନୀ ରୂପକ ଶରୀରର ଦୈର୍ଘ୍ୟ ଚାରି ହଜାର କୋଶ । ତଦନୁ ପ୍ରକାରେ ପ୍ରସ୍ଥ ର ଦୈର୍ଘ୍ୟ ମଧ୍ଯ ଅଟେ । ମଧୁକୈଠବଙ୍କ ଦୈର୍ଘ୍ୟ ପ୍ରସ୍ଥରୁ ଯେଉଁ ମେଦିନୀର କ୍ଷେତ୍ର ପ୍ରସ୍ତୁତ ହୋଇଥିଲା ଉକ୍ତ ଧର୍ମ ବା ଧାରଣ କ୍ଷେତ୍ର ରୂପେ ପରିଚିତ । ଆଜକୁ ଧର୍ମ କ୍ଷେତ୍ରର ଉତ୍ପତ୍ତି ୧୯୮୮୮୫୧୭ ବର୍ଷ ଧରି ହୋଇ ରହିଛି । ଅଥବା ସ୍ଵୟମ୍ଭୁବ, ସ୍ଵରୋଚିଷ, ଉତ୍ତମ, ତାମସ, ରୈବତ, ଚାକ୍ଷୁସ ମନ୍ଵନ୍ତର ଯାଏଁ, କେବଳ ଥିଲା । ବୈବସତ୍ଵ ମନ୍ଵନ୍ତର ଆରମ୍ଭ କାଳରେ ତଥାକଥିତ (ହିମାଳୟ) ବା ହିମାଞ୍ଚଳ ପର୍ବତର ପ୍ରକଟ ହୋଇଥିଲା । ଏଥିସହ ମେଦିନୀ ବ୍ୟତୀତ ମର୍ତ୍ତ୍ୟମଣ୍ଡଳର ପୂର୍ଣ୍ଣାଙ୍ଗ ହୋଇପାରିଥିଲା ।

ବୈବସତ୍ଵ ମନ୍ଵନ୍ତର ପ୍ରାରମ୍ଭରୁ କିମ୍ବା ଆଜକୁ ୨୮ତମ ମହାଯୁଗରୁ ମର୍ତ୍ତ୍ୟମଣ୍ଡଳର ଉତ୍ପତ୍ତି ହୋଇଥିବା ଶ୍ରୀମଦ୍ ଭାଗବତରୁ ସୂଚନା ମିଳେ । କିନ୍ତୁ ଗବେଷକ ଧନପତ୍ ରାୟଙ୍କ Early History of mankind, Part 1, page 47 & C.Y Vaidya, Epic India, Page 269 ରେ ପୂର୍ଣ୍ଣ ବିବରଣୀ ରହିଛି ।

**କୁରୁକ୍ଷେତ୍ରେ ବା କୁରୁକ୍ଷେତ୍ରରେ**

ମେଦିନୀ ବା ଧର୍ମକ୍ଷେତ୍ରେ ଉତ୍ପତିର ୬ ଗୋଟି ମନ୍ଵନ୍ତର ୮ ଗଣ୍ଡା ମହାଯୁଗ ପରେ ଚକ୍ରବର୍ତ୍ତୀ ରାଜା କୁରୁଙ୍କ ଉତ୍ପତି । ରାଜା କୁରୁ ସୂର୍ଯ୍ୟବଂଶୀ କନ୍ୟା ତପତି ତଥା ଚନ୍ଦ୍ରବଂଶୀ ରାଜା ପୁରୁରବାଙ୍କ ମିଳନରୁ ରାଜା କୁରୁଙ୍କ ଜନ୍ମ ।

ରାଜା କୁରୁ ମତ୍ସ୍ୟ ଦେଶ ରାଜା ହେବା ପରେ ରାଜ୍ୟ ବିସ୍ତାର କରିଥିଲେ । ୧୩ ରାଜ୍ୟ ବିଶିଷ୍ଟ କୁରୁ ଜାଙ୍ଗଳ ଦେଶ ଗଠନ କରିଥିଲେ । ଯଥା (୧) ମତ୍ସ୍ୟ, (୨) ଚେଦି, (୩) ନୈଷଦ, (୪) ବିଦର୍ଭ, (୫) କୋଶଳ, (୬) ଉତ୍ତର କୋଶଳ, (୭) ମଗଧ, (୮) ପାଞ୍ଚାଳ, (୯) ହସ୍ତିନା, (୧୦) ବାରୁଣା, (୧୧) ଜୟନ୍ତା, (୧୨) ଯମପ୍ରସ୍ଥ, (୧୩) ଇନ୍ଦ୍ରପ୍ରସ୍ଥ । କିନ୍ତୁ ମତ୍ସ୍ୟ ଦେଶରେ କୁରୁ କ୍ଷେତ୍ର ରଚନା କରିଥିବା (ମହା ତିର୍ଥ ୮୩ ଅ. ୪ ଶ୍ଳୋକ) ବର୍ଣ୍ଣିତ । କୁହାଯାଇଛି – ଦକ୍ଷିଣେନ ସରସ୍ୱତୀ ଦୃଷତବତ୍ୟୁରେଣେ ଚ

ଯେବସନ୍ତି କୁରୁକ୍ଷେତ୍ରେ ତେବସନ୍ତି ତ୍ରିବିଷ୍ଟପେ ।

ଅର୍ଥାତ୍ – ସରସ୍ୱତୀ ବା ଋଷିକୂଲ୍ୟାର ଦକ୍ଷିଣ ଏବଂ ଦୃଷତ୍‌ବତୀ ବା ମହେନ୍ଦ୍ର ତନୟାର ଉତ୍ତର ପାର୍ଶ୍ୱରେ ଯେ ବସବାସ କରନ୍ତି, ସେମାନେ ସ୍ୱର୍ଗରେ ବସବାସ କଲାପରି ବୋଧ କରିବା ଉଚିତ୍ । କାରଣ ରାଜା କୁରୁ, କ୍ଷେତ୍ରଟିକୁ ବାରମ୍ବାର କର୍ଷଣ କରି ପବିତ୍ର କରିବା ସହ, ବର ଦେବା ଦେବତାମାନଙ୍କଠାରୁ ମଧ ବର ପ୍ରାପ୍ତ ହୋଇ ଆସିଛନ୍ତି । ମହା, ଗଦା, ଅ ୫୩ରେ ନିମ୍ନମତେ ବର୍ଣ୍ଣନାରେ ରହିଛି । ଶିରୋନାମା ତପସ୍ୱୀମାନଙ୍କ ଦ୍ୱାରା କୁରୁକ୍ଷେତ୍ରର ସୀମା ଓ ମହିମା । ଋଷିମାନଙ୍କ ବଚନରୁ – ଭଗବାନ ବଳରାମ ମହାଭାରତ ଯୁଦ୍ଧ କାଳରେ କୌଣସି ପକ୍ଷଭୂକ୍ତ ନହୋଇ ଉତ୍ତର କୁରୁକ୍ଷେତ୍ର ମଧରେ ଥିବା ତୀର୍ଥଯାତ୍ରା କାଳର ବିବରଣୀ କହିଛନ୍ତି ।

ଏହି ଅଧାୟର ଶ୍ଳୋକ ନଂ ୧ – ତୀର୍ଥ କ୍ଷେତ୍ରାଞ୍ଚଳ ସମନ୍ତ ପଞ୍ଚକ ଏକ ସନାତନ ତୀର୍ଥ ଅଟେ । ଏହା ପୁଣି ପ୍ରଜାପତି ବ୍ରହ୍ମାଙ୍କ ଉତ୍ତର ବେଦୀ ରୂପେ ପରିଚିତ । ଏଠାରେ ପ୍ରାଚୀନ କାଳରେ ମହାନ ବରଦାୟକ ଦେବତାମାନେ ବଡ଼ ବଡ଼ ଯଜ୍ଞର ଅନୁଷ୍ଠାନମାନ କରିଥିଲେ । ଯଜ୍ଞାନୁଷ୍ଠାନ ହେବା ପୂର୍ବରୁ ଅମିତ ତେଜସ୍ୱୀ ବୁଦ୍ଧିମାନ ରାଜର୍ଷି ପ୍ରବର ମହାତ୍ମା କୁରୁ ଅନେକ ବର୍ଷ ପର୍ଯ୍ୟନ୍ତ ଏହି କ୍ଷେତ୍ରକୁ ଚାଷ କରି ଚାଲିଥିଲେ । ଏଣୁ ଜଗତ ମଧରେ ଏହା କୁରୁକ୍ଷେତ୍ର ନାମେ ପରିଚିତ । ପୂର୍ବକାଳେ ପ୍ରତ୍ୟେକ ଶୁଭ କାର୍ଯ୍ୟ ସକାଶେ ଉଦ୍ଧତ ରହୁଥିବା ରାଜା କୁରୁ, କ୍ଷେତ୍ରକୁ ଯେଉଁ ପର୍ଯ୍ୟନ୍ତ ଚାଷ କରି ଚାଲିଥିଲେ, ସେ କାଳେ ଇନ୍ଦ୍ର ଦେବ ସ୍ୱର୍ଗରୁ ଅବତରି ଏପରି ଚାଷ କରିବାର କାରଣ ପଚାରି ଥିଲେ । ଏବଂ ରାଜା କୁରୁଙ୍କ ଠାରୁ ଉତ୍ତର ପାଇଥିଲେ ଯେ, ଯେଉଁ ମନୁଷ୍ୟ ଏହି କ୍ଷେତ୍ରରେ ମରିବେ, ସେ ପାପ ରହିତ ପୁଣ୍ୟାତ୍ମା ଲୋକକୁ ଯାତ୍ରା କରିବ । ରାଜା କୁରୁଙ୍କଠାରୁ ଇନ୍ଦ୍ର ଏପରି ଉତ୍ତର ଶୁଣି ଉପହାସ କରି ସ୍ୱର୍ଗ ଫେରି ଯାଇଥିଲେ । କିନ୍ତୁ ରାଜା କୁରୁ ଅବିଚଳିତ ଭାବେ ଭୂମି ଚାଷ କରି ଚାଲିଥିଲେ । ନିଜ କାର୍ଯ୍ୟକ୍ରମରୁ ବିରତ ନହେବା ରାଜା କୁରୁଙ୍କୁ, ଇନ୍ଦ୍ରଦେବ ଦେଖି ଏବଂ ବାରମ୍ବାର ସ୍ୱର୍ଗରୁ ଆସି ପଚାରି ଉପହାସ କରି ଫେରି ଯାଉଥିଲେ । ଯେଉଁ କାଳେ ରାଜା କୁରୁ କଠୋର ତଥା ତପସ୍ୟା ପୂର୍ବକ ଚାଷ କରି ଚାଲିଥିଲେ, ସେ କାଳେ ଇନ୍ଦ୍ରଦେବ ଦେବଜନଙ୍କ ଆଗରେ ରାଜା କୁରୁଙ୍କ ଚେଷ୍ଟା ଏବଂ କାର୍ଯ୍ୟାବଳୀକୁ ପ୍ରକାଶ କରିଥିଲେ । ଦେବଜନ ଶୁଣିବା ପରେ ଇନ୍ଦ୍ରଙ୍କୁ କହିଥିଲେ ଯଦି ସମ୍ଭବ, ରାଜା କୁରୁଙ୍କୁ ବର ପ୍ରଦାନ କରି ସମୟକୁ ଅନୁକୂଳ କର । କାରଣ ସେଠାରେ ମୃତ୍ୟୁ ପ୍ରାପ୍ତ ମନୁଷ୍ୟ ଯଦି ଆମକୁ ବିନା ପୂଜନରେ ସିଧା ସ୍ୱର୍ଗ ଚାଲିଯିବେ ତେବେ ଆମର ଯଜ୍ଞଭାଗ ନଷ୍ଟ ହୋଇଯିବ ।

ଇନ୍ଦ୍ରଦେବ ସ୍ୱର୍ଗରୁ ଫେରି ରାଜା କୁରୁଙ୍କୁ କହିଥିଲେ, ଆଉ କଷ୍ଟ ନକରି ମୋ କଥା ଶୁଣ । ଏଠାରେ ମନୁଷ୍ୟ, ପଶୁ, ପକ୍ଷୀ ଯେକୌଣସି ପ୍ରାଣୀ ମୃତ୍ୟୁପ୍ରାପ୍ତ ହେବ ତଥା ନିରାହାର ରହି ଯେଉଁମାନେ ପ୍ରାଣ ତ୍ୟାଗ କିମ୍ବା ଯୁଦ୍ଧରେ ମରିଲେ ମଧ ସ୍ୱର୍ଗ ପ୍ରାପ୍ତ ହେବ । ଇନ୍ଦ୍ରଙ୍କ କଥା ଶୁଣି କୁରୁ ଚାଷ ସମାପ୍ତ କଲେ । ଅତୀତରେ ରାଜା କୁରୁ ଏପରି କ୍ଷେତ୍ର ଚାଷ କରି ବରପାଇଥିଲେ । ଏଣୁ ଭୂ କ୍ଷେତ୍ରରେ ଏହି କ୍ଷେତ୍ର ବିନା ଅନ୍ୟ କୌଣସି ସ୍ଥାନ ପୂଣ୍ୟ ଦାୟକ ନୁହେଁ । ଯେଉଁ ମନୁଷ୍ୟ ଏହି କ୍ଷେତ୍ରରେ ରହି ତପସ୍ୟା କରିବ, ଦେହ ତ୍ୟାଗ ପରେ ସିଧା ବ୍ରହ୍ମଲୋକ ଯାତ୍ରା କରିବ । ପୂଣ୍ୟାତ୍ମା ପ୍ରାଣୀ ଏହି କ୍ଷେତ୍ରରେ ଦାନ ଦେଲେ, ଦାନମୂଲ୍ୟ ଶୀଘ୍ର ସହସ୍ର ଗୁଣରେ ପରିଣତ ହୋଇଯିବ । ଯେଉଁ ବ୍ୟକ୍ତି ସର୍ବ ଶୁଭତ୍ୱର ମାନସୀକତା ରଖି ଏଠାରେ ନିତ୍ୟ ନିବାସ କରେ, ତେବେ ତାଙ୍କୁ

ଯମଙ୍କ ରାଜ୍ୟ ଦେଖିବାକୁ ପଡ଼ିନଥାଏ । ଯେଉଁ ନରପତି ଏଠାରେ ବିଶିଷ୍ଟ ଯଜ୍ଞମାନ କରିବେ, ସେମାନେ ପୃଥିବୀ ଥିବା ଯାଏଁ ସ୍ୱର୍ଗ ଭୋଗ କରିବେ ।
କୁରୁକ୍ଷେତ୍ର ସମ୍ପର୍କକୁ ନେଇ ଦେବରାଜ ଇନ୍ଦ୍ର ନିଜେ କହିଛନ୍ତି, କୁରୁକ୍ଷେତ୍ରର ଧୂଳି ପବନରେ ଉଡ଼ି ଆସି ଯଦି ଦେହ ଉପରେ ପଡ଼ିଲେ ମଧ୍ୟ ସେ ବ୍ୟକ୍ତି ପରମ ପଦ ପ୍ରାପ୍ତ ହୋଇଥାଏ । ଏଠାରେ ବ୍ରାହ୍ମଣ ଶିରୋମଣି ତଥା ନୃପ ଆଦି ମୁଖ୍ୟ ମୁଖ୍ୟ ପୁରୁଷ ସିଂହ ନରେଶ ମାନେ ମହାନ ମହାନ୍ ଯଜ୍ଞ ଅନୁଷ୍ଠାନ ମାନ କରି ଦେହତ୍ୟାଗ କରିବା ପରେ ଉତ୍ତମ ଗତିକୁ ପ୍ରାପ୍ତ ହୋଇଥିଲେ ।

ତରନ୍ତୁକାରନ୍ତୁ କୟୋ ର୍ଯ୍ୟନ୍ଦନ୍ତରଂ
ରାମହ୍ଲାଦାନାଂ ଚ ମଚକ୍ରୁକସ୍ୟ ଚ
ଏତତ୍ କୁରୁକ୍ଷେତ୍ର ସମନ୍ତ ପଞ୍ଚଙ୍କ
ପ୍ରଜାପତେରତରବେଦି ରଚ୍ୟତେ ॥

ତରନ୍ତୁକ, ଅରନ୍ତୁକ, ରାମହ୍ଲାଦ (ପରଶୁରାମ କୁଣ୍ଡ) ତଥା ମଚକ୍ରୁକ, ଏପରି ଚାରି ଦ୍ୱାର ମଧ୍ୟରେ ଯେଉଁ ଭୂଭାଗ ଅଞ୍ଚଳ ସମନ୍ତ ପଞ୍ଚକ ବା କୁରୁକ୍ଷେତ୍ର ଅଟେ । ଏହି ସମୁଦାୟ କ୍ଷେତ୍ର ପ୍ରଜାପତିଙ୍କ ଉତ୍ତରବେଦି ରୂପେ ପରିଚିତ ।

**ତରନ୍ତୁକ ଦ୍ୱାର ଓ ଏହାର ବିବରଣୀ**

ଏହି ତରନ୍ତୁକ ଦ୍ୱାରଟି ଅତ୍ୟନ୍ତ ପ୍ରାଚୀନ ତଥା ଏହି ଦ୍ୱାରର କାରଣ ହେଲେ ମାତା ଦେବହୁତୀ । ମାତା ଦେବହୁତୀ ନବକନ୍ୟାଙ୍କ ଜନନୀ ହେବାପରେ ଭଗବାନ୍ କପିଳଙ୍କ ମାତା ମଧ୍ୟ ବୋଲାଇ ଥିଲେ । ସରସ୍ୱତୀଙ୍କ ମକୁଟ ସଦୃଶ୍ୟ କ୍ଷେତ୍ର ଋଷ୍ୟମାଳ ଅନ୍ତର୍ଗତ ପଦ୍ମନାଭ ଗିରି ପାଦ ଦେଶରେ ବିଦ୍ୟମାନ ଥିବା, ପିଣ୍ଡିକାରିପି (ପିଡିକାରିପି)ଠାରେ ମାତା ଦେବହୁତୀଙ୍କୁ ଯେଉଁ ସାଙ୍ଖ୍ୟ ଦର୍ଶନ ପୁତ୍ର କପିଳ ପ୍ରଦାନ କରିଥିଲେ, ତାହା ଅଦ୍ୱିତୀୟ   ତଥା ଅବିସ୍ମରଣୀୟ । ସେଥିରେ ଶ୍ରୀମଦ୍ ଭାଗବତ ୩ୟ ସ୍କନ୍ଦରେ ଲିପିବଦ୍ଧ ହୋଇ ରହିଥିବା ଦେବହୁତୀଙ୍କ ପ୍ରଶ୍ନ କପିଳଙ୍କ ଉତ୍ତର ଥିବା ଅଧ୍ୟାୟ ୨୫ ଠାରୁ ମହଦାଦି ଭିନ୍ନ ଭିନ୍ନ ତତ୍ତ୍ୱର ଉତ୍ପତି, ପ୍ରକୃତି ପୁରୁଷ ବିବେକ ଦ୍ୱାର, ମୋକ୍ଷ ପ୍ରାପ୍ତି, ଅଷ୍ଟାଙ୍ଗ ଯୋଗ ବିଧି, ଭକ୍ତିର ମର୍ମ ତଥା କାଳର ମହିମା, ଦେହ ଗେହ ଆସକ୍ତ ପୁରୁଷର ଅଧୋଗତି, ମନୁଷ୍ୟ ଯୋନି ଯାତ ତଥା କାଳର ଗତି, ଧୂମମାର୍ଗ ଏବଂ ଅର୍ଚି ମାର୍ଗର ପ୍ରବେଶର ଗତି ତଥା ଭକ୍ତି ଯୋଗର ଉତ୍କୃଷ୍ଟତା, ଏପରି ଦେବଦୂତୀ ତତ୍ତ୍ୱ ଜ୍ଞାନ ପାଇ ମୋକ୍ଷ ପଥରେ ଅଗ୍ରସର ହୋଇଥିଲେ ।

ମାତା ଦେବହୁତୀଙ୍କୁ ସାଂଖ୍ୟ ଦର୍ଶନ ଶୁଣାଇବା ପରେ ଭଗବାନ କପିଳ ତପସ୍ୟାକୁ ଯିବା ପାଇଁ ଅନୁମତି ମାତାଙ୍କୁ ମାଗିଥିଲେ । ମାତା କିନ୍ତୁ ପୁତ୍ରକୁ ପ୍ରଶ୍ନ କରିଥିଲେ- ପୁତ୍ର ! ପିତା ତ ତପସ୍ୟାକୁ ଚାଲି ଯାଇ ଅଛନ୍ତି, ବର୍ତ୍ତମାନ ତୁ ତପସ୍ୟାକୁ ଯିବାକୁ କହୁଛୁ । ମୁଁ କାହା ସାହାଯ୍ୟରେ ଏହି ସଂସାର ସାଗରରୁ ତରିବି ? ଉତ୍ତରରେ ଭଗବାନ କପିଳ ଯାହା କହିଥିଲେ – ସେପରି ଦେବହୁତୀ, ପୁତ୍ର କହିଥିବା ପଥରେ ଅଗ୍ରସର ହୋଇଥିଲେ । ସେ ପୁତ୍ର, ଭଗବାନଙ୍କ କଥାକୁ ମାନ୍ୟତା ଦେଇ ଏବଂ ତାଙ୍କରି ହିଁ ଚିନ୍ତା କରି କରି କିଛି ଦିନ ପରେ ଐଶ୍ୱର୍ଯ୍ୟ ସମ୍ପୂର୍ଣ୍ଣଠାରୁ ମଧ୍ୟ ଅଧିକ ଜଣା ଯାଉଥିଲେ । ଏପରି ଜୀବର ଅଧିଷ୍ଠାନ ଭୁକ୍ତ ପରବ୍ରହ୍ମ ଶ୍ରୀ ଭଗବାନଙ୍କ ବୁଦ୍ଧି ପ୍ରଭାବରେ ଜୀବଭାବ ନିବୃତ୍ତ ହୋଇ ଯାଇଥିଲା । ଏଣୁ ସେ ସମସ୍ତ ତାପରୁ ମୁକ୍ତ ହୋଇ ପରମାନନ୍ଦରେ ନିମଗ୍ନ ହୋଇ ଯାଇଥିଲେ । ତାଙ୍କର ଶରୀର ପୋଷଣ ବାହ୍ୟ ଜନଙ୍କ ଦ୍ୱାରା ହୋଇଥିଲା ।

ମାତା ଦେବହୁତୀ ପୁତ୍ର କପିଳଙ୍କ କଥା ପାଳନ କରି ନିତ୍ୟମୁକ୍ତ ପରମାତ୍ମାଙ୍କୁ ପ୍ରାପ୍ତହୋଇ ପାରିଥିଲେ । ଯେଉଁ ସ୍ଥାନରେ ସେ ସିଦ୍ଧି ପ୍ରାପ୍ତ ହୋଇଥିଲେ, ସେ ପରମ ପବିତ୍ର କ୍ଷେତ୍ର ତିନି ଲୋକରେ ସିଦ୍ଧପଦ ନାମରେ ଖ୍ୟାତ । ସେ କ୍ଷେତ୍ରଟି ଆଜି କରଡ଼ାନାଳ ରୂପେ ପରିଚୟ ଦିଏ । ଯୋଗ ସାଧନ ଦ୍ୱାରା ସମୁଦାୟ ଦୈହିକ ମଳ ଦୂର ହୋଇ ଯାଇଥିଲା । ଏବଂ ସେ ଏକନଦୀ ରୂପରେ ଜରଡ଼ା କ୍ଷେତ୍ରରୁ ପ୍ରବାହିତ ହୋଇଥିଲେ । ଯେଉଁ ନଦୀ ଜଳ ସିଦ୍ଧ ଗଣଙ୍କ ଦ୍ୱାରା ସେବା ପ୍ରାପ୍ତ ଏବଂ ସମସ୍ତ ପ୍ରକାର ସିଦ୍ଧି ପ୍ରାପ୍ତ କରାଇ ଥାଏ ।

ଏପରି ସିଦ୍ଧିପ୍ରାପ୍ତ ଜଳଧାର (କରଡ଼ା) ନାଳ ବା ଦେବହୁତୀ ନଦୀ, ସରସ୍ୱତୀ, ଜଳଧାରରେ ମିଳନ ହେବା କାରଣରୁ ମାତା ଦେବଦୁତୀ ମାୟା ସଂସାରରୁ ତରି ଯାଇଥିଲେ । ଇତ୍ୟାଦି ଅନେକ କାରଣରୁ ଏହି ମୁହାଣ କ୍ଷେତ୍ର 'ତରନ୍ତୁକ' ନାମରେ ପ୍ରଚଳିତ । ଅର୍ଥାତ୍ ଏଠାରେ କ୍ଷେତ୍ର କୁବେରଙ୍କ ଅଧିକାରରେ ଥିବା କାରଣରୁ ଜଣେ ବଳବାନ୍ ଯକ୍ଷ ତରନ୍ତୁକଙ୍କ ଦାୟିତ୍ୱରେ କ୍ଷେତ୍ର ରହିଥିବା (ମହା.ତୀର୍ଥ ଅଧ- ୭୩ ଶ୍ଳୋ ୧୫.୧୬) ସୂଚାଏ ।

ତତୋଗଚ୍ଛେତ୍ ଧର୍ମଜ୍ଞ ଦ୍ୱାରପାଳ ତରନ୍ତୁକମ୍ ।। ୧୫
ତତ୍ରଷ୍ୟୋ ରଜନୀମେକାଂ ଗୋସହସ୍ର ଫଳଂ ଲଭେତ୍ ।।

ଏହା ଏକ ସନାତନ ତୀର୍ଥ । ରଜନୀ ମେକାଂ ଗିରିର ଅତି ସମୀପ ତଥା ଏଠାରେ ସ୍ନାନ କରି ମୃତଜନର ଅସ୍ଥି ନିକ୍ଷେପ କଲେ, ସେ ବ୍ୟକ୍ତି ମୁକ୍ତି ପାଇ ନିଶ୍ଚୟ ତରିଯିବ ।

**ଅରନ୍ତୁକ ଦ୍ୱାର ଏବଂ ଏହାର ବିବରଣୀ**

ଏହି ଅରନ୍ତୁକ କ୍ଷେତ୍ର ବା ଅରନ୍ତୁକ ଦ୍ୱାରପାଳ ସୁରକ୍ଷା କରି ଆସୁଥିବା କୁରୁକ୍ଷେତ୍ରର ପୂର୍ବ ଦ୍ୱାରକୁ ଜଣେ ଯକ୍ଷ ଜଗି ରହିଛି, ଯେ କି କୁବେରଙ୍କ ଦ୍ୱାରା ନିଯୁକ୍ତ । ଏହି କ୍ଷେତ୍ରରେ ନିଯୁକ୍ତ ଜଣେ ମହା ବଳନାନ ଯକ୍ଷ ପଛରେ ଏକ ଭୟଙ୍କର ଘଟଣାକୁ ନିମ୍ନରେ କୁହାଗଲା । (ମହା, ତୀର୍ଥ ଅ ୭୩, ଶ୍ଳୋକ ୫୨, ୧/୨)
ତତୋ ଗଚ୍ଛେତ୍ ରାଜେନ୍ଦ୍ର ଦ୍ୱାରପାଳମାରନ୍ତୁକମ୍ ।।
ତତ୍ରତୀର୍ଥ ସରସ୍ୱତ୍ୟା ଯକ୍ଷେନ୍ଦ୍ରସ୍ୟ ମହାତ୍ମନଃ ।
ତ୍ରା ସ୍ନାତ୍ୱା ନରୋରାଜନ୍ନଗ୍ନିଷ୍ଟୋମ ଫଳ ଲଭେତ୍ ।।

ଅର୍ଥାତ୍ ତା ପରେ ଅରନ୍ତୁକ ନାମକ ଦ୍ୱାରପାଳ ସମିପ ଯିବ । ଯକ୍ଷରାଜ ମହାତ୍ମା କୁବେରଙ୍କ ଏହା ଏକ ତୀର୍ଥ କ୍ଷେତ୍ର । ଏବଂ କ୍ଷେତ୍ର ସରସ୍ୱତୀ ନଦୀ ଗର୍ଭରେ ରହିଛି । ସେଠାରେ ଥିବା ସାଗର ସରସ୍ୱତୀ ସଙ୍ଗମଠାରେ ସ୍ନାନ କଲେ ମନୁଷ୍ୟ ଅଗ୍ନିଷ୍ଟୋମ ଯଜ୍ଞ ଫଳକୁ ପ୍ରାପ୍ତ ହୋଇ ପାରିଥାନ୍ତି ।

ଗୋପାଳ ପୁରଠାରୁ ପ୍ରାୟ ୨୫ରୁ ୩୦ କି.ମି ଦୂର ପୂର୍ବ ପାର୍ଶ୍ୱରେ ତଥା ସାଗର ମଧ୍ୟରେ ଏକ ବିଶାଳ ପାହାଡ ରହିଛି । ଏହି ପାହାଡ଼ ସମିପରେ ଋଷିକୂଲ୍ୟା ସରସ୍ୱତୀ ଜଳଧାର ସମୁଦ୍ରରେ ମିଶିଛି । ଯେଉଁ ସମୟରେ ସମୁଦ୍ର ପ୍ରଭାବ ଏହି ପାହାଡ଼ ପର୍ଯ୍ୟନ୍ତ ଥିଲା, ସେ ସମୟେ ସମୁଦ୍ର କଳିଙ୍ଗ ସାଗର ବୋଲାଉଥିଲା । ଦ୍ୱାରିକା ଜଳମଗ୍ନ ହେବା କାଳେ ଏହି କୁରୁକ୍ଷେତ୍ରର ଏକ ବିଶାଳ ଅଙ୍ଗ ସମୁଦ୍ର ଗର୍ଭରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ଏବଂ କାଳକ୍ରମେ କଳିଙ୍ଗରୁ ବଙ୍ଗୋପ ସାଗରରେ ପରିଣତ ହୋଇଥିଲା । ମହାରାଜା କୁରୁଙ୍କ ଏହି ଦକ୍ଷିଣ ପାର୍ଶ୍ୱ କ୍ଷେତ୍ରରେ କୌରବ ଓ ପାଣ୍ଡବଙ୍କ ମଧ୍ୟରେ ଘୋର ସମର ହୋଇଥିବା ସମ୍ଭାବନା । ଯେଉଁ ଦକ୍ଷିଣୋତ୍ତର

କୁରୁକ୍ଷେତ୍ରରେ  ଘୋର ସମର ହେଉଥିବା କାଳେ ଭଗବାନ ବଳରାମ ସମର ପ୍ରାଙ୍ଗଣ ମଧ୍ୟରେ କୌଣସି ପକ୍ଷ ଭୁକ୍ତ ନହୋଇ ଉତ୍ତର କୁରୁକ୍ଷେତ୍ରରେ ଥିବା ତୀର୍ଥ କ୍ଷେତ୍ର ଗୁଡ଼ିକ ଦର୍ଶନ କରିବାରେ ଲାଗିଥିଲେ ।
ଦେବତାମାନେ ଦଧିଚି ମୁନୀଙ୍କ ଅସ୍ଥିରେ ବଜ୍ର କରି ବୃତ୍ତାସୁରକୁ ଉଦ୍ଧାର କରିବା ପରେ ବୃତ୍ରାସୁର ସମର୍ଥକ କାଳେୟ ଦୈତ୍ୟଗଣ ରାତ୍ରକାଳେ ତପସ୍ୱୀ ମାନଙ୍କ ଆଶ୍ରମମାନଙ୍କୁ ଯାଇ ନାନା ବିଧ ହଇରାଣ ହରକତ କରୁଥିଲେ । ଏହାର ସମାଧାନକୁ ଆଖି ଆଗରେ ରଖି ଏବଂ ବିଷ୍ଣୁଙ୍କ ଆଦେଶ ପ୍ରକାରେ ମହର୍ଷି ଅଗସ୍ତିଙ୍କ ଦ୍ୱାରା ଏହି ସରସ୍ୱତୀ ସାଗର ସଙ୍ଗମଠାରେ ସାଗରଜଳ ଚୂଚୁମାଇ ସାତ ସମୁଦ୍ରକୁ ଶୁଷ୍କ କରାଇଥିଲେ । ଦେବତାମାବେ ସମୁଦ୍ର ଶୁଷ୍କ ହୋଇଯିବା ପରେ କାଳେୟ ଦୈତ୍ୟମାନଙ୍କୁ ଖୋଜି ଖୋଜି ହତ୍ୟା କରିଥିଲେ । ମହର୍ଷି ଅଗସ୍ତି କିନ୍ତୁ ସେଠାରେ ଅଗସ୍ତି ଗାଁ ତପସ୍ୱୀଙ୍କ ପାଇଁ ଅତୀତରେ ବସାଇଥିଲେ । କିନ୍ତୁ ସେହି ଅଗସ୍ତି ଗାଁ ସମୁଦ୍ର ଗର୍ଭସ୍ଥ ହୋଇ ଯିବା କାରଣରୁ, ଆଜିର ଛତ୍ରପୁର ସହର ସମିପଠାରେ ଅଗସ୍ତି ନୂଆଗାଁ ନାମେ ଜନପଦ ତଥା ଅଗସ୍ତେଶ୍ୱର, ଶୋଭା ଧାରଣ କରି ରହିଛନ୍ତି । କିନ୍ତୁ ଯେଉଁ ଦକ୍ଷିଣର ବିଶାଳ କୁରୁକ୍ଷେତ୍ରରେ କୌରବ ପାଣ୍ଡବଙ୍କ ମଧ୍ୟରେ ସମର ହୋଇଥିଲା, ସେ କ୍ଷେତ୍ର ବଙ୍ଗୋପ ସାଗର ମଧ୍ୟରେ ରହିଛି । କାରଣ ଧର୍ମକ୍ଷେତ୍ରରେ ହିଁ କୁରୁକ୍ଷେତ୍ରର ଅସ୍ତିତ୍ୱ ଥିବା ପାଠ କହେ । ଅରନ୍ତୁକ କ୍ଷେତ୍ର ଜଳ ପ୍ଲାବିତ ହେବା କାରଣ ମଧ୍ୟ ରହିଛି ।

ଦ୍ୱାପର ଯୁଗର ଅନ୍ତିମ ଚରଣରେ କୌରବ ପାଣ୍ଡବଙ୍କ ମଧ୍ୟରେ ଯେଉଁ ସମର ହୋଇଥିଲା ଏବଂ ସେହି ସମର ଶେଷରେ ଅଶ୍ୱସ୍ଥାମାଙ୍କ ବ୍ରହ୍ମାସ୍ତ୍ର ପ୍ରୟୋଗ, ପରିବେଶ ପାଇଁ ଅତ୍ୟନ୍ତ ଦୁଃଖ ଦାୟକ ଥିଲା । ସୁରକ୍ଷାକୁ ନେଇ ଶ୍ରୀକୃଷ୍ଣଙ୍କ ଆଦେଶରେ ଅର୍ଜୁନ ମଧ୍ୟ ବ୍ରହ୍ମାସ୍ତ୍ର ପ୍ରୟୋଗ କରିଥିଲେ । ଉଭୟ ବ୍ରହ୍ମାସ୍ତ୍ର ପରସ୍ପର ମୁହାଁମୁହିଁ ହେବା ପୂର୍ବରୁ, ମଧ୍ୟରେ ବ୍ୟାସଦେବ ଏବଂ ନାରଦ ଛିଡାହୋଇ ସଂଘର୍ଷକୁ ଆବଦ୍ଧ କରି ଦେଇଥିଲେ । ଯଦ୍ୱାରା ପରସ୍ପର ପ୍ରଭାବରେ ନ ଆସି ଜଗତ ରକ୍ଷା ପାଇଯାଇଥିଲା ସତ କିନ୍ତୁ କ୍ଷେତ୍ର ଉପରେ ପ୍ରଭାବ ପଡିଥିଲା । ଏବଂ ସମୁଦ୍ରର ସ୍ଖରଣ, ପଶ୍ଚିମକୁ କିଛି କାଳ ପରେ ପଡ଼ିଥିଲା ପ୍ରଭାବ । ଏଣୁ ରାଜା କୁରୁଙ୍କ ଦ୍ୱାରା ହୋଇଥିବା ପ୍ରସ୍ତୁତ କ୍ଷେତ୍ର ଅରନ୍ତୁକ ଦ୍ୱାର ପ୍ରକୃତ କ୍ଷେତ୍ରରେ ନ ରହି ପଶ୍ଚିମକୁ ଆକର୍ଷିତ ହୋଇ ରହି ଆସିଛି ।

**ମଚକ୍ରୁକ ଦ୍ୱାର ଓ ଏହାର ବିବରଣୀ**

ଏହି ଦ୍ୱାରଟି କୁରୁକ୍ଷେତ୍ରର ଉତ୍ତର ପାର୍ଶ୍ୱରେ ରହିଛି । ମହାତ୍ମା କୁବେର ଏହି ଦ୍ୱାର ସୁରକ୍ଷା ସକାଶେ ଜଣେ ଶକ୍ତିଶାଳୀ ଯକ୍ଷ ମଚକ୍ରୁକ ନାମେ ନିଯୁକ୍ତି ଦେଇଛନ୍ତି । ମହା.ତୀର୍ଥ ଅଧ୍ୟା ୭୩, ଶ୍ଳୋକ ୯ କହେ –
ତତୋ ମଚକ୍ରୁକଂ ନାମ ଦ୍ୱାରପାଳଂ ମହାବଳମ୍ ।
ଯକ୍ଷଂ ସମଭିବାଧେବ ଗୋସହସ୍ର ଫଳଂ ଲଭେତ୍ ॥

କ୍ଷେତ୍ରସ୍ଥଳଟି ମେଦିନୀ ବା ଧର୍ମ କ୍ଷେତ୍ରର ମଧ୍ୟବିନ୍ଦୁ । ତଥା ଏହାର ନାମ ଅଟେ କାଳଜୟୀ, ମେରୁ ବା ଜୟଦେବଙ୍କ ଭାଷାରେ ଗୋବିନ୍ଦ ବା ବ୍ରହ୍ମଗିରି । ପୁନଃ ଭାଗବତ ୩-୧୮-୮ ଶ୍ଳୋକରୁ ଜଣାଯାଏ ବରାହ ଭଗବାନ ହିରଣାକ୍ଷ କବଳରୁ ପୃଥିବୀକୁ ଉଦ୍ଧାର କରି ଆଣିବା ପରେ ଜଳର ଉପରି ଭାଗରେ ଏହି ମଚକ୍ରୁକ ସ୍ଥଳିରେ ସ୍ଥାପନ କରି ନିଜର ଆଧାର ଶକ୍ତିକୁ ସଂଚାର କରିଥିଲେ । ଏବଂ ଜଣେ ମଚକ୍ରୁକ ନାମକ ଯକ୍ଷକୁ ସୁରକ୍ଷା ପାଇଁ ଦାୟିତ୍ୱ ଏଠାରେ ଦେଇଥିଲେ ।

ଯେଉଁ କାଳେ କ୍ଷେତ୍ରାଞ୍ଚଳ କ୍ଷୀର ସମୁଦ୍ରର ପ୍ରଭାବରେ ଥିଲା, ସେ କାଳେ ଦେବାସୁରଙ୍କ ସଂଗ୍ରାମ ଚାଲିଥିଲା । କାରଣ ସମାଧାନକୁ ନେଇ ଦେବାସୁର ଏଠାରେ ମନ୍ଦର ଗିରି ଦ୍ୱାରା ସମୁଦ୍ର ମନ୍ଥନ କରିଥିଲେ । ସମୁଦ୍ର ମନ୍ଥନ ବେଳେ ପ୍ରଥମେ ଚନ୍ଦ୍ରମାଙ୍କ ପ୍ରକଟ ହୋଇଥିଲା । ପରେ ପରେ ଲକ୍ଷ୍ମୀଦେବୀ, କୌସ୍ତୁଭ ମଣି ପ୍ରକଟ ହୋଇଥିଲା

। ପାରିଜାତ ପୁଷ୍ପ ବୃକ୍ଷ, ଗୋମାତା ସୁରଭି ସହିତ ଲକ୍ଷ୍ମୀ, ସୁରା, ଉଚୈଶ୍ରବା ଘୋଡ଼ା ଇତ୍ୟାଦି ପ୍ରକଟ ପରେ ଐରାବତ ହସ୍ତି ପରେ ପରେ ଅମୃତର ଶ୍ୱେତ କଳସ ଧରି ଭଗବାନ ଧନ୍ୱନ୍ତରି ପ୍ରକଟ ହୋଇଥିଲେ । ଆଶାର ଉଗ୍ରତାକୁ ନେଇ ପୁଣି ମନ୍ଥନ ପରେ କେବଳ ଉଗ୍ର ବିଷ ପ୍ରକଟ ହୋଇଥିଲା । ସେ ବିଷକୁ ମହାଦେବ ଗ୍ରହଣ କରି ସେହିଠାରେ ହିଁ ବସି ରହିଥିବା ଜଣାଯାଏ । ତଥା ରାହୁ କେତୁଙ୍କ ପ୍ରତିଭା ଏଠାରେ ପ୍ରକଟ ହୋଇଥିଲା ।

ଏଥି ପୂର୍ବରୁ ଏଠାରେ ଧର୍ମ ଏବଂ ମୂର୍ତ୍ତିଙ୍କ ଗର୍ଭରୁ ନର ନାରାୟଣ କୃଷ୍ଣ ହରି ଜାତ ହୋଇଥିଲେ । ନରନାରାୟଣ ଗନ୍ଧମାର୍ଦନକୁ ତପସ୍ୟାକୁ ଚାଲି ଯିବା ପରେ, ଲତାଗୁଳ୍ମ ବୃକ୍ଷାଦିରେ ହରି ପ୍ରତୀୟମାନ ହୋଇଥିଲେ । ଏବଂ କୃଷ୍ଣ ଗୋବିନ୍ଦଙ୍କ ଅଲାରନାଥ ରୂପେ ଆରାଧନା ପାଇ ବସିଛନ୍ତି (ମହା, ଶାନ୍ତି ୩୩୪ ଅଶ୍ଳୋ ୯) ଏହି ଚାରି ଅବତାର ବ୍ୟତୀତ କଚ୍ଛପ, ଧନ୍ୱନ୍ତରୀ ତଥା ମୋହିନୀ ରୂପ ଧରି ଅମୃତ ବଣ୍ଟନ କରିଥିଲେ ।

ଏହି ଦ୍ୱାର କ୍ଷେତ୍ରରେ ଅତ୍ୟନ୍ତ ଆନନ୍ଦ ଉପଲବ୍ଧି କରି ମହର୍ଷି ମଙ୍କଣକ ଯେଉଁ ନୃତ୍ୟ କରିଥିଲେ, ତାହା ଓଡ଼ିଶି ନୃତ୍ୟ ରୂପେ ପରିଚିତ ହୋଇ ରହି ଆସିଛି । ଏଠାରେ ବାୟୁଙ୍କୁ ସାତଭାଗ ଯଥା – ୧) ବାୟୁବେଗ, ବାୟୁବଳ, ବାୟୁହା,ବାୟୁମଣ୍ଡଳ, ବାୟୁ ଜ୍ୱାଳା, ବାୟୁରେତା ଏବଂ ବାୟୁଚକ୍ର । ମରୁତ ଦେବଙ୍କୁ ସାତଭାଗ କଲାପରେ, ମରୁତ ସମିରଣ ପ୍ରବାହିତ କରି ଅତି ମନୋହର ସୁନ୍ଦର ରୂପେ କ୍ଷେତ୍ରାଞ୍ଚଳକୁ ଦର୍ଶାଇ ଥିଲେ । ଏଥକୁ ନେଇ ଗୀତ ଗୋବିନ୍ଦରେ ଜୟଦେବ କହିଛନ୍ତି ।
ରତିସୁଖସାରେ ଗତମଭି ସାରେ ମଦନ ମନୋହର ବେଶଂ ।
ନକୁରୁ ନିତମ୍ବିନୀ ଗମନବିଳମ୍ବିନୀ ମନୁ ସରୁତ ହୃତ ୟେସଂ ।

**ରାମହ୍ଳଦ ଦକ୍ଷିଣ ତଥା ଏହାର ବିବରଣୀ**
ଜମଦଗ୍ନି ନନ୍ଦନ ପରଶୁରାମ ଯେତେବେଳେ ଜାଣିଲେ ଯେ ପିତାଙ୍କ ସ୍ୱାଧ୍ୟାୟ ସହଯୋଗି କାମଧେନୁଙ୍କୁ ବଳାତ୍କାରରେ କ୍ଷେତ୍ରୀୟ ସହସ୍ରାର୍ଜୁନ ପିତାଙ୍କଠାରୁ ନେଇ ଯାଇଛି । ଏଣୁ ସେ କାମଧେନୁଙ୍କୁ ଉଦ୍ଧାର କରିବାକୁ ବର୍ତ୍ତମାନର ବିରିସିଙ୍ଗି ପାହାଡ଼, ସେ ସମୟେ ମହିଷ୍ମତୀ ପୁରୀ ନାମେ ଖ୍ୟାତ ଥିଲା । ଏକଲା ପରଶୁରାମ ସମ୍ରାଟ ସହସ୍ରାର୍ଜୁନ ସୈନ୍ୟଙ୍କୁ ସମୁଳେ ନିଶ୍ଚିହ୍ନ କରି ଗୋମାତାଙ୍କୁ ଉଦ୍ଧାର କରି ପିତାଙ୍କୁ ନେଇ ଅର୍ପଣ କରିଥିଲେ ।

ସହସ୍ରାର୍ଜୁନର ସହସ୍ର ନନ୍ଦନ ପିତାଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ବାରମ୍ବାର ଚେଷ୍ଟା ଚଳାଇଥିଲେ । ଦିନେ ପରଶୁରାମ ଓ ତାଙ୍କ ଭାଇମାନେ ମହେନ୍ଦ୍ରଗିରି ଆଶ୍ରମଠାରେ ନଥିବା ଜାଣି ଲୁଚି ଲୁଚି ସହସ୍ରାର୍ଜୁନ ସନ୍ତାନମାନେ ଯାଇ ଜମଦଗ୍ନି ମୁନୀଙ୍କ ଶରୀରରୁ ମଥାକୁ ଅଲଗା କରି ଦେଇଥିଲେ । ଯଦ୍ୱାରା ମଥା ଅଙ୍ଗଟି ଯଥେଷ୍ଟ ଦୂରରେ ଯାଇ ପଡ଼ିଥିଲା । କ୍ଷେତ୍ରଟି ଆଜି ଜରାଅଙ୍ଗ ପରିବର୍ତ୍ତେ, ଜିରାଙ୍ଗ ବୋଲାଇ ଆସୁଛି ।

ପରଶୁରାମ ଆଶ୍ରମ ଫେରି ସମସ୍ତ କଥା ଜାଣିବା ପରେ ରାଜ୍ୟକୁ ନିକ୍ଷତ୍ରି କରିବା ପଣ ନେଇ ମହିଷ୍ମତି ପୁରିକୁ ପରଶୁ ଧରି ଯାତ୍ରା କରିଥିଲେ । ସମସ୍ତ କ୍ଷତ୍ରିୟଙ୍କୁ ହତ କଲାପରେ ଦେଖିଲେ ପାଞ୍ଚଜଣ ଯଥା- ୧) ଜୟଧ୍ୱଜ, (୨) ଶୁରସେନ, (୩) ବୃଷଭ, (୪) ମଧୁ ଏବଂ ୫) ଉର୍ଜିତ ଭୟରେ ଛପି ଯାଇଥିଲେ । ଏଣୁ ସେ ଧର୍ମ କ୍ଷେତ୍ର ବା ପୃଥ୍ୱୀକୁ ଏକବିଂଶ ଥର ପରିକ୍ରମା କରି ପାଞ୍ଚ ଜଣକୁ ଧରିଥିଲେ । ଏବଂ ଓଟାରି ଓଟାରି ଉପଯୁକ୍ତ ସ୍ଥାନକୁ ନେଇଥିଲେ । ସେ ପାଞ୍ଚ ଜଣକୁ ହତ୍ୟା କରି ଜଣ ଜଣକ ରକ୍ତ ପାଞ୍ଚ ତମ୍ବା ପାତ୍ରରେ ସଂଗ୍ରହ କରି, ପିତୃଙ୍କୁ ତର୍ପଣ କରିଥିଲେ । ଏଠାରେ ମଧ ଜଣେ ମହାବଳି ଯକ୍ଷ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି । ଏଣୁ କ୍ଷେତ୍ରକୁ

ପରଶୁରାମ କୁଣ୍ଡ ବୋଲାଇବା ସତ୍ତ୍ୱେ କୁରୁ କ୍ଷେତ୍ରର ଚତୁର୍ଥ ଦ୍ୱାର ରୂପେ ପରିଚିତ । ମହା.ଆଦି ଅ.୨, ଶ୍ଳୋକ ୮,୯ ପାଠ କରଣୀୟ ।

**ସମବେତା ନା ସମବେତ ର ବିବରଣି**

ସୁତ୍ର ବ୍ୟାକରଣର ଆଧାରରେ ସମବେତା ର ରଚି ମିଳେ ଏଳବଚନରେ କିନ୍ତୁ ସମବେତର ରଚିଦୃଶ କିନ୍ତୁ ବହୁବଚନକୁ । ପୁନଃ ସମବେତ କର୍ତ୍ତା ହେଲେ ଆକାର ଯୁକ୍ତ ଆରମ୍ଭରେ ଯୁକ୍ତ ଯୁଯୁତ୍ସବ - ଅଯୁଯୁତ୍ସବ କ୍ରିୟାର ପ୍ରାକଟ୍ୟ ଦିଏ । ଏଠାରେ ଅଯୁଯୁତ୍ସବ ବା ଯୁଝିବା ସପକ୍ଷରେ ନୁହନ୍ତି ସେମାନେ ସବୁ କିଏ –
ସେମାନେ ସମୁହେ ହେଲେ ତପସ୍ୱୀ । ସେ ସମସ୍ତେ ପ୍ରାୟ ବ୍ରହ୍ମର୍ଷି, ଦେବର୍ଷି, ମହର୍ଷି, ରାଜର୍ଷି ତଥା ଋଷି ବା ତପସ୍ୱୀ । ଏପରି ସମସ୍ତ ତାପସ କୁରୁକ୍ଷେତ୍ର ସୀମା ତଥା ଏହାର ସମିପ ତଥା ମଧରେ ବସବାସ କରି ଆସିଛନ୍ତି ବା ସମବେତ ହୋଇଛନ୍ତି ।
ବ୍ରହ୍ମର୍ଷି ଗଣ- ପୁଲହ, ପୌଲସ୍ତ୍ୟ, ଅତ୍ରି, ଅଙ୍ଗିରା, ବଶିଷ୍ଟ, କ୍ରତୁ, ମରିଚି, ଅଥର୍ବଣ, ଭୃଗୁ, ଦକ୍ଷ, ବସୁ ଆଦି ।
ଦେବର୍ଷି - ନାରଦ ଏବଂ ପର୍ବତ
ମହର୍ଷି - ନିମ୍ନଜନ ସମୁହେ ମହର୍ଷି ।
କର୍ଦମ, ଦୂର୍ବାଷା, ଅଗସ୍ତ୍ୟ, ବାଲ୍ମୀକି, ଶୁକ୍ରାଚାର୍ଯ୍ୟ, ପରାଶର, ଉତଙ୍ଗ, ମତଙ୍ଗ, ମନ୍ଦକର୍ଣ୍ଣ, ଭରଦ୍ୱାଜ, ସୁତୀକ୍ଷ୍ଣ, ଶରଭଙ୍ଗ, ଗୌତମ, ପାତଞ୍ଜଳୀ, କଗୋଦ, ଅକୃତବର୍ମା, ପୁଣ୍ଡରିକ, ଜରତକାରୁ, ଦଧିଚୀ, ସାରସ୍ୱତ, ଦତ୍ତାତ୍ରେୟ, ଚ୍ୟବନ, ପାଣିନୀ, ଅସିତ, ଦେବଳ, ଯୈଗୀସବ୍ୟ, ବୃଦ୍ଧଗର୍ଗ, ସୌଭରି, ରୈବତକ, ବ୍ୟାସ, ବିଶ୍ୱାମିତ୍ର, ଚ୍ୟବନ, ଶାଣ୍ଡିଲ୍ୟ, ରଚି, ଜମଦଗ୍ନି, କଣ୍ୱ, ଶୁକଦେବ, ଅଷ୍ଟାବକ୍ର, ଆରୁଣୀ, ପିପଳଦା, କଣ୍ୱଗର୍ଗ, ଗର୍ଗ ଆଦି ଅନେକ ମହର୍ଷି ବାରମ୍ବାର କୁରୁ କ୍ଷେତ୍ରରେ ଏକତ୍ରିତ ହୋଇ ଆସୁଥିଲେ ।

ଏହି କ୍ଷେତ୍ର ମଧରେ ମହର୍ଷିମାନେ ଯେପରି ଲୋକହିତକର କର୍ମ କରି ଯାଇଛନ୍ତି ତାହା ଚିର ସ୍ମରଣୀୟ ଅଟେ । ଯେପରି ଅଗସ୍ତ୍ୟ ସାତ ସମୁଦ୍ରକୁ ଗ୍ରହଣ କରି ଗର୍ଭରେ ହିଁ ଜୀର୍ଣ୍ଣ କରି ପାରିଥିଲେ । ଶୁକ୍ରଚାର୍ଯ୍ୟ କେବଳ ବଚନରେ ବା ଅଭିଶାପରେ ଗୋଟିଏ ରାଜ୍ୟକୁ, ଦଣ୍ଡକାରଣ୍ୟ କରାଇ ପାରିଥିଲେ । ଅନ୍ଧରାଜା ଧୃତରାଷ୍ଟ୍ରଙ୍କୁ ଦିବ୍ୟ ଦୃଷ୍ଟି ପ୍ରଦାନ କରି ମହାଭାରତ ଯୁଦ୍ଧରେ ମୃତବ୍ୟକ୍ତିଙ୍କୁ ଆହ୍ୱାନ କରାଇ ବ୍ୟାସଦେବ ଦେଖାଇ ପାରିଥିଲେ । କେବଳ ଦେଖାଇ ପାରି ନଥିଲେ, ରାତ୍ର ସମୁଦାୟରେ ସମସ୍ତ କୌରବ ପାଣ୍ଡବ ପରସ୍ପର ମଧରେ ସୁଖ ଦୁଃଖ ମଧ ହୋଇଥିଲେ ।

ପୁନଃ ଏହି କ୍ଷେତ୍ରରେ ରାଜା ବିଶ୍ୱାମିତ୍ର ତ୍ରିସ୍ତରୀୟ ତପସ୍ୱୀ ହେବା ପୁରାଣମାନଙ୍କରେ ଦୃଷ୍ଟାନ୍ତ ରହି ଆସିଛି । ପ୍ରଥମରେ ରାଜାରୁ ତପସ୍ୱୀ ହୋଇ ରାଜର୍ଷି ବୋଲାଇଥିଲେ । ଦ୍ୱତୀୟରେ ଘୋର ତପସ୍ୟା କରି ମହର୍ଷି ବୋଲାଇ ଥିଲେ । ତୃତୀୟରେ ବ୍ରହ୍ମର୍ଷି ବଶିଷ୍ଟଙ୍କ ଦ୍ୱାରା ଗାଧି ପୁତ୍ର ବିଶ୍ୱାମିତ୍ର ନିଜକୁ ବ୍ରହ୍ମର୍ଷି ବୋଲାଇ ନିଜ ତପସ୍ୟା ଶକ୍ତି ବଳରେ ମହାରାଜା ନହୁଷଙ୍କୁ ଶୂନ୍ୟ ଆକାଶରେ ରଖାଇ ଆସିଛନ୍ତି । ଏପରି ଅନେକ ଘଟଣାମାନ କୁରୁକ୍ଷେତ୍ରରେ ଘଟିଛି । ଯେପରି କୌଣସି ଅଯୁଯୁତ୍ସବଙ୍କ ବିବରଣୀ –

ଅବଶ୍ୟ କୁରୁକ୍ଷେତ୍ରରେ ସଂଗ୍ରାମ କରି ଯାର ମୃତ୍ୟୁ ହୁଏ ସେ ନିଶ୍ଚୟ ସ୍ୱର୍ଗ ପ୍ରାପ୍ତ ହୁଏ ବିଶ୍ୱାସରେ ଭଗବାନ ବଳରାମ, ମହାଭାରତ ଯୁଦ୍ଧ ଶେଷରେ ଭୀମ ଏବଂ ଦୂର୍ଯୋଧନ ମଧରେ ହେବାକୁ ଯାଉଥିବା ଗଦା ଯୁଦ୍ଧକୁ ବନ୍ଦ କରାଇ ଦକ୍ଷିଣ ଦ୍ୱାର ରାମହ୍ଲାଦ ସମିପରେ ଥିବା ପୁରିଆ ସାହିଠାକୁ ଅଣାଇ, ଗଦା ଯୁଦ୍ଧ କରାଇ ଥିଲେ । ଯେହେତୁ କୁରୁକ୍ଷେତ୍ରର ଉତ୍ତର ପାର୍ଶ୍ୱରେ ଥିବା ଅଯୁଯୁତ୍ସବ ତପସ୍ୱୀଙ୍କ ପ୍ରଭାବ ଯଥେଷ୍ଟ ଥିଲା । ଏଠାରେ ଯେ

କୌଣସି ଗଦାଧାରୀର ମୃତ୍ୟୁ ହେଲେ ସେ ନିଶ୍ଚୟ ସ୍ୱର୍ଗଗାମୀ ହେବ । କୁରୁକ୍ଷେତ୍ର ମଧ୍ୟରେ ଯେହେତୁ ନିମ୍ନ ଶ୍ରେଣୀ ତପସ୍ୱୀ ରହି ଆସିଛନ୍ତି । ଏମାନେ କେବେ ସଂଗ୍ରାମ କରି ପାରିବେକି ?

ଏହି କୁରୁକ୍ଷେତ୍ରରେ ନୈମେଷୀୟ ତପସ୍ୱୀ ଯଥା – ବୈଖାନଷ ସମ୍ପ୍ରଦାୟ ତପସ୍ୱୀଙ୍କ ସହ ବାଳଖିଲ୍ୟ ସମ୍ପ୍ରଦାୟ, ସମ୍ପ୍ରଖିଲ ସମ୍ପ୍ରଦାୟ, ପରିଚିପ ସମ୍ପ୍ରଦାୟ, ଅଶ୍ମକୁଟ ସମ୍ପ୍ରଦାୟ, ପତ୍ରାହାର ସମ୍ପ୍ରଦାୟ, ଦନ୍ତୋଲୁ୍ୟଖଳି ସମ୍ପ୍ରଦାୟ, ଉନ୍ମୋଜକ ସମ୍ପ୍ରଦାୟ, ଗାତ୍ରଶଯ୍ୟ ସମ୍ପ୍ରଦାୟ, ଆଶଯ୍ୟ ସମ୍ପ୍ରଦାୟ, ଅନବାସୀକ ସମ୍ପ୍ରଦାୟ, ସଲୀଳ ହାରି ସମ୍ପ୍ରଦାୟ, ବାୟୁଭକ୍ଷ ସମ୍ପ୍ରଦାୟ, ଆକାଶ ନୀଳୟ ସମ୍ପ୍ରଦାୟ, ସ୍ଥଣ୍ଡିଳଶାୟୀ ସମ୍ପ୍ରଦାୟ, ଉର୍ଦ୍ଧ୍ୱବାସୀ ସମ୍ପ୍ରଦାୟ, ଦାନ୍ତ ସମ୍ପ୍ରଦାୟ, ଆଦ୍ରପଟ୍ଟବାସୀ ସମ୍ପ୍ରଦାୟ, ସଜର ସମ୍ପ୍ରଦାୟ, ତପୋନିଷ୍ଠ ସମ୍ପ୍ରଦାୟ, ପଞ୍ଚାଗ୍ନିସେବୀ ସମ୍ପ୍ରଦାୟର ତାପସ ଅହରହ ତପସ୍ୟାରେ ବ୍ରତୀ ରହନ୍ତି । ଏପରି ତପସ୍ୱୀମାନେ ଏହି କୁରୁକ୍ଷେତ୍ରରେ ତପସ୍ୟା କରି ପରିବେଶକୁ ବ୍ରାହ୍ମଣ ବୋଲାଉଥିଲେ । ନିଜ ନିଜର ଗୋତ୍ର, ପ୍ରବର, ବେଦ ଶାଖା ଓ ସମ୍ପ୍ରଦାୟ ପ୍ରତି ସମୁହେ ସଜାଗ ଥିଲେ ।

**ମାମକା ର ଆଧାତ୍ମିକ ବିବରଣି**

ବର୍ତମାନ ସକାଶେ ଯେ ମୋର କହେ ତାହାକୁ ମାମ କୁହାଯାଏ । କିନ୍ତୁ ଯେ ସଦା ସର୍ବଦା ମୋର କହେ ତାହା ମାମକା ବୋଲାଏ । ଯେପରି ମହର୍ଷି ରଚି, ଯାଜ୍ଞବଳ୍କ୍ୟ, ମହର୍ଷି ତୁମ୍ବୁରୁ, ମହାତ୍ମା ସୁଦାମା, ପଣ୍ଡିତ ବସୁ, ଚନ୍ଦ୍ରଶେଖର ବାହିନୀପତି, କମ୍ବୁ ତିଆଡ଼ି ସାହିତ୍ୟ କ୍ଷେତ୍ରରେ ଶ୍ରୀହର୍ଷ, ପରିବେଶବିତ୍ ଜୟଦେବ, ମର୍ମାତ୍ମଙ୍କପରି ଆତ୍ମା ଯେପରି ପରିବେଶକୁ ନିଜର ବିଚାର କରି ଜୀବନ ଅତିବାହିତ କରିଥିଲେ, ସେପରି ପରିବେଶ ସମସ୍ତ କିଛି ମୋର କହି ବିଚାର କରୁଥିଲେ । ମାମକାକୁ ନେଇ ପରିବେଶ ଅନେକ କଥା ମନେ ମନେ ବିଚାର କରୁଛି । ଯେଉଁମାନେ ମୋର ବୋଲି ସବୁ କିଛିକୁ ବିଚାରରେ ଆପଣେଇଥାନ୍ତି, ତା ଠାରୁ ବଳି ପରିବେଶରେ ଆଉ କଣ ମର୍ମ ଅଛି ? ହଁ ଅଛି ମାମ୍ କହିଲେ ମୋର । ଏବଂ କା କହିଲେ ଛାୟା । ଅର୍ଥାତ୍ ମୋର ଛାୟା କହିଲେ କାହାକୁ ବୁଝାଏ ? ଏବଂ ଛାୟାକୁ ମୋର କହି ପରିବେଶ କିପରି ବିଚାରେ ଏଥକୁ ନେଇ ସାରା ବିବରଣୀ ଅତି ସରଳରେ କହେ 'ମାମକା ପାଣ୍ଡବାଶ୍ଚୈବ' ।

**ପାଣ୍ଡବାଶ୍ଚୈବର ମର୍ମାତ୍ମକ ବିଚାର**

ପ୍ରଥମରୁ କଥା ରହିଛି – ମୁଁ କୁରୁକ୍ଷେତ୍ର ଯିବି । ସେଠାରେ ନିବାସ କରିବି ଆଦିକୁ ଯଦି ମନୁଷ୍ୟ କେବଳ ମାତ୍ର ମୁଖରେ ଉଚ୍ଚାରଣ କରେ, ତେବେ ସେ ସମସ୍ତ ପାପରୁ ମୁକ୍ତ ହୋଇ ଯାଇଥାଏ । ଏହି ବିଚାରକୁ ତୁଳନା କରି କୁରୁକ୍ଷେତ୍ର ପରିବେଶକୁ ଆଧାର କରି ଗୀତିକା ରୂପରେ ଉଚ୍ଚାରଣ ଯଦି କରିବ ତଥା ଉଚ୍ଚାରଣ କରିବା ବ୍ୟକ୍ତିକୁ କି ଫଳ ପ୍ରାପ୍ତ ହେବ ସେ ନିଜେ ହିଁ ବୁଝି ପାରିବ । କାରଣ ଯେପରି ପାଣ୍ଡବାଶ୍ଚୈବ –

ପାଣ୍ଡବ - ପାଞ୍ଚ ବା ଅଶ୍ଚୈବ ଅନିଶ୍ଚିତ । ପରିବେଶ ନିଜେ ନିଜକୁ ପଚାରୁଛି – ମୋର କାୟା ସ୍ୱରୂପ ଅନିଶ୍ଚିତ ପଞ୍ଚ ଭୂତାକାର ଭବିଷ୍ୟତରେ କେଉଁ ସ୍ତରରେ ରହିବ ? ବା କିମ କୁର୍ବତ ? ବା କଣ ହେବ ? ପରିବେଶ ଏପରି ବହୁବର୍ଷ ଧରି ଭାବି ଭାବି ମନ ଅସ୍ଥିର ହେବା ପରେ ସ୍ଥିର କଲେ ଯେ, ଯଦି ହେବ ସଂଜୟ ବା ସଂଶୟ ପୂର୍ଣ୍ଣ ଗ୍ରନ୍ଥଟିଏ ହୋଇ ରହିବ । ସଂ – ସଂଶୟ, ଜୟ- ଗ୍ରନ୍ଥ ।

**କ୍ଷେତ୍ର ପରିଚୟ**

ଅତ୍ୟନ୍ତ ପୁରାତନ ଅତୀତରୁ ବା ଭାରତ, ଭାରତ ନାମ ବରଣ ନ କରି ଅଜନାଭ ବର୍ଷ ମଧ୍ୟରେ ଆଦର୍ଶଗତ ଭାବରେ ଥିବା କାଳରୁ ହିଁ ବିନା ସଂସ୍କୃତି ବାଧାରେ ପରିବେଶ ନିୟମ ସ୍ୱତଃ ପ୍ରଚଳିତ ଭାବେ ରହି ଆସିଛି ।

ଯେପରି ସ୍ୱତଃ ପରିବେଶ ରହି ଆସିଛି, ସେପରି ସମୁଦାୟ ଗ୍ରନ୍ଥ ମାନଙ୍କ ମଧ୍ୟରେ ରହି ଆସିଛି ଶ୍ରୀମଦ୍ ଭଗବଚଦ୍ ଗୀତା । ପରିବେଶ ସମୁଦାୟର ସୁରକ୍ଷାକୁ ନେଇ ଏହି ଗ୍ରନ୍ଥ ମଧ୍ୟରେ ସୁରକ୍ଷିତ । ମହାଭାରତ ସଂଗ୍ରାମ ସମୟ କାଳକୁ ପରିବେଶ ମାନ୍ୟତା ଅତି ନ୍ୟୁନତମ ସ୍ଥରରେ ପହଞ୍ଚି ପାରିଥିଲା । ଅତଏବ ସେ ଅତୀତ ପରିବେଶରେ ଆମ ମର୍ଯ୍ୟଦା ଯେପରି ରହିବ ସେଥିରେ ରସାତ୍ମକ ତଥ୍ୟ ଗୁଡ଼ିକ ଗୁରୁଶିଷ୍ୟ ସମ୍ବାଦ ପରି କୁହାଯାଇଛି ।

ପରିବେଶରେ ପଞ୍ଚଭୁତର ପ୍ରଭାବର ଉପଲବ୍ଧି ଅସମ୍ଭାଳ ହେଲେ ବା ଅତିଶୟତାକୁ ସ୍ପର୍ଶ କଲେ ଯେପରି ୩୦୩ ଖ୍ରୀଷ୍ଟାବ୍ଦରେ ରକ୍ତବାହୁ ଚନ୍ଦ୍ରବାହୁ ବାତ୍ୟା ହୋଇ ଅକର୍ଷଣୀୟ କ୍ଷେତ୍ର ଚିଲିକା ହ୍ରଦରେ ପରିଣତ ହୋଇପାରିଥିଲା । ତାହାକୁ ଦୃଷ୍ଟାନ୍ତ ଯେପରି ପରିବେଶ ବିତ୍ ଜୟଦେବଙ୍କ ରଚିତ ଗୀତଗୋବିନ୍ଦ ପାଠ କରି ଜାଣିବାକୁ ହୁଏ, ସେପରି ବ୍ରହ୍ମାଣ୍ଡ ପରିବେଶର ପ୍ରଭାବ ଭଗବତ୍ ଗୀତାରେ ଆଦୃତ । ବିଦ୍ୱାନମାନେ କିନ୍ତୁ ଗୀତଗୋବିନ୍ଦର ଦଶବିଧକୁ ଦଶ ଅବତାର କହିବା ପରି କହି ଆସିଛନ୍ତି ।

ଅବଶ୍ୟ ଇଣ୍ଡିଆ ସ୍ୱାଧିନ ହୋଇଛି, ପ୍ରତି ବଦଳରେ ଭାରତ ସମସ୍ତ ସଂସ୍କୃତି ବନ୍ଧା ପଡ଼ିଛି । ଅର୍ଥାତ୍ ଭାରତର ପ୍ରଭାବ ରହିଥିବା ସତ୍ୱେ ଇଣ୍ଡିଆ ପ୍ରଭାବ ଯଥେଷ୍ଟ ରହିଛି । ଭାରତ ସକାଶେ ଜାତୀୟ ସଙ୍ଗୀତ ରଚନା ପାଇଁ ଉତ୍କଳ ସମ୍ମିଳନୀ, ଢେଙ୍କାନାଳ ଜିଲ୍ଲାର ବିଶିଷ୍ଟ ବ୍ରାହ୍ମଣ ପଣ୍ଡିତ ତଥା ସନାତନୀ ବିଚାରର କବି ଭୂବନେଶ୍ୱର ରଥଙ୍କୁ ଅନୁରୋଧ କରିଥିଲେ । ଅନୁରୋଧ ରକ୍ଷା କରି ସଂସ୍କୃତ ଭାଷାରେ ଜାତୀୟତାକୁ ରକ୍ଷାକରି ଭାରତ ଗୀତିକା ନାମେ ସେ ସଙ୍ଗୀତ ରଚନା କରିଥିଲେ । କିନ୍ତୁ ୧୯୦୮ ରଚିତ ଗୀତିକାଟିକୁ ଜାତୀୟ ସଙ୍ଗୀତ ନ କରାଇ ପ୍ରତିବଦଳରେ ଭାଷା ବଙ୍ଗାଳୀ ତଥା ବଙ୍ଗ ରଚନାକାର କବି ରବିନ୍ଦ୍ର ନାଥ ଠାକୁରଙ୍କ ରଚିତ ଜନଗଣ ମନ ଅଧିନାୟକ ରଚିତ ଗୀତିକାକୁ ଜାତୀୟ ସଙ୍ଗୀତ କରା ଯାଇଛି ।

ନିମ୍ନ ପ୍ରଦତ୍ତ ଉଭୟ କବିଙ୍କ ଦ୍ୱାରା ରଚିତ ଗୀତିକା ଦ୍ୱୟକୁ ଦର୍ଶାଗଲା । ପ୍ରକୃତରେ କେଉଁ ଗୀତିକା ପରିବେଶ ପାଇଁ ଯୁକ୍ତି ଯୁକ୍ତ ବିଚାର କରାଯାଉ । କାରଣ ଜାତୀୟ ସଙ୍ଗୀତର ପ୍ରଭାବ ମଧ୍ୟ ପରିବେଶକୁ ଆକର୍ଷିତ କରୁଅଛି । ନ୍ୟାୟ ନିଷ୍ପତ୍ତିରେ ମଧ୍ୟ ଯେପରି ଆକର୍ଷିତ କରୁଅଛି ।

ଜାତୀୟ ସଙ୍ଗୀତରେ ଜାତୀୟତା, ଭୌଗୋଳିକତା, ନଦୀ, ନାଳ, ପାହାଡ଼, ପର୍ବତ, ଗୁହା ଆଦିର ବର୍ଣ୍ଣନା ସହିତ ଐତିହାସିକତା ରହିବା ଉଚିତ୍ । ଯଦ୍ୱାରା ଆମର ଅତୀତ ପରମ୍ପରାକୁ ବୁଝିହେବ । ପରିବେଶ ଚରିତ୍ରକୁ ସଜାଡ଼ିବା ସହଜ ହୋଇ ପାରିବ । ଏଠାରେ କହିବା ଉଚିତ୍ ହେବ, ଭଗବାନ ଯେଉଁ ସୃଷ୍ଟି ଆରମ୍ଭରୁ ୨୪ ଅବତାର ଗ୍ରହଣ କରି ଆସିଛନ୍ତି କେବଳ ପରିବେଶ ସୁରକ୍ଷା ପାଇଁ ସମୀକ୍ଷା ଆବଶ୍ୟକ ।

**ଭାରତ ଗୀତିକା**

ସର୍ବେଷାଂ ନୋ ଜନନୀ ଭାରତ ଧରଣୀ କଳ୍ପ ଲତେୟମ୍ ।
ଜନନୀ ବତ୍ସର ତନୟଗଣୈସ୍ତତେ ସମ୍ୟକ୍ ଶର୍ମ ବିଧେୟମ୍ ।। ଧୃବ ।।

ଦୃଶ୍ୟ ବ୍ରହ୍ମାଣ୍ଡରେ ରହି ଆସିଥିବା ସମୁଦାୟ ମର୍ତ୍ତ୍ୟମଣ୍ଡଳ ମଧ୍ୟରେ ଏହି ଧରଣୀ ହିଁ ଭାରତ ବର୍ଷର ଜନନୀ । ମର୍ତ୍ତ୍ୟ ସମୁଦାୟର ଏହି ଧରଣୀ କ୍ଷେତ୍ର କଳ୍ପଲତା ପରି ପ୍ରଚଳିତ ହୋଇ ରହି ଆସିଛି । କ୍ଷେତ୍ରଟି ପୁଣି ଜନ୍ମଦାତ୍ରୀ

ଜନନୀ ତୁଲ୍ୟ ଅନୁରାଗୀ ଅଟେ । କ୍ଷେତ୍ର ସମୁଦାୟ ପୁଣି ଗିରି ଗୁହା ପୂର୍ଣ୍ଣ । ତଥା ସତ୍ୟତା ପୂର୍ଣ୍ଣର ସ୍ଥିରତା ବିଧି ମୁତାବକ ପ୍ରଚଳିତ ରହିଛି ।

ହିମଗିରି- ସୀମନ୍ତିତ ମସ୍ତକମିଦ ସମ୍ବୁଧି ପରିଗତ ପାର୍ଶ୍ୱମ ।
ଅସ୍ମ ଜନ୍ମଦ ମନ୍ମଦ ମନିଶଂ ଶ୍ରୌତ ପୁରାତନ ମାର୍ଷମ୍ ॥ ୨ ॥
କ୍ଷେତ୍ର ଚାରିଦିଗ ବିସ୍ତାରିତ ହୋଇ ରହିଥିବା ତୁଷାର ମସ୍ତକ ପରି ଦେଖା ଯାଉଛି । ସମୁଦାୟ ପାର୍ଶ୍ୱାଞ୍ଚଳ କ୍ଷେତ୍ର ପରିପୂର୍ଣ୍ଣ ସମୃଦ୍ଧ ତୁଲ୍ୟ ଜଣା ଯାଉଛି । ସୃଷ୍ଟିର ପ୍ରଥମ ଜୀବାତ୍ମାର ପ୍ରକଟ ବା ଉଦୟ ସ୍ଥଳି ରୂପେ ଜଣାଯାଉଛି । ସାଧନା କ୍ଷେତ୍ର ରୂପେ ଅଂଚଳ ଶିଦ୍ଧ, ସଂସ୍କାରିତ, ବୀଜ ପ୍ରଭାବିତ ହୋଇ ଅତୀତରୁ ରହି ଆସିଥିବା ମନକୁ ସ୍ପର୍ଷ କରୁଛି ।
ବିଜନିତ ହର୍ଷଂ ଭାରତ ବର୍ଷଂ ବିଶ୍ୱେଶ୍ୱାର୍ଷ ନିଦାନମ୍ ।
ଭାରତଶମ୍ପଣି କୃତମସ୍ମାଭି ର୍ନବମିଦମୈକ୍ୟବିଧାନମ୍ ॥ ୩ ॥
ସ୍ୱଚ୍ଛ, ନିର୍ମଳ ଏହି କ୍ଷେତ୍ର ଆନନ୍ଦ ହିଁ ଆନନ୍ଦରେ ପୁରି ରହିଛି । ଜ୍ଞାନ ଆଲୋକ ଏଠାରେ ହିଁ ଉତ୍ପତ୍ତି ହୋଇ ରହି ଆସିଛି । ପିଣ୍ଡିକା ଦ୍ୱାର ଅନ୍ତରିକ୍ଷ ଏଠାରୁ ବିକଶିତ ହୋଇ ରହିଛି । କଲ୍ୟାଣକାରୀ ଆଧ୍ୟାତ୍ମିକତାର ସମ୍ପାଦନା ପରେ ପରିବେଶ ଆନନ୍ଦ ପ୍ରଭାବ ବିସ୍ତାର କରି ପାରିଆସିଛି । ହର୍ଷ ସାକ୍ୟ ଅନୁଭୁତ ପରେ ଅବତରିତ ଜୀବାତ୍ମା ଏଠା ନିୟମକୁ ମାନ୍ୟତା ମଧ୍ୟ ଦେଇ ଆସିଛି ।

ଉତ୍କଳଗୌଡ଼ାନ୍ଧ୍ରୀୟାଃ ସଂସଦ ଯେବୟମତ୍ର ସମେତାଃ ।
ଏତେ ଚାପରଜନପଦଜା ନନୁ ଭାରତ-ବିହିତ-ନିକେତାଃ ॥୪॥
ଉତ୍କଳ ମଣ୍ଡଳ, ବଙ୍ଗ ସମୁହ ଉତ୍ତର ଦକ୍ଷିଣ ପାର୍ଶ୍ୱ ବା ଦ୍ରାବିଡ଼ର ସ୍ଥିତି ରହିଛି । ବୟମିତ୍ର ବା ଫିଟା ତୁଟା ଅଞ୍ଚଳ ଚକ୍ରାକାରରେ ପୃଷ୍ଠ କ୍ଷେତ୍ର ମର୍ତ୍ତ୍ୟ ରୂପେ ସମ୍ପାଦିତ । ପବିତ୍ରତାର ପବିତ୍ର ଭାରତ କ୍ଷେତ୍ର ବ୍ରହ୍ମାଣ୍ଡର ଜ୍ଞାନ କ୍ଷେତ୍ର ରୂପେ ପରିଚିତ । ଏଥିରୁ ସ୍ୱଷ୍ଟ ଯେ ଯେଉଁ ଉତ୍ର କ୍ଷେତ୍ରରେ ଶ୍ରୀକ୍ଷେତ୍ର ରହି ଆସିଛି, ତାହା ହିଁ ଭାରତର ମୌଳିକ କ୍ଷେତ୍ର ଅଟେ ।

ଭାରତ ହିତ ସମ୍ପାଦନ ମେବହି କାର୍ଯ୍ୟମିଷ୍ଟ ମବି ପାକମ୍ ।
ଭାରତ ବର୍ଷଂ କିମପିନ କାର୍ଯ୍ୟଂ ନିର୍ଣ୍ଣିତ ମିତ୍ୟ ସ୍ମାକମ ॥ ୫ ॥
ଭାରତର ସମୁଦାୟ କ୍ଷେତ୍ର ସମିତି ରୂପେ ପରିଚିତ । ରାଷ୍ଟ୍ର କଲ୍ୟାଣ, ମଙ୍ଗଳ ସକାଶେ ଉକ୍ତ କ୍ଷେତ୍ରରେ ଶୁଭ କର୍ମ ପ୍ରକଟ ହେଉଛି । ଯେହେତୁ ଭାରତର ଉତ୍ପତ୍ତି ଏଠାରେ  ପରିବେଶରେ ହୋଇଥିବା ବିଶେଷର ପଥ ଏଠାରୁ ହିଁ ଉନ୍ମୁକ୍ତ । ଆଦି ହୋଇଥିବା କ୍ରମେ ଭାରତର ଜନନୀ, ତାକୁ ଯଦି ତ୍ୟାଗ କରାଯାଏ,ତେବେ କାର୍ଯ୍ୟ ଭାରତ ଅକାର୍ଯ୍ୟ ହୋଇଯିବ । ଏଣୁ ଭାରତ ସ୍ମରଣୀୟ ହୋଇ ରହିବା ଦରକାର ।

ଭାରତପଙ୍କଜଦଳମିଦମୁତ୍କଳ ମଣ୍ଡଳମିତି ବିଦିତଂ ଯତ୍ ।
ତସ୍ୟକୃତେ ବୟମତ୍ର ସମେତା ବହିତାତ୍ରୋତ୍କଳ ସଂସତ୍ ॥ ୬ ॥
କ୍ଷେତ୍ର ଭାରତ ଜନନୀ ବୋଲାଇବା କାରଣ ଏହି ଯେ ପଙ୍କ ଜାତ ଜଳ ପରି ସ୍ୱଚ୍ଛ ନିର୍ମଳ ତଥା ପବିତ୍ରତାରୁ ପବିତ୍ର । ବୃତାକାରରେ ଜ୍ଞାନାଲୋକର ଉତ୍ପତ୍ତି ପରେ ବିକଶିତ ହୋଇ ପରିବେଶ ଗତ ହେବା କାରଣରୁ ହିଁ ବିକାଶ ଆରମ୍ଭ ହୋଇଥିଲା । ସମୟ କାରଣରୁ ଧରାମୃତରେ ପ୍ରକାଶିତ ହୋଇ ପାରିଥିଲା । ଏଣୁ ବ୍ରହ୍ମର୍ଷିଗଣ ଅବତରଣ କରି ସମିତି ଗଠନ କରିଥିଲେ । ବିଚାରକୁ ସମିତି ମାଧ୍ୟମରେ ପ୍ରୟୋଗ କରିଥିଲେ ।

ଭାରତମେକା ଗତିର ସ୍ମାଙ୍କ ନାପରାସ୍ତି ଭୁବିନାମ୍ ।
ସର୍ବୋଦୌ ପରିଷତ୍ କର୍ମଣିତତ୍ ଭାରତମେବ ନମାମଃ ।। ୭ ।।

ଭାରତ ଜନନୀ ସ୍ଥଳୀରୁ ହିଁ ଭାରତ ଧ୍ୱନୀ, ତରଙ୍ଗ ରୁପରେ ପକ୍ଷଳଙ୍କ ହୋଇଥିଲା । ସେଠାରୁ ହିଁ ତରଙ୍ଗର ଧ୍ୱନୀ ବିସ୍ତାରିତ ହୋଇଥିଲା  ଇତ୍ୟାଦି କାରଣରୁ ଭାରତ ଶବ୍ଦ ଏଠାରେ ହିଁ ସ୍ମରଣୀୟ ହୋଇ ରହି ଆସିଛି । ମର୍ତ୍ୟ ମଣ୍ଡଳରେ କ୍ଷେତ୍ର ଭାରତର ଜନନୀ କହି ଉଦାସୀନ ନୁହେଁ । ତ ବୁକୁରେ ସର୍ବଦା ସଭା ସମିତି କରାଇ ପରିବେଶ ଆଲୋକିତ କରୁଥିଲା । ଏଣୁ କ୍ଷେତ୍ର ପୂଜ୍ୟ ସହିତ ପ୍ରଣାମ ଯୋଗ୍ୟ ।

ଗର୍ଜିତଫେନିଳ ନୀଳନୀରନିଧି କତାସ୍ତୁପ ବିଚିତ୍ରେ ।
ଇନ୍ଦ୍ରଦ୍ୟୁମ୍ନାନଙ୍ଗ ଭୀମନୃପ ଶାଶ୍ୱତ କିର୍ତି ପବିତ୍ରେ ।। ୮ ।।
ଗର୍ଜନ ସମୁଦ୍ରରେ ବାରମ୍ବାର ଆସୁଥିବା ଲହଡ଼ାରେ ଜଳ ବୁଦ୍‌ବୁଦ୍ ବାଲୁକା ସ୍ତୁପ ପରି ଜୀବାତ୍ମା ଠୁଳ ରୂପେ ରହିଥାନ୍ତି । ଏଠାରେ ଏପରି ସନ୍ଧାନ ପାଇ ସମ୍ରାଟ ଇନ୍ଦ୍ରଦ୍ୟୁମ୍ନ, ଅନଙ୍ଗଭୀମ ନୃପ ଏହି କ୍ଷେତ୍ରକୁ ବାରମ୍ବାର ଦର୍ଶନକୁ ସନ୍ଧାନରେ ଆସୁଥିଲେ । ଏଠା ସ୍ଥିତ ପବିତ୍ର ଜୀବାତ୍ମା ଉପସ୍ଥିତିକୁ ଅନୁଭବ କରି କିର୍ତିମାନ ସ୍ଥାପନ କରୁଥିଲେ । କାରଣ ଏହି ପରିବେଶ କ୍ଷେତ୍ରରେ ପଞ୍ଚଭୁତାକାରର ପୂର୍ଣ୍ଣାଙ୍ଗ ହୋଇଥିଲା ।

ଚୈତନ୍ୟାଦିକ ଭକ୍ତବୃନ୍ଦପଦ ରଜସା ଚିରପରିପୂତେ ।
ପଦ୍ମନାଭକୃତ ସଦ୍ମତୟା ତୀର୍ଥାନାଂ ତୀର୍ଥଭୂତେ ।। ୯ ।।
ସମନ୍ତ ପଞ୍ଚକ ଏହି କ୍ଷେତ୍ରେ ଶ୍ରୀ ଚୈତନ୍ୟଙ୍କ ପରି ଅନେକ ଭକ୍ତ ବାସ କରୁଥିଲେ । ବହୁ ଅମ୍ଳାନ ଭକ୍ତଙ୍କ ପଦରଜ ଏଠାରେ ପଡ଼ିଛି । ଭକ୍ତ ବୃନ୍ଦ କ୍ଷେତ୍ର ସନ୍ତାନ ତୁଲ୍ୟ ସର୍ବଦା ଯିବା ଆସିବା କରୁଥିଲେ । ସମୁଦାୟ କ୍ଷେତ୍ର ସରସ୍ୱତୀ (ଦ୍ୱୟ)ଙ୍କ ଆଳୟ ଥିଲା । ଭକ୍ତ ସମାଗମ ଜାରି ରହିଥିଲା । ରାଷ୍ଟ୍ର ଅଜନାଭ ଥିବା କାଳେ ତୀର୍ଥଟିରେ ପଦ୍ମନାଭ ପ୍ରତିଷ୍ଠା ହୋଇ ରହିଥିଲେ । ବର୍ତମାନର ପରିବେଶରେ କ୍ଷେତ୍ର ଭାରତ ପରିଚୟ ଦେଇ ଆସୁଛି ।

ନୀଳାଚଳ ନଗରେ ପରିଗୀତଂ ଭାରତ ଭକ୍ତ ପରାଣମ୍ ।
ଭାରତ ବନ୍ଦନ ମିଦମସ୍ମାଙ୍କ ମୁଦମାବହତୁ ନରାଣାମ୍ ।।୧୦।।
ଗିରିଗୁହା ପର୍ବତଙ୍କରେ ଜୀବାତ୍ମାଙ୍କ ନଗର ଥିଲା । ସେହି ଚିହ୍ନଟ ନଗର ମାନଙ୍କରେ ଜୟଦେବ ରଚିତ ଗୀତଗୋବିନ୍ଦ ପରି ରଚନା କଲି । ରାଷ୍ଟ୍ର ଭାରତରେ ଉତ୍ପତି ଭକ୍ତଙ୍କ ମନକୁ ଆନନ୍ଦ ହିଁ ଆନନ୍ଦ ଯେପରି ମିଳିପାରିବ ସ୍ତୁତିଟି ରଚନା କଲି । ଭାରତରେ ଭାରତୀୟ ବୋଲାଉଥିବା ବ୍ୟକ୍ତି ତଥା ଏହାଙ୍କ ମାନବୀକ ଆଚରଣ ଯୋଗ୍ୟ ତୁଲ୍ୟ କାରଣରୁ ଗୀତିକାଟି ଯେପରି ଗଠନ କରାଯାଇଛି, ତାର ପ୍ରତ୍ୟେକ ପଦକୁ ଆନନ୍ଦରେ ସ୍ମରଣକୁ ନେବା ଉଚିତ୍ ।

ରାଷ୍ଟ୍ର ଭାରତର ପୁନଃ ଶାସନ ଭାର ହାତକୁ ଭାରତୀୟମାନେ ଆଣିବା ପୂର୍ବରୁ ଭାରତ ବକ୍ଷରେ ଉଦୟ ହୋଇଥିବା ଉତ୍କଳ (ଶ୍ରେଷ୍ଠ) ସମ୍ମିଳନୀର ଅନୁରୋଧରେ ଜାତୀୟ ସଂଗୀତ ରୂପେ ରଚନା କରିଥିଲେ । ଏହି ରଚି ଯୁକ୍ତ ରଚନାଟିର ପାଠରେ ସାରା ଜଗତ ଯଦି ଉତ୍କଳ, ଉଡ୍ର କ୍ଷେତ୍ରରେ ରହି ଆସିଥିବା ଅତୀତର ଦୁର୍ଲଭ ଘଟଣାମାନ ଯେପରି ଯଥା – କୁରୁକ୍ଷେତ୍ର ତଥା କ୍ଷେତ୍ର ବୋଲାଇଥିବା ପୂର୍ବରୁ ଗଠନ ହୋଇଥିବା ସମନ୍ତ ପଞ୍ଚକ ତଥା ବ୍ରହ୍ମଦେବଙ୍କ ଉତ୍ତର ବେଦୀରୁ ଉତ୍ପତି ବ୍ରହ୍ମପୁର କ୍ଷେତ୍ରର ପ୍ରଭାବ ବିସ୍ତାର ହୋଇ ପାରିଥାନ୍ତା । ଏଣୁ ନିଜ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଷ୍ଟ୍ରର ବଡ଼ ପଣ୍ଡାମାନେ ଭାରତ ଗୀତିକାଟିକୁ ଜାତୀୟ ସଂଗୀତ ନ କରାଇ ଜଣେ ଶୁଦ୍ର

ବ୍ରାହ୍ମଣ ରବିନ୍ଦ୍ରନାଥ ଠାକୁରଙ୍କ ରଚନାକୁ ଜାତୀୟ ସଂଗୀତ ରୂପେ ଅନୁମୋଦନ କରା ଯାଇଛି, କେବଳ ଧର୍ମ କ୍ଷେତ୍ରସ୍ଥ କୁରୁକ୍ଷେତ୍ରର ମାନ ସମ୍ମାନ ଯେପରି ପ୍ରକାଶିତ ନ ହେବ । ନିମ୍ନରେ ଶୁଦ୍ର ବ୍ରାହ୍ମଣଙ୍କ ଜାତୀୟ ସଂଗୀତ ରଚନା ଦିଆଗଲା । ରାଗ ହୀନ, ରଚିହୀନ ତଥା ଆକର୍ଷଣ ବିହୀନ ଭାଷା ବଙ୍ଗଳାରେ ରଚିତ ବର୍ଣ୍ଣନା ସଙ୍ଗୀତଟି ବୋଧ ହେଉଛି ।

ଜାତୀୟ ସଂଗୀତ ରୁପେ ପଣ୍ଡିତ ଭୁବନେଶ୍ୱର ରଥଙ୍କ ଦ୍ୱାରା ଖ୍ରୀଷ୍ଟାବ୍ଦ ୧୯୦୮ରେ ରଚିତ ଆନ୍ତର୍ଜାତିକ ପରିବେଶର ମୌଳିକ କ୍ଷେତ୍ର ବା ଧର୍ମକ୍ଷେତ୍ରରେ ସିଦ୍ଧ ହୋଇଥିବା ସମନ୍ତ ପଞ୍ଚକ ଅଞ୍ଚଳରେ, କରାଯାଇଥିବା କୁରୁକ୍ଷେତ୍ରର ପ୍ରଭାବ କାଳାନ୍ତେ ପ୍ରକାଶ ପାଇଯାଇପାରେ ଭାବି ଭାରତଗୀତିକା ପ୍ରତିବଦଳରେ ଜନଗଣମନ କୁ ଜାତୀୟ ସଂଗୀତ ରୂପେ ପ୍ରଚଳନ କରାଇ ଆସିଛନ୍ତି । ଭାଷା ସଂସ୍କୃତରେ ରଚିତ ଭାରତ ଗୀତିକାଟିର କାଳାନ୍ତେ ପାଠକେ ଯେପରି ବୁଝି ନ ପାରିବେ ଭାବି, ସାମାନ୍ୟ ଜ୍ଞାନର ଟୀକା କରି ପ୍ରକାଶ କରିବାକୁ ବାଧ ହୋଇଛି । କିନ୍ତୁ କୁହାଯାଉଥିବା ବିଶ୍ୱ କବି ଶୁଦ୍ର ବ୍ରାହ୍ମଣ ଶ୍ରୀ ରବିନ୍ଦ୍ରନାଥ ଠାକୁରଙ୍କ ଖ୍ରଷ୍ଟାବ୍ଦ ୧୯୦୮ରେ ରଚିତ ସରଳ ଶବ୍ଦ ଲାଳିତ୍ୱ ଭାଷାରେ ରଚିତ କବିତାଟି ଅତି ସୁଗମ । ଘଣ୍ଟିକାକୁ ନ ବାଜି କ୍ଷୀର ପାନ କଲେ ଗର୍ଭକୁ ଯେପରି ଯାଏ, ସେପରି ଜ୍ଞାନକୁ ଗୀତଟିର ଅର୍ଥ ଅବଧରେ ମନକୁ ସ୍ପର୍ଶ କରେ ।

ଦୈନିକ ଖବର କାଗଜ ସମାଜର ଷଷ୍ଠ ପୃଷ୍ଠାରେ ସମ୍ମାନନୀୟ ସ୍ତମ୍ଭକାର ଶ୍ରୀଯୁକ୍ତ ବରେନ୍ଦ୍ର କୃଷ୍ଣ ଧଳ ଏହି ବିଷୟକୁ ନେଇ ଗତ ୧୪.୦୮.୨୦୧୬ରେ ବର୍ଣ୍ଣିତ ଥିଲା । ସେ ଅନେକ ବିଷୟକୁ ଆଧାର କରି ଯୁକ୍ତିର ସହ କହିଛନ୍ତି । ସେ ପୁଣି କହିଥିଲେ – ଭାରତ ପରିଦର୍ଶନରେ ଯଦି ପଞ୍ଚମ ଜର୍ଜ ୧୯୧୧ ଖ୍ରୀଷ୍ଟାବ୍ଦରେ ଆସିଥିଲେ, ସେ କାଳେ ଜନଗଣମନ କବିତା ରଚନା କରି ଗାୟନ କରାଯାଇଥିଲା । ଏବଂ ବଡଲାଟଙ୍କ ସ୍ୱାଗତ ସଂଗୀତ ବୋଲି ଧରାଯାଇଥିଲା । ଏହି କବିତାକୁ ନେଇ କଲ୍ୟାଣ ସିଂ, ଡ. ସୁବ୍ରମନ୍ୟସ୍ୱାମୀ, ସୁଷମା ସ୍ୱରାଜ ଆଦିଙ୍କ ମଧ୍ୟରେ ତର୍କ ବିତର୍କ ହେଲେ ମଧ୍ୟ ନିଜ ଶକ୍ତିକୁ କବିତା ବଜାୟ ରଖିଛି ।

ସୁଦ୍ର ବ୍ରାହ୍ମଣ ରବିନ୍ଦ୍ରନାଥ ଠାକୁର କେବଳ ବଙ୍ଗ କବି ନଥିଲେ, ସେ ଥିଲେ ବହୁ ଭାଷୀ କବି, ସୀମିତ କ୍ଷେତ୍ର ପାଇଁ ବିଚାର କରୁନଥିଲେ । ମେଦିନୀ ରୂପକ ପୃଥିବୀ ସହ ସମୁଦାୟ ମର୍ତ୍ତ୍ୟମଣ୍ଡଳ ବା ଧରଣୀ ପାଇଁ ତାଙ୍କର ଆତ୍ମ ଶ୍ରଦ୍ଧା ଥିଲା । ଉକ୍ତ ଶ୍ରଦ୍ଧାର କାରଣରୁ ପାହାଚ ପରେ ପାହାଚ ଉଠିଲା ପରି ବ୍ରହ୍ମାଣ୍ଡ ପରେ ପରେ ଜଗତ ତାପରେ ଅନ୍ତରିକ୍ଷ ହୋଇ ବିଶ୍ୱ ସ୍ତରରେ ପହଞ୍ଚି ନିଜକୁ ବିଶ୍ୱକବି ବୋଲାଇ ଥିଲେ । ଏପରି ଜଣେ କବି ଭାବର ବ୍ୟକ୍ତିତ୍ୱ ଯେଉଁ କାଳେ ଜାତୀୟ ସଂଗୀତ ରୂପରେ ଜନଗଣମନକୁ ରଚନା କରିଛନ୍ତି । ଏପରି ଜାତୀୟତାର ଜାତୀୟ ସଂଗୀତ ପଣ୍ଡିତ ଭୁବନେଶ୍ୱର ରଥଙ୍କ ଭାରତ ଗୀତିକାରୁ ଫୁଟି ଉଠୁଛି କି ?

ପୁନଃ ଗତ ୦୬.୦୮.୨୦୧୬ରେ ଉତ୍ତର ପଦେଶ ପରି ଏକ ପ୍ରଦେଶରେ ୮ଜଣ ମୁସଲମାନ ଶିକ୍ଷକ ଜାତୀୟ ସଂଗୀତକୁ ଅପସନ୍ଦ କରି, ସ୍ୱାଧୀନତାର ପବିତ୍ର ଦିବସରେ ସରକାରୀ ଚାକିରିକୁ ତ୍ୟାଗ କରିଥିଲେ । ଏପରି ଚାକିରି ଛାଡିବା ପଛରେ କି ରହସ୍ୟ ରହିଛି, ପ୍ରଚଳିତ ଜାତୀୟ ସଂଗୀତର ପୂର୍ଣ୍ଣାଙ୍ଗ ଯଥାର୍ଥକୁ ମର୍ମାତ୍ମକର ମୌଳିକତାକୁ ଅକ୍ଷରେ ଅକ୍ଷରେ ବୋଧ କରିବା । ଆକର୍ଷଣୀୟ ରାଗ, ତାଳ ଓ ସ୍ୱର କିପରି ସମାଜକୁ ଆକର୍ଷିତ କରୁଛି, ତାକୁ ମଧ୍ୟ ବୋଧ କରିବା । ସର୍ବ ପ୍ରଥମେ ସଂଗୀତଟି ମର୍ମାତ୍ମକ ତତ୍ୱକୁ ଜାଣିବା ଆବଶ୍ୟକ ।
କବିତା –
ଜନ ଗଣ ମନ ଅଧିନାୟକ ଜୟହେ ଭାରତ ଭାଗ୍ୟ ବିଧାତା ।
ପଞ୍ଜାବ ସିନ୍ଧୁ ଗୁଜରାଟ ମରାଠା ଦ୍ରାବିଡ଼ ଉତ୍କଳ ବଙ୍ଗ

ବିନ୍ଧ୍ୟ ହିମାଞ୍ଚଳ ଯମୁନା ଗଙ୍ଗା ଉଚ୍ଛଳ ଜଳଧିତରଙ୍ଗ
ତବଶୁଭନାମେ ଜାଗେ ତବଶୁଭ ଆଶିଷ ମାଗେ
ଗା ହେ ତବ ଜୟ ଗାଥା । ।। ଘୋଷା ।।

ପଂକ୍ତି ୧ର ଯଥାର୍ଥ
ଜନ- (ପ୍ରତ୍ୟେକ ବ୍ୟକ୍ତିର ବାସ୍ତବତା) ଗଣ- (ସମଷ୍ଟି ଗତ ବ୍ୟକ୍ତିଙ୍କ ଏକତ୍ର), ମନ- ସମ ବିଚାରର ସମଷ୍ଟି । ଅଧିନାୟକ – (ଯାହାଙ୍କ ବିଚାର ଗ୍ରହଣୀୟ) । ଜୟ (ଗ୍ରହ୍ଣ) ହେ – (ସମୁଦାୟ) ଭାରତ – (ଜ୍ଞାନରତ ବା ଜ୍ଞାନୀ) । ଭାଗ୍ୟ – (ନିୟତି ମାର୍ଗ) । ବିଧାତା – (ସ୍ରଷ୍ଟାଙ୍କ ଅନ୍ୟନାମ) ୧) ପଞ୍ଜାବ- ସିନ୍ଧୁ (ପାକିସ୍ଥାନ ଅନ୍ତର୍ଗତ), ଗୁଜରାଟ, ମହାରାଷ୍ଟ୍ର, ଦ୍ରାବିଡ଼ ବା ଆନ୍ଧ୍ର, ଅଧ ଓଡ଼ିଶା ବା ଉତ୍କଳ (ଉତ୍ର ଶବ୍ଦ ନାହିଁ, ବଙ୍ଗ, ବିନ୍ଧ୍ୟ, ହିମାଞ୍ଚଳ, ଭାରତର ପ୍ରଦେଶ ଶ୍ରେଣୀ) ଗଙ୍ଗା ଯମୁନା (ଉଭୟ ନଦୀ ଜଳ ସ୍ରୋତ) ଜଳଧି (ସମୁଦ୍ର) ତରଙ୍ଗ- (ଢେଉ) ତବ (ତୁମର) ଶୁଭ (ମଙ୍ଗଳ) ନାମ (ସମ୍ବୋଧନ) ଜାଗେ (ଜାଗ୍ରତ ହୋଇ) ତବ- (ତୁମର) ଶୁଭ – (ମଙ୍ଗଳ) ଆଶିଷ – (ଆଶିର୍ବାଦ) ମାଗେ – (ମାଗୁଛି) ଗାହେ – ଗାଇକରି ତବ- (ତୁମର) ଜୟ – (ଗ୍ରହ୍ଣ) ଗାଥା – (କଥା) ।

ଏପରି ଭାବାର୍ଥ ପ୍ରକାରେ ଅନ୍ୟ ପଂକ୍ତି ଗୁଡିକ ପାଠକେ ପାଠକରି ନିଜେ ନିଜେ ବୁଝିଲେ ହିଁ ମର୍ମ ବୁଝି ହେବ ।
ଯଥା- ପଂକ୍ତି ନଂ ୨ –
ଅହରହ ତବ ଆହ୍ୱାନ ପ୍ରଚାରିତ ଶୁନି ତବ ମଙ୍ଗଳ ବାନି ।
ହିନ୍ଦୁ ଜୈନ ଶିଖ ବୌଦ୍ଧ ପାରଶିକ ମୁସଲମାନ ଖୀରସ୍ଥାନୀ ।
ପୁରବ ପଶ୍ଚିମ ଆସେ ତବ ସିଂହାସନ ପାଶେ ।
ପ୍ରେମହାର ଦ୍ୱୟ ଗାଥା ।
ଜନ-ଗଣ ଐକ୍ୟ ବିଧାୟକ ଜୟହେ, ଭାରତ ଭାଗ୍ୟ ବିଧାତା ।।୨।।

ପଂକ୍ତି ନମ- ୩-
ପତନ ଅଭ୍ୟୁଦୟ ବନ୍ଧୁର ପନ୍ଥା ଯୁଗ ଯୁଗ ଧାବିତ ଯାତ୍ରା ।
ହେ ଚିର ସାରଥି ତବ ରଥ ଚକ୍ରେ ମୁଖରିତ ପଥ ଦିବା ରାତ୍ରୀ ।
ଦାରୁନ ବିପ୍ଳବ ମାଝେ ତବ ଶଙ୍ଖଧ୍ୱନୀ ବାଜେ, ସଙ୍କଟ ଦୁଃଖ ତ୍ରାତା ।
ଜନ-ଗଣ ପଥ ପରିଚାୟକ ଜୟହେ ଭାରତ ଭାଗ୍ୟ ବିଧାତା ।।୩।।

ପଂକ୍ତି ନଂ- ୪
ଘୋର ତିମିର ଘନ ନିବିଡ଼ ନିଶିଥେ ପୀଡିତ ମୁର୍ଚ୍ଛିତ ଦେଶେ ।
ଜାଗ୍ରତଛିଲ ତବ ଅବିଲେମଙ୍ଗଲ ମନନୟନ ଅନିମେଷେ ।
ଦୁଃ ସ୍ୱପ୍ନେ ଆତଙ୍କେ ରକ୍ଷା କରିଲେ ଅଙ୍କେ ସ୍ନେହମୟୀ ତୁମି ମାତା ।
ଜନ-ଗଣ ଦୁଃଖ ତ୍ରାୟକ ଜୟହେ, ଭାରତ ଭାଗ୍ୟ ବିଧାତା । ।।୪।।

ପଂକ୍ତି ନଂ ୫
ରାତ୍ର ପ୍ରଭାତିଲ ଭବିଲ ରବିଛବି ପୂର୍ବ ଉଦୟ ଗିରି ଭାଲେ ।

ଗାହେ ବିହଙ୍ଗମ ପୂଣ୍ୟ ସମିରଣ ନବ ଜୀବନ ରସ ଢାଲେ ।
ତବ କରୁଣା ଗୁଣ ଭାଗେ ନିଦ୍ରିତ ଭାରତ ଜାଗେ ତବଚରଣ ଗଣନଥମାଥା ।
ଜୟ ଜୟ ଜୟ ହେ ରାଜରାଜେଶ୍ୱର ଭାରତ ଭାଗ୍ୟ ବିଧାତା ।।୫।।

ଜାତୀୟ ସଂଗୀତ ଗୁଡିକ ରାଷ୍ଟ୍ର ମୁକୁଟ ସ୍ୱରୂପ ତାତ୍ପର୍ଯ୍ୟ ପୂର୍ଣ୍ଣ ତଥା ସ୍ୱାଭିମାନ ପ୍ରତୀକ ଅଟେ । ଶୁଭକାର୍ଯ୍ୟ ଆରମ୍ଭରେ 'ଓମ୍ ଶୁଭମସ୍ତୁ' କହି କାର୍ଯ୍ୟ ଆରମ୍ଭ ଯେପରି କରାଯାଇଥାଏ ସେପରି ଜାତୀୟ ସଂଗୀତ ରାଷ୍ଟ୍ରର ଏବଂ ଜାତୀର ମଙ୍ଗଳ ସ୍ୱରୁପ ମନ୍ତ୍ର ଅଟେ । ପ୍ରକୃତ ହୃଦୟ ସ୍ୱର୍ଶୀ ଅଟେ ଜାତୀୟ ସଂଗୀତ । ଅତୀତରେ ଦିନେ ବାଇମୁଣ୍ଡି ନାମକ ଭିକ୍ଷାର୍ଥୀ, ମହାରାଜା (ବାରବାଟି)ଙ୍କ ସମୁଖରେ ଗାଇଥିଲା । ଯଦ୍ୱାରା କଟକ ସହରକୁ ଆମେ ଆଜି ଦେଖି ପାରୁଛେ । ନିମ୍ନରେ ସଂଗୀତଟିକୁ ଦିଆଗଲା ।

କୁକୁଡୁ କୁଁ ରେ କୁକୁଡୁ କୁଁ
ପ୍ରଭାତିଲା ରାତି କୁକୁଡୁ କୁଁ
ହେ ମହାରାଜା କୁକୁଡୁ କୁଁ
ଅବା ଇଚ୍ଛିହାସେ ରହିବ କଟକ ନଥିବ ଭୂଗୋଳ ଲେଖା
ଅକସ୍ମାତେ ଆଜି ମିଳିଛି ସୁଯୋଗ ପଥରେ ହୋଇଛି ଦେଖା
ହେ ମହାରାଜା  କୁକୁଡୁ କୁଁ – ୧
ହେବ ଜଳମଗ୍ନ ଲୁଚିଯିବ ସବୁ ନଥିବ ବାସ୍ତବ ରେଖା
ମୁଖ ଇତିହାସ କେବେ ଖୋଲିବନି ନ ହେବ ଭୂଗେଳେ ରେଖା
ହେ ମହାରାଜା କୁକୁଡୁ କୁଁ – ୨
ଅବଶ୍ୟ ବୋଲାଅ କାଳର ସମ୍ରାଟ ପ୍ରଜା କୁଟୁମ୍ବକୁ ଧରି
ତୁମ ମଥା ଟୋପି ରକ୍ଷାର କବଚ ବନ୍ୟା କିନ୍ତୁ ଅଛି ଘେରି
ହେ ମହାରାଜା କୁକୁଡୁ କୁଁ – ୩
ନହୋଇ ସଜାଗ କିଆଁ ହେ ବିରାଗ ଜଗିଛି କାଳ ଆଗରେ
କରଇ ସମନ ଥରକୁ ଥର ସେ ପହଞ୍ଚେ ବନ୍ୟା ରୁପରେ
ହେ ମହାରାଜା କୁକୁଡୁ କୁଁ – ୪
ବନ୍ୟା ଗୋଡ଼ାଇଲେ ଚାଲିଯିବ ତୁମେ ଅଛି ଦ୍ରୁତ ଅଶ୍ୱ ପାଶେ
ମୋ କୁଡ଼ିଆ ନିଶ୍ଚେ ତାମୁଖେ ପଡ଼ିବ କଲ୍ୟାଣ ବିନା ନିରାଶେ
ହେ ମହାରାଜା କୁକୁଡୁ କୁଁ – ୫
ହରସ ମନରେ କରହେ ସାକାର ଧନ ନାହିଁ ଯଦି ନିଅ ।
ଦେୟ ବାଇମୁଣ୍ଡି କରିଛି ଆଗୁଳ ସମାଜ ବକ୍ଷରେ କୁହ
ହେ ମହାରାଜା କୁକୁଡୁ କୁଁ  - ୬
କର୍ମ ମୋର ଭିକ୍ଷା ମାଗିବାର ଧର୍ମ ନାନା ରଙ୍ଗ ରଙ୍ଗେ ଭରି
ଏଠାରେ ମୋ ଜନ୍ମ ଏଠାରୁ ବିଦାୟ ଯିବି ନାହିଁ ଧନ ଧରି
ହେ ମାହାରାଦା କୁକୁଡୁ କୁଁ – ୭

ବାଇମୁଣ୍ଡି ତୁଲ୍ୟ ମର୍ମ ଭିତିକ ବିଚାରର ତତ୍ୱ ଜାତୀୟ ସଂଗୀତରେ ରହିବା କଥା । ସମର୍ପଣ, ଅତୀତର ଗୌରବ, ଘଟଣା ଗୁଡିକର ଗୌରବ, ନଦୀନାଳ ଗିରିଗୁହା ବୀରତ୍ୱ, ଆଧ୍ୟାତ୍ମିକତାର ପ୍ରଭାବ ଆଦି ରାଷ୍ଟ୍ରର

ମୌଳିକତାକୁ ନେଇ ଜାତୀୟତା ଗଠନ ହେବା ଆବଶ୍ୟକ । ଆମ ବଡ଼ପଣ୍ଡାମାନେ କେବଳ ଜାତୀୟ ସଂଗୀତର ଜାତୀୟତାକୁ ଅସ୍ୱ କରିନାହାନ୍ତି, ଆଧ୍ୟାତ୍ମିକ ପଥକୁ ମଧ୍ୟ ବିପଥଗାମୀ କରି ସାରିଛନ୍ତି । ନିମ୍ନରେ ବର୍ଣ୍ଣନା କରାଗଲା-

**ପର ଏବଂ ପରଂବ୍ରହ୍ମ ମଧ୍ୟରେ ଥିବା ଭେଦ**

ସର୍ବ ଶକ୍ତିର ଉର୍ଦ୍ଧରେ ଯେଉଁ ଶକ୍ତିର ପ୍ରଭାବ ରହିଛି, ଯାହାଙ୍କର ଜନ୍ମନାହିଁ କି ମୃତ୍ୟୁ ନାହିଁ, ସେ ପୁଣି ଅଚ୍ୟୁତ ବା କେବେ ଚ୍ୟୁତ ନାହିଁ । ସେ ପୁଣି ଅନନ୍ତ ଯାହାଙ୍କ ଅନ୍ତ ନାହିଁ । ସେ ପୁଣି ବିଷ୍ଣୁ ଅର୍ଥାତ୍ ବ୍ୟାପ୍ତ, ସେ ପୁଣି ବାସୁଦେବ ଅର୍ଥାତ୍ ଯେଉଁ କ୍ଷେତ୍ର ବା ସ୍ଥରରେ ବିଦ୍ୟମାନ । ଇତ୍ୟାଦି ପ୍ରକ୍ରିୟା କ୍ରମେ ଭୁପୃଷ୍ଠରେ ତାଙ୍କ ନାମ ଜଗନ୍ନାଥ ବା ପର ବ୍ରହ୍ମ ବୋଲାଇ ଆସୁଅଛି । ଶବ୍ଦ ଏହି ଜଗନ୍ନାଥଙ୍କୁ ପ୍ରବଚକ ଗଣ କହନ୍ତି ଜଗତର ନାଥ ବା ଜଗନ୍ନାଥ । ଜଗନ୍ନାଥ ଶବ୍ଦକୁ ନେଇ ମହର୍ଷି ପାଣିନୀଙ୍କ ବ୍ୟାକରଣରେ କୌଣସି ସିଦ୍ଧାନ୍ତ ନାହିଁ । କିନ୍ତୁ ଜଗନ୍ନାଥ ଶବ୍ଦକୁ ନେଇ ବ୍ୟାଖ୍ୟା ନିମ୍ନ ପ୍ରକାରେ ରହିଛି ।

ଜଗନ୍ନାଥ - ଜ – (ବ୍ୟାପ୍ତ) ଗ- (ଗମନଶାଳତା) ଃନ୍ନ – (ଆତ୍ମା) ଅଥ - (ମଙ୍ଗଳ ସକାଶେ) ଅର୍ଥାତ୍ ଯେଉଁ ଆତ୍ମା ସମୁଦାୟ ପରିବେଶର ମଙ୍ଗଳ ସକାଶେ ବ୍ୟାପ୍ତାକାରରେ ଅହରହ ବ୍ୟାପ୍ତ ଆକାରରେ ଗମନ ରତ ବା ଘୁରିବୁଲେ ସେ ହିଁ ଜଗଃନ୍ନାଥ ବା ପରବ୍ରହ୍ମ । ଏଥକୁ ନେଇ ଶ୍ରୀମଦ୍‌ଭାଗବତ ୧୨-୨-୧୭ ଶ୍ଳୋକ କହେ –

ଚରାଚର ଶୁଭର୍ବିଷ୍ଣୋରୀଶ୍ୱରସ୍ୟାଖିଳାତ୍ମନଃ
ଧର୍ମ ତ୍ରାଣାୟ ସାଧୁନଂା ଜନ୍ମ କର୍ମାପନୁତ୍ତୟେ ।।

ସର୍ବ ବ୍ୟାପକ ଭଗବାନ ବିଷ୍ଣୁ ସର୍ବଶକ୍ତିମାନ ଅଟନ୍ତି । ସେ ସର୍ବ ସ୍ୱରୂପ ହେଲେ ମଧ୍ୟ ଚରାଚର ଜଗତର ସଚ୍ଚା ଶିକ୍ଷକ ତଥା ସଦ୍‌ଗୁରୁ ଅଟନ୍ତି । ସେ ସାଧୁ, ସଜ୍ଜନ ପୁରୁଷଙ୍କ ଧର୍ମ ରକ୍ଷା ସକାଶେ, ସେମାନଙ୍କ ଧର୍ମ ବନ୍ଧନ ହଟାଇ, ସେମାନଙ୍କୁ ଜନ୍ମ ମୃତ୍ୟୁ ଚକ୍ରରୁ ଉଦ୍ଧାର କରିବା ପାଇଁ ଅବତାର ବା ପରଂବ୍ରହ୍ମ ରୂପ ଧାରଣ କରିଥାଆନ୍ତି । ଭଗବାନଙ୍କ ପୂର୍ଣ୍ଣ କଳା କେବେ ଅବତାର ହୁଅନ୍ତି ନାହିଁ । ସେ ପୂର୍ଣ୍ଣ କଳା ମଧ୍ୟରୁ କେବଳ ଶ୍ରୀକୃଷ୍ଣ ପୂର୍ଣ୍ଣ ୧୬ କଳାରୁ କଳାଏ ଧରି ଅବତାର ହୋଇଥିବା ଶାସ୍ତ୍ର ବର୍ଣ୍ଣିତ । ଅନ୍ୟ ଯେତେ ସବୁ ଅବତାର କଳାର ଅଂଶ ବିଶେଷ ଅଟନ୍ତି । ସେପରି ପରବ୍ରହ୍ମଙ୍କ ଏକ କଳାର ଅଂଶ ବିଶେଷକୁ ଆଜକୁ ୨୪ ଅବତାର ଯଥା - ପୁରୁଷାବତାର, ଗୁଣାବତାର, କଳ୍ପାବତାର, ଯୁଗାବତାର, ପୂର୍ଣ୍ଣାବତାର, ଅଂଶାବତାର, କଳାବତାର, ଆବେଶାବତାର, ଆଦି କଳାର ଅବାନ୍ତର ଭେଦ ଅଟେ । ଏବଂ ଅବତାର ଚରିତ ମଧ୍ୟ ଅନନ୍ତ ।

ଶ୍ରୀମଦ୍ ଭାଗବତ ୧୦-୮୯ ପାଠକଲେ ଜଣାଯିବ, ବ୍ରାହ୍ମଣ ସନ୍ତାନ ଜନ୍ମ ପରେ ପରେ ମାୟା ହୋଇ ଯାଉଥିବା କାରଣରୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଧରି ସେହି ବ୍ରାହ୍ମଣ ସନ୍ତାନଙ୍କୁ ଆଣିବାକୁ ଗଲେ । ବିଭିନ୍ନ ପଥଦେଇ ଯେଉଁଠାରେ ଦିବ୍ୟ ଆଲୋକର ପ୍ରଭାବ ରହିଥିବା ସେହି କ୍ଷେତ୍ରରେ ପହଞ୍ଚିଥିଲେ । ସେଠାରେ ସେ ଦୁହେଁ ଶେଷ ଦେବଙ୍କ ଭୟଙ୍କର ତଥା ଅଦ୍‌ଭୁତ ରୁପ ଦେଖି ପାରିଥିଲେ । ତାହାଙ୍କ ସହସ୍ର ସିର ତଥା ପ୍ରତ୍ୟେକ ସିରରେ ସୁନ୍ଦର ସୁନ୍ଦର ମଣି ଯୁକ୍ତ ଥିଲା । ଅର୍ଜୁନ ଶ୍ରୀକୃଷ୍ଣ ପ୍ରଣାମ କରି ଛିଡ଼ା ହେବା ପରେ ଶେଷଦେବ କହିଲେ – ତୁମ ଦୁହିଙ୍କୁ ଏକକାଳିନ ସମିପରେ ଦେଖିବା ପାଇଁ, ଏହି ବ୍ରାହ୍ମଣ ସନ୍ତାନଙ୍କୁ ମୁଁ ଏଠାକୁ ଆଣିଥିଲି । ତୁମ ଉଭୟ ଧର୍ମ ରକ୍ଷା ନିମନ୍ତେ ମୋ କଳା ଅଂଶକୁ ନେଇ ଜନ୍ମ ହୋଇଛ । କାରଣ ତୁମେ ଦୁହେଁ ଋଷିବର ନର-ନାରାୟଣ ଅଟ ।

ମର୍ତ୍ତ୍ୟ କ୍ଷେତ୍ରରେ ତୁମ ରହଣି ଅତିକ୍ରାନ୍ତ ହୋଇ ସାରିଲାଣି । ତୁରନ୍ତ ଆସି ଯାଅ । ଭୂମା ପୁରୁଷଙ୍କ ଆଦେଶ ସହିତ ବ୍ରାହ୍ମଣ ସନ୍ତାନଙ୍କୁ ଧରି ଫେରିଥିଲେ । ଏଠାରେ ପ୍ରଶ୍ନ ଉଠେ ଶ୍ରୀକୃଷ୍ଣ ଯଦି ଜଗଂନ୍ନାଥ ତେବେ ଭୂମା ପୁରୁଷ କିଏ ? ଏଠାରେ ପ୍ରମାଣିତ ଏହି ଯେ, ଭୂମା ପୁରୁଷ ସ୍ୱରୂପ ଜଗଂନ୍ନାଥ ଅଟନ୍ତି । ଏବଂ ଶ୍ରୀକୃଷ୍ଣ ବୁଦ୍ଧ ରୁପରେ ଭୂମା ବା ଜଗଂନ୍ନାଥଙ୍କ ସମ୍ମୁଖରେ ନବମ ଅବତାର ରୂପେ ଅବତରିତ ।

ଶ୍ରୀମଦ୍ ଭାଗବତ ୧୧-୩୧ ଅଧ୍ୟାୟରେ ଭଗବାନଙ୍କ ସ୍ୱଧାମ ଗମନ ଅଧ୍ୟାୟରେ କୁହାଯାଇଛି (ଶ୍ଳୋକ ୬) – ଭଗବାନଙ୍କ ଶ୍ରୀବିଗ୍ରହ ଉପାସକଙ୍କ ଧ୍ୟାନ, ଧାରଣାର ମଙ୍ଗଳମୟ ଆଧାର, ସର୍ବଲୋକ ସକାଶେ ପରମ ଆଶ୍ରୟ ଥିଲେ । ଏଣୁ ସେ ଯୋଗୀଙ୍କ ସମାନ ଅଗ୍ନିଦେବଙ୍କ ସମ୍ପର୍କିତ ଯୋଗ ଧାରଣ କରିଥିବା ଦ୍ୱାରା ଶରୀରକୁ ଅଗ୍ନିକ ଦ୍ୱାରା ଦାହ କରାଯାଇ ନଥଲା । ଏଣୁ ସେ ସଶରୀର ସ୍ୱଧାମକୁ ଚାଲି ଯାଇଥିଲେ । ପୁନଃ ଏହି ଅଧ୍ୟାୟ ୨୦ନଂ ଶ୍ଳୋକ କହେ – ଭଗବାନ ବଳରାମଙ୍କ ପତ୍ନୀଗଣ ତାଙ୍କର ଶରୀରକୁ, ବସୁଦେବଙ୍କ ପତ୍ନୀଗଣ ବସୁଦେବଙ୍କ ଶରୀରକୁ, ଏବଂ ଭଗବାନଙ୍କ ପୁତ୍ରବଧୂଗଣ ନିଜ ନିଜ ପତିଙ୍କ ଶରୀରକୁ ନେଇ ଅଗ୍ନି ପ୍ରବେଶ କରିଥିଲେ । କିନ୍ତୁ ଭଗବାନଙ୍କ ପତ୍ନୀ ରୁକ୍ମିଣୀ ଆଦି ପାଟରାଣୀଗଣ କେବଳ ଧ୍ୟାନ ମଗ୍ନ ହୋଇ ଅଗ୍ନି ପ୍ରବେଶ କରିଥିଲେ । ଇତ୍ୟାଦିକୁ ନେଇ ବିଚାର କଲେ ଜଣାଯାଏ ଯେ ଶ୍ରୀକୃଷ୍ଣଙ୍କ ଶରୀର ଯେବେ ନଥିଲା ତେବେ ଅଗ୍ନି ସଂସ୍କାର କାହାକୁ କରାଯାଇଥିଲା ? ରାଜା ଇନ୍ଦ୍ରଦ୍ୟୁମ୍ନ ସେ କାଳେ ଥିଲେ କି ?

**ପଣ୍ଡିତ ଜନଙ୍କ ଅପଭ୍ରଷ୍ଟାତ୍ମକ ବିଚାରରେ –**

ବ୍ରହ୍ମର୍ଷି ତଥା ମହର୍ଷିଙ୍କ ଦ୍ୱାରା ହୋଇଥିବା ବାରୁଣୀ ଯଜ୍ଞରେ ଆଦୃତ ବିନ୍ଦୁସରରୁ କୁଲ୍ୟା ବା ଋଷିକୁଲ୍ୟା ସରସ ପରେ ପରେ ସରସ୍ୱତୀ ନାମ ଧାରଣ କରି ପ୍ରବାହିତ ଜଳଧାରକୁ ଲୁପ୍ତା, ଗୁପ୍ତାଦି କହି, କେବଳ ଋଷିକୁଲ୍ୟାକୁ ଦୃଢତା ଦେଇ ସରସ୍ୱତୀ ନାମକୁ ସମାଧି ଦିଆ ଯାଇଛି କହିଲେ ଚଳେ । ଶୁଣାଯାଏ ମୋଦି ସରକାର ଆଫଗାନିସ୍ଥାନରୁ ତ୍ରିବେଣୀ ଯାଏଁ ଖୋଳାଇ ସରସ୍ୱତୀଙ୍କ ପୁନଃ ଜିବିତ ପାଇଁ ଚେଷ୍ଟା ଚାଲିଛି । ଆଫଗାନିସ୍ଥାନର ଉତ୍ପତି କେବେ ? ସରସ୍ୱତୀଙ୍କ ଉତ୍ପତି କେବେ ? ସରକାର ପରୀକ୍ଷା ନିରୀକ୍ଷା କରିଛନ୍ତି କି ?

ପଣ୍ଡିତ ଜୟଦେବଙ୍କ ଦ୍ୱାରା ରଚିତ ଗୀତଗୋବିନ୍ଦରେ ଦଶ ବିଧକୁ ନେଇ ରଚନା କରିଥିବା କାଳେ, ପଣ୍ଡିତମାନେ ଅବତାରକୁ ଲକ୍ଷ ରଖି କାର୍ଯ୍ୟ କରି ଚାଲିଛନ୍ତି । ଗ୍ରନ୍ଥଟି ସମ୍ପୂର୍ଣ୍ଣ ପରିବେଶକୁ ଆଧାର କରି ରଚନା କରାଯାଇଥିବାବେଳେ ରାଧାକୃଷ୍ଣ ଚରିତରେ ବର୍ଣ୍ଣିତ କହି ପ୍ରଚାର ଚାଲିଛି ।

କୁରୁକ୍ଷେତ୍ର ସୃଷ୍ଟି ହୋଇ ଶୃଙ୍ଖଳିତ ଭାବେ ପ୍ରଚଳିତ ହୋଇ ଆସିବା ପୂର୍ବରୁ ସମୁଦାୟ କ୍ଷେତ୍ରାଞ୍ଚଳ ଦଣ୍ଡକାରଣ୍ୟରେ ପରିଣତ ହୋଇ ରହିଥିଲା । ପିତୃ ସତ୍ୟ ପାଳନ କରିବାକୁ ଅଯୋଧ୍ୟାରୁ ଶ୍ରୀରାମ ପତ୍ନୀ ସୀତା ଏବଂ ଅନୁଜ ସହିତ ଏହି ଅରଣ୍ୟ ମଧ୍ୟରେ ୧୦ ବର୍ଷ କାଳ ତାପସଙ୍କ ଆଶ୍ରମ ମାନଙ୍କରେ ରହିଥିଲେ । ଏଥି ମଧ୍ୟରେ ରହିଥିବା କୁରୁକ୍ଷେତ୍ରାଞ୍ଚଳରେ ମଧ୍ୟ ରହିଥିବା ଭୀଷ୍ମଗିରି ତଥା ରାମଲିଙ୍ଗେଶ୍ୱର ପ୍ରାଙ୍ଗଣରେ ରହିଥିବା ଯଥେଷ୍ଟ ବୋଧ ହେଉଛି ବା.ରା. ଅରଣ୍ୟ କାଣ୍ଡ ଅ ୧୧-୨୪-୨୬ ।

**ଉଡ୍ରା କ୍ଷେତ୍ରାଞ୍ଚଳ ମହିମା**

ଢେଙ୍କାନାଳ ପଣ୍ଡିକ ଭୁବନେଶ୍ୱର ରଥ କହିଛନ୍ତି ଏହି କି ଯେ, ରହିଥିବା ମର୍ତ୍ତ୍ୟ ସମୁଦାୟ ମଧ୍ୟରେ ଉଡ୍ରସ୍ଥଳି ବା ବାରୁଣୀ କ୍ଷେତ୍ରର ଉତ୍ପତି ସ୍ଥଳି ହିଁ ଭାରତ ବର୍ଷର ମାତୃତ୍ୱ ସ୍ଥଳି । ସୃଷ୍ଟି ଆରମ୍ଭରୁ, କଳ୍ପଲତା ପରି ପ୍ରଚଳିତ ହୋଇ ରହିଆସିଛି । ଉଡ୍ରାଞ୍ଚଳର ଏହି ମାତୃତ୍ୱ କ୍ଷେତ୍ରରେ ଛଅ ମନ୍ୱନ୍ତର ଧରି ଅନେକ ଆଧ୍ୟାତ୍ମିକ ଘଟଣା ଘଟି

ଆସିଛି । ବୈବସତ୍ୱ ମନ୍ୱନ୍ତର ଆରମ୍ଭରେ ତଥା କଥିତ ହିମାଳୟ ସହିତ ମଣ୍ଡଳାକାର ମର୍ତ୍ତ୍ୟ ଆରମ୍ଭ ପରେ ପରେ ବୈବସତ୍ୱ ମନୁଙ୍କ ପୁତ୍ର ମାହାରାଜା ଇକ୍ଷାକୁ ରାଜା ହେବା ପରେ ଏହାଙ୍କ ପୁତ୍ର ଦଣ୍ଡ ଏହି ଉତ୍ତ୍ରାଞ୍ଚଳରେ ରାଜା ହୋଇ ବାଲିଗୁଡ଼ାଠାରେ ହେଉଥିବା ପ୍ରବାହିତ ଜଳଧାର ଖଡଗ ନଦୀ ପାର୍ଶ୍ୱରେ ରାଜଧାନୀ କରି ରାଜ୍ୟ ଶାସନ କରୁଥିଲେ । କୁଳଗୁରୁ ଥିଲେ ଶୁକ୍ରାଚାର୍ଯ୍ୟ ।

ରାଜା ଦଣ୍ଡ ଦିନେ କୁଳଗୁରୁ ଆଶ୍ରମକୁ ଯାଇ କୁଳଗୁରୁଙ୍କ ଅନିନ୍ଦ୍ୟ ସୁନ୍ଦରୀ କନ୍ୟା ଅରଜାଙ୍କୁ ଦେଖି ତାଙ୍କ ପ୍ରତି ଆକର୍ଷିତ, ପରେ ବଳାତ୍କାର କରି ଶୁକ୍ରାଚାର୍ଯ୍ୟଙ୍କ ଅଭିଶାପରେ ଦଣ୍ଡକ ରାଜ୍ୟ ଅରଣ୍ୟ ହୋଇ ଯାଇଥିଲା । ରାଜ୍ୟାଞ୍ଚଳ ଆୟତନ ଋଷିକୁଲ୍ୟା ସରସ୍ୱତୀଠାରୁ ଗୋଦାବରୀ ତଥା ପୂର୍ବ ଉପକୂଳଠାରୁ ପଶ୍ଚିମ ଉପକୂଳ ପର୍ଯ୍ୟନ୍ତ ଦଣ୍ଡକାରଣ୍ୟରେ ପରିଣତ ହୋଇଥିଲା । ପରିବେଶର ଶୁଭ୍ରତାକୁ ପୁନରପି ପ୍ରତିଷ୍ଠା କରିବା ପାଇଁ ସାଧୁ ସନ୍ଥ, ମୁନୀ ଋଷିଗଣ ଯଜ୍ଞାଦି କାର୍ଯ୍ୟ କରି ଚେଷ୍ଟା କରିବା କାଳେ ରାଜା କୁରୁ ଗୋଟିଏ କ୍ଷେତ୍ରକୁ ବାରମ୍ବାର ହଳ କରି ଶୁଦ୍ଧ କରିଥିଲେ । ରାଜା କୁରୁଙ୍କ ଦ୍ୱାରା ୧୩ ପ୍ରଦେଶ ଯଥା- ୧) ମତ୍ସ୍ୟ, ୨) ଚେଦି, ୩) ନୈଷଧ, ୪) ବିଦର୍ଭ, ୫) କୋଶଳ, ୬) ଉ. କୋଳଳ, ୭) ମଗଧ, ୮) ପଞ୍ଚାଳ, ୯) ବାରୁଣା, ୧୦) ହସ୍ତିନା, ୧୧) ଯମପ୍ରସ୍ଥ, ୧୨) ଇନ୍ଦ୍ରପ୍ରସ୍ଥ, ୧୩) ଜୟନ୍ତା ଆଦି ପ୍ରଦେଶକୁ ନେଇ କୁରୁ ଜାଙ୍ଗଳ ଦେଶ ପ୍ରସ୍ତୁତ କଲାପରେ, ମତ୍ସ୍ୟ ପ୍ରଦେଶ ଐଶାନ୍ୟ କୋଣକୁ ଆଧାର କରି କୁରୁକ୍ଷେତ୍ର ନିର୍ମାଣ କରିଥିଲେ ।

ଗୀତଗୋବିନ୍ଦ ରଚୟିତା ପରିବେଶବିତ୍ ପଣ୍ଡିତ ଜୟଦେବଙ୍କ ଭାଷାରେ ପ୍ରଳୟ କାଳରେ ଦୃଶ୍ୟଯୋଗ୍ୟ କ୍ଷେତ୍ର ହିଁ ବେଦ ଅଟେ । ଯେଉଁ ବେଦାଞ୍ଚଳ ଅନ୍ୟ ଭାଷାରେ ବୋଲାଏ ଗଞ୍ଜ ବା ସମନ୍ତ ପଞ୍ଚକ । ଯେଉଁ ସମନ୍ତ ପଞ୍ଚକ ନାମ ଅଟେ କୁରୁକ୍ଷେତ୍ର ଏବଂ ଏହି କୁରୁକ୍ଷେତ୍ରର ଚାରି ଦ୍ୱାର, ଦୁଇ ସୀମା ମଧ୍ୟରେ ରହିଛି ବ୍ରହ୍ମାଙ୍କର ଉତ୍ତରବେଦୀ ବ୍ରହ୍ମପୁର । ଏହି ବ୍ରହ୍ମପୁର ପରିବେଶ ଏତେ ନିର୍ମଳ, ଶୁଭ୍ର, ପୂଣ୍ୟ ତଥା ପବିତ୍ର ଯେ କଳ୍ପନାର ବାହାରେ । କାରଣ ଏହାର ନିର୍ମାଣ ଶ୍ରୀମଦ୍ ଭଗବତ୍ ଗୀତା ପ୍ରକାଶର ଆଲୋକରୁ, ଉକ୍ତ ଆଲୋକକୁ ପ୍ରଜ୍ୱଳିତ କରିବାରେ ପ୍ରକୃତ ବ୍ରହ୍ମପୁରବାସୀଙ୍କ ।

କୁରୁକ୍ଷେତ୍ର ତଥା ପବିତ୍ର ମହାନ କ୍ଷେତ୍ରରେ ଧର୍ମ ଆଧାରିତ ମେଦିନୀ ମଧୁକୈଠବ ସହ ୫ ହଜାର ବର୍ଷ ସଂଗ୍ରାମ ମହାବିଷ୍ଣୁ କରି ମେଦିନୀ ସହ କ୍ଷେତ୍ର ନିର୍ମାଣ କରିଥିଲେ, ସେହି କ୍ଷେତ୍ରରେ ଦେବାସୁର ସଂଗ୍ରାମ, ଶ୍ରୀ ଗଣେଶ କୁମାର ଅବସ୍ଥାରେ ଏକଲା ବ୍ରହ୍ମା, ବିଷ୍ଣୁ ମହେଶ୍ୱର ତଥା ସମୁହ ଦେବତାଙ୍କ ସହ ଘୋର ଯୁଦ୍ଧ ହୋଇଥିଲା । ଏପରି ଅନେକ ସଂଗ୍ରାମରେ ଦେବତ୍ୱର ଜୟ ଏଠାରେ ହୋଇ ଆସିଛି । କୁରୁକ୍ଷେତ୍ର ମଧ୍ୟରେ ଇତ୍ୟାଦି ଲୋକହିତକର କାର୍ଯ୍ୟ ଅନେକ ଘଟି ଆସୁଛି । ଏଥକୁ ନେଇ ମୁ ମୋ ବିଚାରରେ ଦୃଢ଼ ଅଛି ଯେ, ମୁଁ ଜଣେ ବ୍ରାହ୍ମଣ, ଅତ୍ୟନ୍ତ ଅତୀତରୁ ମୋର ପରିଚୟ ଗୋତ୍ର, ପ୍ରବର, ସମ୍ପ୍ରଦାୟ, ଶାଖା ଏବଂ ବେଦକୁ ନେଇ ରହି ଆସିଛି । ଜନ୍ମିତ ପିତାଙ୍କ ପରେ ପରେ ଅର୍ଥାତ୍ ବିଶ୍ୱାସର ବିଶ୍ୱାସ ତଥା ବିଶ୍ୱାସରେ ବିଷ ଦେବା ପରିଭାଷାକୁ ଶାସ୍ତ୍ର ଗୁଡ଼ିକରୁ ଖୋଜୁ ଖୋଜୁ ଶ୍ରୀମଦ୍ ଭଗବତ୍ ଗୀତା ୧୭ ଅଧ୍ୟାୟ ୨୮ ନଂ ଶ୍ଳୋକଟି ପାଇଲି । ଶ୍ଳୋକରେ ବର୍ଣ୍ଣିତ –
ଅଶ୍ରଦ୍ଧୟା ହୁତଂ ଦତଂ ତପସ୍ତପଂ କୃତଂ ଚ ଯତ୍ ।
ଅସଦିତ୍ୟୁଚ୍ୟତେ ପାର୍ଥ ନ ଚ ତତ୍ ପ୍ରେତ୍ୟବୋଇହ ॥

ଅଶ୍ରଦ୍ଧୟା – ଶ୍ରଦ୍ଧାହୀନ ବା ମାନସୀକ ଶତ୍ରୁତାକୁ, ହୁତଂ - ଆହୁତୀ ତୁଲ୍ୟ, ଦତଂ - ପ୍ରସ୍ତୁତ କରିଥାଏ, ତପ - ଜଳାଏ ବା ଇଛାକରେ, ସ୍ତପ୍ତଂ – ଇଛାର ଯେ ଅଧିକାରୀ, କୃତଂ – ଯେ ରଚନାକରେ, ଚ- ଅବା, ଯତ୍ –

କଳ୍ପନା କରିବା, ଅସ୍ – ହେବାକୁ ଥିବା ବା କଳ୍ପନା କରି ହୁଡ଼ିଯିବା, ଦିତ୍ୟ – ରାକ୍ଷାସ, ଉଚ୍ୟତେ – ସତ୍ୟରେ ପ୍ରକାଶ କରିଥାନ୍ତି, ପାର୍ଥ – ସହଯୋଗକାରି, ନ - ସମୁଦାୟ, ଚ- ବା, ତତ୍ – ସେଠାରେ, ପ୍ରେତ୍ୟ – ପ୍ରେତ ରୂପରେ, ବୋ – ସେ, ଇହ – ମର୍ତ୍ତ୍ୟରେ ।

ବସୁ ପ୍ରହରାଜ ରଚିତ ରାଘବ ଯଦବୀୟ ତଥା ଜୟଦେବ କୃତ ଗୀତ ଗୋବିନ୍ଦ ର ଟୀକା ସିନା ଆମର ବିଦ୍ୱାନ କରିପାରିଲେ ନାହିଁ କିନ୍ତୁ ଶ୍ରୀମଦ୍ ଭଗବତ୍ ଗୀତାର ପ୍ରତ୍ୟେକ ଶବ୍ଦାର୍ଥକୁ ସରଳି କରଣ କରିପାରିଛନ୍ତି । ଯଦ୍ୱାରା ବିଚାରାଳୟ ଗୁଡ଼ିକରେ ପ୍ରତିବାଦୀ ତଥା ବାଦୀଙ୍କୁ ଏହି ପବିତ୍ର ଗ୍ରନ୍ଥକୁ ଧରାଇ ସତ୍ୟ ଉଗାଳିବା ପାଇଁ ପ୍ରମାଣ କରାଇଥାନ୍ତି ସତ, କିନ୍ତୁ ସତ୍ୟ ଉଚ୍ଚାରଣକାରୀଙ୍କୁ ଫଳ ଓଲଟା ମିଳିଥାଏ । ଏଣୁ ଶ୍ଳୋକଟିର ପ୍ରତ୍ୟେକ ପଦର ଭାବାର୍ଥକୁ ନେଇ ଅର୍ଥ କରିଦେଲି । କିନ୍ତୁ ଶବ୍ଦ ଅଶ୍ରଦ୍ଧାୟା ଶବ୍ଦର ଯଥାର୍ଥତାକୁ କେବଳ ଉଲ୍ଲେଖ କଲି ।

ଯେଉଁ କାର୍ଯ୍ୟ ଶ୍ରଦ୍ଧା ଯୁକ୍ତ ଅଟେ ତାହା ଶାସ୍ତ୍ରୀୟ ସମ୍ମତ । ଅଶ୍ରଦ୍ଧାରେ ଶ୍ରଦ୍ଧାତୁଲ୍ୟ ଯେଉଁ କାର୍ଯ୍ୟ କରାଯାଏ ତାହା ଅବିଧି ଯୁକ୍ତ । ଦାନ, ଜପ, ତପ ତଥା ଅନ୍ୟାନ୍ୟ ଯେତେ କାର୍ଯ୍ୟ ଯେପରି ବିଶ୍ୱାସରେ ବିଷ ଦିଆଯାଏ ବା ଅଶ୍ରଦ୍ଧାରେ କରାଯାଏ ସେସବୁ ଅସତ୍ ଅଟେ ।

ପୁଣି ବର୍ଣ୍ଣିତ, ଅଶ୍ରଦ୍ଧୟା ପଦ ମଧ୍ୟରେ ଶ୍ରଦ୍ଧା ଭାବର ଅଭାବରୁ ସୂଚାଇ ଆସୁଥିବା (ନାଞ୍ଜ) ସମାସ କରାଯାଇଛି । ଏହାର ତାତ୍ପର୍ଯ୍ୟ ଏହି ଯେ, ଅସୁର ପ୍ରକୃତିର ଜନ, ପୁନର୍ଜନ୍ମ, ଧର୍ମ ତଥା ଇଶ୍ୱର ପ୍ରକୃତିର ଜନଙ୍କ ପ୍ରତି ଶ୍ରଦ୍ଧା ରଖନ୍ତି ନାହିଁ । ନିଜକୁ ନିଜେ ଭୟ ମଧ୍ୟ କରନ୍ତି ନାହିଁ । ଏପରି ବିଶ୍ୱାସରେ ବିଷ ପ୍ରୟୋଗକାରୀଙ୍କୁ ଏହି ନିରଙ୍କୁଶ ଶ୍ଳୋକକୁ ସାଧନା କରିବା ଉଚିତ୍ । କଳି କାଳ କାଳେୟକୁ ପ୍ରୟୋଗ କେବଳ ଓାମ୍ ନମୋ ଭଗବତେ ବାସୁଦେବାୟ ଦ୍ୱାରା ଶ୍ଳୋକଟି ସମ୍ପୁଟି କରଣ ଦ୍ୱାରା ସିଦ୍ଧ ହେବା ଆବଶ୍ୟକ ।

ଏହି ମନ୍ତ୍ରଟି ଶ୍ରୀମଦ୍ ଭଗବତ୍ ଗୀତାର । ଗୀତାର ପ୍ରତ୍ୟେକ ମନ୍ତ୍ର, ମନ୍ତ୍ରଭିତ୍ତିକ କିନ୍ତୁ ତନ୍ତ୍ର ଭିତ୍ତିକ ନୁହେଁ । ମନ୍ତ୍ର ଉଚ୍ଚାରଣ କରି ବ୍ୟାସଦେବ କୁରୁକ୍ଷେତ୍ରରେ ରାଜା ଧୃତରାଷ୍ଟ୍ରଙ୍କୁ ଦିବ୍ୟ ଦୃଷ୍ଟି ଦେଇ ଜୀବନ୍ତରେ ମୃତ ପୁତ୍ରଙ୍କୁ ଦେଖାଇ ଥିଲେ । ମନ୍ତ୍ର ବଳରେ ଏପରି ଘଟଣା ଅନେକ ଘଟିଛି । ଆଜଯାଏଁ ମୁଁ କାହାରି ହେଲେ ଅମଙ୍ଗଳ ପାଞ୍ଚି ଶତ୍ରୁତା କରି ନାହିଁ । କିନ୍ତୁ ମୋ ଆତ୍ମିୟ, ମିତ୍ର, ବନ୍ଧୁ ସହଯୋଗୀ ଆଦିଙ୍କ ସହ ସରକାରୀ ଅଫିସର ତଥା ମୋ ତରଫେ ଓକିଲାତି କରିଥିବା ଓକିଲମାନେ ମଧ୍ୟ ମୋ ପ୍ରତି ମାନସିକ ଶତ୍ରୁତା କରି ଆସିଛନ୍ତି । କେବଳ ମୋର ନୁହେଁ, ମୋ ପିତା ଏବଂ ସନ୍ତାନମାନଙ୍କ ବିଚାରକୁ ଯେଉଁମାନେ ହତ୍ୟାକରି ଆସିଛନ୍ତି, ସେମାନେ ମଧ୍ୟ କଳି ନିର୍ଦ୍ଧାରଣରୁ ବର୍ତ୍ତିବା ଅନିଶ୍ଚିତ ।

ମୁଁ ମୋ ମାନସିକ ଶତ୍ରୁଙ୍କୁ ଆହ୍ୱାନ କରୁଛି ଯଦି ପାରିବେ ମତେ ହତ୍ୟା କରନ୍ତୁ । ଏତଦ୍ୱାରା ବଶିଷ୍ଟ ତଥା ଅଗସ୍ତିଙ୍କ ଅଂଶ ବିଶେଷ ବ୍ରହ୍ମ ଆତ୍ମାଟି ବ୍ରହ୍ମରାକ୍ଷସରେ ପରିଣତ ହୋଇ ରଷିୟା, ୟୁକ୍ରେଣ୍ଟକୁ ଯେପରି ଧ୍ୱସ୍ତ ବିଧ୍ୱସ୍ତ କରି ପାରିଛି, ସେପରି ଅଳ୍ପମାତ୍ରାରେ, ମାନସିକ ଶତ୍ରୁତା କରିଥିବା ବ୍ୟକ୍ତି ମଧ୍ୟ ତ୍ରାହି ପାଇପାରିବେନି ।

ଆତ୍ମାର ଜୀବନ ସଂଗ୍ରାମରେ କିଛି ନୂତନତାକୁ ମର୍ଯ୍ୟଦା ଦେବା ଆବଶ୍ୟକ । ଧର୍ମ କ୍ଷେତ୍ରରେ ବର୍ଣ୍ଣିତ କୁରୁକ୍ଷେତ୍ରରେ ଯଦି ମିଥ୍ୟା, ଠକାମୀ, ଚୋରି, ଡକାୟତି ତଥା ମାନସିକ ଶତ୍ରୁତା ମାଧ୍ୟମରେ ବିଶ୍ୱାସରେ ବିଷ ଦେଇ ଭଣ୍ଡିବା ଉଚିତ୍ କି ?

**ମାମକା ପାଣ୍ଡବାଶ୍ଚୈବ**

ରାଷ୍ଟ୍ର ନିର୍ମାଣ କରି ଆସିଥିବା ପରିବେଶ କହେ – ମାମକା ବା ମୋର ଦ୍ୱାରା ସୃଷ୍ଟି ହୋଇଥିବା ପଞ୍ଚଭୁତାକାର ପରିବେଶ ଏପରି ସଂଶୟକୁ ନେଇ ସମାଧାନ କରି ନ ପାରି ଶେଷରେ ସ୍ଥିର କଲା ଯେ, ଯଦି ଉପଯୁକ୍ତ ଅବସ୍ଥାକୁ ସ୍ଥିର କରି ନ ପାରି ଧିରଜ ସହ କହିଲା, କିଛି ନ ହେଲେ ମଧ ହୋଇ ରହିବ ଏକ ସଂଶୟ ପୂର୍ଣ୍ଣ ଗ୍ରନ୍ଥ । ଏହି ଗ୍ରନ୍ଥରେ ମୀମାସାତ୍ମକ ବିଚାର କିଛି ନଥିବ । କେବଳ ରହିଥିବ ପରଧନ ଲୁଟିବା । ପରଧନ ହସ୍ତଗତ କରି ବଂଚ୍ଛି ରହିବା ଗ୍ରନ୍ଥରେ ଥିବା ତତ୍ୱ ଗୁଡ଼ିକ ଏପରି ଥିବା ଜଣାଗଲେ ମଧ, ଶେଷ ସିଦ୍ଧାନ୍ତ କଣ ହେବ କିଏ ଜାଣେନା । ଶେଷ ସିଦ୍ଧାନ୍ତର ଏକ ମୌଳିକ ସୁତ୍ର ୧୯୮୦ ଖ୍ରୀଷ୍ଟାବ୍ଦରୁ ଗବେଷଣାରେ ବ୍ରତି ହୋଇ ସ୍ଥିର କରିଛି । ପରିକ୍ଷା ବାଞ୍ଛନୀୟ । ଧର୍ମ ରକ୍ଷତେ ରକ୍ଷିତଃ । ପ୍ରକୃତରେ ସତ୍ୟ ସତ୍ୟରୁପେ ଯଦି ପରିବେଶ ମଧରେ ରହିଛି ତେବେ ବିଷୟ କୁରୁକ୍ଷେତ୍ର ନିଜ ପରିଚୟକୁ ଦେବ ।

**ସାରାଂସ**

ବ୍ରହ୍ମାଣ୍ଡ ମଧରେ ତଥା ସମୁଦାୟ ନିମ୍ନ ବା ସ୍ଥଳ କ୍ଷେତ୍ରରେ ଜଳ ହିଁ ଜଳ ଥିଲା । ସମୁଦାୟ ସେ ରାଶି ମଧରେ ପ୍ରକୃତିର କଳ୍ପନା ମଧରେ ଉତ୍ପତି ହୋଇଥିଲେ ମଧୁ କୈଠବ ନାମକ ଦୁଇଜଣ ଦାନବ । ପ୍ରକୃତି ପ୍ରଭାବରେ ଉଭୟ ଦାନବଙ୍କ ମେଦରୁ ମେଦିନୀ ପ୍ରକଟ ହୋଇ ପାରିଥିଲା । ଯେଉଁ ମେଦିନୀର ଦୈର୍ଘ୍ୟ ୪୦୦୦ କୋଶ । ଏହି ଦୈର୍ଘ୍ୟ ଭୁମିକୁ କେହି କେହି ବେଦ ରୂପେ ବର୍ଣ୍ଣନା କରିଛନ୍ତି ତ ଆଉ କେହି ଧାରଣ ବା ଧର୍ମଭୁମି କହି କହିଛନ୍ତି । ଆଉ କେତେକ ଏହି ଧର୍ମ ଭୁମିକୁ କହନ୍ତି ଗଞ୍ଜ୍ ଭୁମି ବା ସଂସ୍କୃତିର ଉତ୍ପତି କ୍ଷେତ୍ର ।

ଏହି କ୍ଷେତ୍ର କେଉଁ ଅଜଣା କାଳରୁ ଉତ୍ପତି ତଥା ପଞ୍ଜାଙ୍ଗ କହେ ଏହି ଧର୍ମ କ୍ଷେତ୍ର ୧୯୫୫୮୮୫୧୨୩ ବର୍ଷ ଧରି ରହି ଆସିଛି । ଏବଂ ଅତୀତରେ ରାଜା କୁରୁ ଏକ ସୀମିତ ଅଞ୍ଚଳକୁ ବାରମ୍ବାର ଚାଷ କରି କୁରୁକ୍ଷେତ୍ର ନିର୍ମାଣ କରିଥିଲେ । ଏହି କୁରୁକ୍ଷେତ୍ର ବୋଲାଇବା ପୂର୍ବରୁ କ୍ଷେତ୍ର ସମନ୍ତପଞ୍ଚକ ବୋଲାଉଥିଲା । ଏହି ସମନ୍ତ ପଞ୍ଚକ ଅଂଚଳ ମଧରେ ଯଥା – ତରନ୍ତୁକ, ଅରନ୍ତୁକ, ମଚକ୍ରୁକ ଓ ରାମହ୍ଲାଦ ଚାରି ଦ୍ୱାର ମଧରେ କୁକୁକ୍ଷେତ୍ର ସ୍ଥିତି ରହି ଆସିଛି । ଏବଂ କୁରୁକ୍ଷେତ୍ରର ଉତର ପାର୍ଶ୍ୱ ସୀମାରେ ଋଷିକୁଲ୍ୟା ସରସ୍ୱତୀ ତଥା ଦକ୍ଷିଣ ସୀମାରେ ଦୃଷଦ୍ୱ୍ୟବତୀ ବା ମହେନ୍ଦ୍ର ତନୟା ରହିଛି ।

କୁରୁକ୍ଷେତ୍ର ଏହି ମଚକ୍ରୁକ ଦ୍ୱାରଠାରେ ମେଦିନୀର ପ୍ରଥମ ଶାସନ କ୍ଷେତ୍ର ତଥା ପ୍ରଥମ ଶାସକ ଥିଲେ ସ୍ୱୟମ୍ଭୁବ ମନୁ । ଏହାଙ୍କ ପରେ ରାଜା ପ୍ରିୟବ୍ରତ ରାଜ୍ୟ ଉଭ୍ରକୁ ୧୧ ଅର୍ବୁଦ ତଥା ୧୧୦ କୋଟି ବର୍ଷ ଶାସନ କରିଥିବା (ଶ୍ରମଦ୍ ବାଗବତ ୫-୧-୨୬) କୁହାଯାଇଛି । ଏପରି ଶାସନ ପରେ ପରେ ବୈବସତ୍ୱ ମନ୍ୱନ୍ତର ଆରମ୍ଭରେ ତଥା କଥିତ ହିମାଳୟର ଉତ୍ପତି, ତତ୍‌ସହିତ ମର୍ତ୍ୟ ମଣ୍ଡଳର ଗଠନ ମେଦିନା ସହିତ ଉତ୍ପତି ହୋଇଥିଲା । ମର୍ତ୍ତ୍ୟମଣ୍ଡଳ ଗଠନର ବହୁ ବର୍ଷ ପରେ ସମ୍ଭବତଃ ପ୍ରାୟ ଦୁଇ କୋଟି ବର୍ଷ ପରେ ରାଜା କୁରୁଙ୍କ ଦ୍ୱାରା ଧର୍ମ କ୍ଷେତ୍ର ସମ୍ଭବତଃ ପ୍ରାୟ ଦୁଇ କୋଟି ବର୍ଷ ପରେ ରାଜା କୁରୁଙ୍କ ଦ୍ୱାରା ଧର୍ମ କ୍ଷେତ୍ର ମଧରେ କୁରୁକ୍ଷେତ୍ର ଚିହ୍ନଟ ହୋଇ ରହି ଆସିଛି ।

କୁରୁକ୍ଷେତ୍ର ସୀମା ଓ ସୀମା ଅନ୍ତର୍ଗତ ମଧରେ ଅନେକ ବିଚକ୍ଷଣ ସ୍ଥାନ ମାନ ରହିଛି । ଯେପରି ମହାଭାରତ ତୀର୍ଥ ଯାତ୍ରା ପର୍ବ ମଧରେ ଅଧ୍ୟାୟ ୮୦ ଠାରୁ ୮୫ ପର୍ଯ୍ୟନ୍ତରେ ବର୍ଣ୍ଣିତ । ପୁନଃ ଏହି କ୍ଷେତ୍ରସ୍ଥ ତଥା ସୀମାଗତ ବ୍ରାହ୍ମଣମାନେ ଅତିଶୟ ପରାକ୍ରମୀ । ନିମ୍ନରେ କେତେକ ବ୍ରାହ୍ମଣଙ୍କ ତଥ୍ୟ ଦିଆଗଲା ।

ମହର୍ଷି କର୍ଦମ – ଯେକି ଅଦ୍‌ଭୁତ ବିମାନରେ ସମୁଦାୟ ଅନ୍ତରିକ୍ଷ, ପତ୍ନୀ ଦେବହୁତୀଙ୍କୁ ଦେଖାଇ ଆଣିଥିଲେ । ଭଗବାନ କପିଳ ସାଙ୍ଖ୍ୟ ଦର୍ଶନ ସହିତ ସହିଂତା ପ୍ରସ୍ତୁତ କରିଥିଲେ । ପ୍ରଥମ ମହାସମର ବ୍ରହ୍ମର୍ଷି ବଶିଷ୍ଟ ଓ ବିଶ୍ୱାମିତ୍ରଙ୍କ ସଙ୍ଗେ ହୋଇଥିଲା । ଗୋଟିଏ ବ୍ରହ୍ମଣ ଶୁକ୍ରାଚାର୍ଯ୍ୟଙ୍କ ଅଭିଶାପରେ ଦଣ୍ଡକ ରାଜ୍ୟ ଅରଣ୍ୟରେ ପରିଣତ ହୋଇପାରିଥିଲା । ଗୋଟିଏ ବ୍ରାହ୍ମଣ ଦଧିଚି ସମୁଦାୟ ତୀର୍ଥଙ୍କୁ ନିଜ ଆଶ୍ରମ ସମିପରେ ଦର୍ଶନ କରି ନିଜ ଅସ୍ଥିକୁ ବଜ୍ର ସକାଶେ ଇନ୍ଦ୍ରଙ୍କୁ ପ୍ରଦାନ କରିଥିଲେ । ଏକା ବ୍ରାହ୍ମଣ ମହର୍ଷି ଅଗସ୍ତି ସାତ ସମୁଦ୍ରକୁ ଅରନ୍ଧୁକ ସ୍ଥଳିରେ ଚଲୁ କରିଦେଇଥିଲେ । ମହର୍ଷି ପରଶୁରାମ ଏକା ପୃଥିବୀ ନରପତି ସହସ୍ରାର୍ଜୁନଙ୍କ କୁଟୁମ୍ବ ସହିତ ସୈନ୍ୟଙ୍କ ସହ ସଂଗ୍ରାମ କରି ମହିଷ୍ମତୀ ଦୂର୍ଗକୁ ଡିହ କରିଥିବା ଆଜି ମଧ ତାର ଛତ୍ରପୁର ବ୍ଲକରେ ଦେଖିବାକୁ ମିଳେ । ମହର୍ଷି ବ୍ୟାସଦେବ ଉଚ୍ଚାରଣ (ଭାଙ୍ଗକୁମରଡ଼ା) କରି, ମହାଭାରତ ସଂଗ୍ରାମରେ ହତ ସମୁହଙ୍କୁ ଆହ୍ୱାନ କରିଥିଲେ । ସେମାନେ ପାରଲୌକିକ ଖେମୁଣ୍ଡି ବା ପାରଳାଖେମୁଣ୍ଡିର ଶୂନ୍ୟ ଆକାଶରୁ ଆସି ଗଙ୍ଗାଦ୍ୱାରଠାରେ ଅବତରଣ କରିଥିଲେ । ଏଥକୁ ନେଇ ରଣଝାଲି, ହୁଣ୍ଡତ, ହତାପୁର, ଧୋବାଡ଼ି, ଆହାଙ୍ଗୁ ଆଦି ଜନ ପଦ ରହିଛି । ବ୍ରାହ୍ମଣ ବସୁ ପ୍ରହରାଜଙ୍କ କର୍ତୃତ୍ୱ, ଆଠଗଡ଼ର ଚନ୍ଦ୍ରଚୋର ବାହିନୀ ପତି, ଅମରୀ ଧର୍ମ ସରଣ ପୁରର କମ୍ଭୁ ତିଆଡ଼ି, ଇତ୍ୟାଦି ଅନେକ ବ୍ରାହ୍ମଣ ନିଜ ନିଜର କରାମତି ଦେଖାଇ ଯାଇଛନ୍ତି । ଯେପରି ଓଡିଙ୍ଗି ପାହାଡ଼ରେ ମୁନୀ ଉତଙ୍ଗ, ଚିକିଟି ଅଞ୍ଚଳରେ ଯୌଗୀସବ୍ୟ ଅସିତଦେବଳ ତଥା ଚକ୍ରବର୍ତି ନହୁଷଙ୍କୁ ମଧ୍ୟାକାଶରେ ତ୍ରିଶଙ୍କୁ କରି ରଖିବା କଣ ମିଥ୍ୟ କି ?

ଆଜିର କୁକୁଡାଖଣ୍ଡି ବ୍ଲକର ସିଆଳା ଜନପଦ ପଂଚାୟତ ଅନ୍ତର୍ଗତ ସିଙ୍ଗାବାଡ଼ି ଜନପଦରେ ଥିଲା ମହାବୃକ୍ଷ ଶଙ୍ଖ । ଯେଉଁ ବୃକ୍ଷତଳେ ଶତାଧିକ ତପସ୍ୱୀ ତପସ୍ୱା କରୁଥିଲେ । ସେ କାଳେ ବୃଦ୍ଧଗର୍ଗ, ଯେ କି ଏଠାରେ ଆଶ୍ରମ କରି ଅନ୍ତରିକ୍ଷକୁ ନେଇ ଗବେଷଣା କରୁଥିଲେ । ଅନ୍ତରିକ୍ଷ ଗବେଷଣାର ତାତ୍ପର୍ଯ୍ୟ ବୁଝିବା ପାଇଁ ବହୁ ବ୍ରହ୍ମର୍ଷି ମହର୍ଷିଙ୍କ ସହିତ ବ୍ରହ୍ମଦେବଙ୍କୁ ନିମନ୍ତ୍ରଣ କରି ଏକ ଦୀର୍ଘକାଳିନ ଯଜ୍ଞ ଏଠାରେ କରିଥିଲେ । ଏଣୁ କ୍ଷେତ୍ର ସମୁଦାୟ ଯାଜ୍ଞିକ ବ୍ରାହ୍ମଣଙ୍କ ପ୍ରଭାବରେ ରହିବା ଉଚିତ୍ । ଏହି ଯଜ୍ଞରେ କର୍ତ୍ତା ନିଜେ ବୃଦ୍ଧଗର୍ଗ, ଆଚାର୍ଯ୍ୟ ସ୍ୱୟଂ ବଶିଷ୍ଠ ତତା ବ୍ରହ୍ମା ପଦ ସ୍ୱୟଂ ବ୍ରହ୍ମା ଗ୍ରହଣ କରିଥିବା, ପୁରୁଣା ବ୍ରହ୍ମପୁରଠାରେ ଚିହ୍ନ ରହିଛି ।

ଉପରୋକ୍ତ ବିଷୟ ତଥ୍ୟରୁ ଜଣାଯାଏ କୁରୁକ୍ଷେତ୍ରର ବ୍ରାହ୍ମଣ ସମାଜ ଧିର, ସ୍ଥିର, ଉଦାର ଏବଂ ସରଳ ବିଶ୍ୱାସୀ । ଏଣୁ ଏଠାରେ ବ୍ରାହ୍ମଣମାନେ ହିଁ ବ୍ରାହ୍ମଣଙ୍କ ସରଳତାକୁ ବିଶ୍ୱାସ କରାଇ ବିଷ ପ୍ରୟୋଗ କରିଥାନ୍ତି । ଅନ୍ୟାନ୍ୟ ସମ୍ପ୍ରଦାୟ ବ୍ୟକ୍ତିଙ୍କୁ କଣ କହିବା ? ଗବେଷଣାରୁ କିନ୍ତୁ ଜଣାଯାଏ, ପୁଣି ଶ୍ରୀମଦ୍ ଭଗବତ୍ ଗୀତା ଅଧ୍ୟାୟ ୧୭ରଶ୍ଳୋକ ସଂଖ୍ୟା ୨୮କୁ ବିଧି ପୁର୍ବକ ପାଠକଲେ ପରିବେଶ ମଧରେ ଏକ ପ୍ରକାର ଶିହରଣ ସୃଷ୍ଟି କରି ହେବ । ବିଶ୍ୱାସକୁ ଆଧାର କରି ଯେଉଁମାନେ ବିଷ ପ୍ରୟୋଗ କରନ୍ତି ବା କରିଛନ୍ତି ସେମାନେ ଏବଂ ସେମାନଙ୍କ କୁଟୁମ୍ବ ନିଶ୍ଚୟ କାଳ ସର୍ପର ସମ୍ମୁଖୀନ ହେବେ । ଏବଂ ଉଚିତ୍ ପରିବେଶରେ ନିଶ୍ଚୟ କୁଟୁମ୍ବର ଅସ୍ତିତ୍ୱ ରହିବ ନାହିଁ ।

ମୁଁ ମଧ ଜଣେ ବ୍ରାହ୍ମଣ ! ଗୋତ୍ର, ପ୍ରବର, ସମ୍ପ୍ରଦାୟ, ଶାଖା ଏବଂ ବେଦ ରହିଛି । ଓଲଟା ପ୍ରବାହିତ ସରସ୍ୱତୀ କ୍ଷେତ୍ରରେ, ନୈତିକତା ପୂର୍ଣ୍ଣ ଭାବନାକୁ ନେଇ ଯଦି ସଂକଳ୍ପ ସହ ମାନସିକତାରେ ବ୍ରତୀ ହୋଇ ଧ୍ୟାନରେ ଯଦି ଏଠାରେ ବସିବି ତେବେ ନିଶ୍ଚୟ ଫଳପ୍ରାପ୍ତ ହେବି । ଅତୀତରେ ଅନ୍ୟାନ୍ୟ ବ୍ରାହ୍ମଣଙ୍କ ପରି, ସତ୍ୟତା ପ୍ରତିପାଦନ ପାଇଁ ପ୍ରୟନ୍ କରିବି । ଏଠି ସିଦ୍ଧ ହେଲାପରେ, ଏହି ସୂତ୍ରର ମଙ୍ଗ ସମାଜକୁ ବଢ଼ାଇଦେବି । ଅସମର୍ଥ କାଳରେ ନିଶ୍ଚୟ ବ୍ରହ୍ମ ରାକ୍ଷସ ସ୍ୱରୂପରେ ସମସ୍ୟା ସମାଧାନ କରିବି । ମୋ ବିଶ୍ୱାସର ବିଶ୍ୱାସଗଣ ଆସ ମତେ ହତ୍ୟାକର କାର୍ଯ୍ୟ ସୁଢଳ ହେବ ।

ଅଣୁ ପରମାଣୁ କ୍ଷେପଣାସ୍ତ୍ରଠାରୁ ଆଧ୍ୟାତ୍ମିକ କ୍ଷେପଣାସ୍ତ୍ରର ଗତି ଅତି ତୀକ୍ଷ୍ଣ ଏବଂ ଲକ୍ଷଭେଦୀ । ଏହାର ଲକ୍ଷଭେଦରେ ପ୍ରାୟ ୧୦ଟି କୁଟୁମ୍ବ ରହିବେ । ଗଣତନ୍ତ୍ର ଶାସନ କାରଣରୁ ସମୁହଙ୍କୁ ଜଳାଇ କାର୍ଯ୍ୟ କରିବାକୁ ପଡୁଛି । ଏକାସନ, ଏକଧ୍ୟାନ, ଏକାଗ୍ର ମାନସିକତାର ନିଖୁଣ ବ୍ରତ । କାରଣ ଏହି ଯେ ସାମନ୍ତରା ଯଦି ସାମନ୍ତ ରାୟ ବୋଲାଇ ପାରୁଛି, ତେବେ ସାହୁ କିଆଁ ସାଧୁ ନ ବୋଲାଇବ ?

# ବ୍ରହ୍ମପୁର ପ୍ରତିଷ୍ଠାର ୩୫୦ତମ ବାର୍ଷିକ ପାଳନ ପାଇଁ ପ୍ରସ୍ତାବ

ବ୍ରହ୍ମପୁର ସହରର ୩୫୦ତମ ବାର୍ଷିକ ପାଳନ କରିବା ନେଇ ସଂସ୍କୃତି ଗବେଷକ ଡକ୍ଟର ପ୍ରଦୀପ ମହାପାତ୍ର ଗୁରୁତ୍ୱାରୋପ କରିଛନ୍ତି । ଏକ ପ୍ରେସ ବାର୍ତ୍ତାରେ ବ୍ରହ୍ମପୁର ସହରର ଐତିହାସିକ ତଥ୍ୟ ଉଲ୍ଲେଖ କରି ଏଭଳି ଏକ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି । ଉପଲବ୍ଧ ଐତିହାସିକ ତଥ୍ୟ ଅନୁଯାୟୀ ୧୬୭୨ ଖ୍ରୀଷ୍ଟାବ୍ଦ ବ୍ରହ୍ମପୁର ସହର ପ୍ରତିଷ୍ଠା ହୋଇଥିବାର ପ୍ରମାଣ ରହିଛି । ସାପ୍ତାହିକ ସ୍ତମ୍ଭ 'ବ୍ରହ୍ମପୁର ଡାଏରୀ' ତଥା ସୋସିଆଲ ମିଡ଼ିଆ 'ଫେସବୁକ' ଓ 'ଟୁଇଟର' ପୃଷ୍ଠାରେ ସ୍ଥାନିତ ରଚନାରେ ୧୯୯୪ରେ ପ୍ରକାଶିତ 'ବ୍ରହ୍ମପୁର ସହରର ଐତିହାସିକ ଭିତ୍ତିଭୂମି', ବ୍ରିଟିଶ୍ ପ୍ରଶାସକ ଟି.ଜେ. ମାଲଟ୍‌ବୀଙ୍କ ଦ୍ୱାରା ସଂକଳିତ ୧୯୩୨ରେ ମାନ୍ଦ୍ରାଜରୁ ପ୍ରକାଶିତ 'ଗଞ୍ଜାମ ଡିଷ୍ଟ୍ରିକ୍ଟ ମାନୁଏଲ୍' ଏବଂ ଏମ୍. ଭି ଆପ୍ପାରାଓଙ୍କ ଦ୍ୱାରା ଲିଖିତ ୧୯୩୨ରେ ବ୍ରହ୍ମପୁରରୁ ପ୍ରକାଶିତ 'ହିଷ୍ଟ୍ରି ଅଫ୍ ହରିଡା ଖଣ୍ଡି': ମା ଆଣ୍ଡ୍ ମହନ୍ତଜ୍‌ରେ ପ୍ରଦତ୍ତ ତଥ୍ୟାବଳୀ ଉଦ୍ଧାର କରି ବ୍ରହ୍ମପୁର ସହରର ପ୍ରତିଷ୍ଠାର କାଳ ନିର୍ଣ୍ଣୟ କରିଛନ୍ତି । ଡକ୍ଟର ମହାପାତ୍ରଙ୍କ ମତରେ ବ୍ରହ୍ମପୁର ସହର ଗଞ୍ଜାମ ଜିଲ୍ଲା ମହୁରୀ ଜମିଦାରୀରେ ବିକଶିତ ହୋଇଥିଲା । ପୁରୀ ଗଜପତି ପୁରୁଷୋତ୍ତମଦେବଙ୍କ ଦ୍ୱାରା ପଞ୍ଚଦଶ ଶତାବ୍ଦୀ ମଧ୍ୟଭାଗରେ ମହୁରୀ ରାଜ୍ୟ ପ୍ରତିଷ୍ଠିତ ହେବା ପରେ ରାଜ ପରିବାର କେରାଣ୍ଡିମାଳ ପାଦ ଦେଶରେ ଅଧୁନା ମହୁଡ଼ା ଗ୍ରାମ ନିକଟରେ ସ୍ଥାପିତ ଦୁର୍ଗରେ ବସବାସ କରୁଥିଲେ । ପରେ ସେଠାରୁ ୧୨ କିଲୋମିଟର ଦୂରବର୍ତ୍ତୀ ଅଧୁନା ବଡ଼ବଜାର ସ୍ଥିତ ଏକ ସମତଳ ଅଞ୍ଚଳରେ ନୂତନ ରାଜପ୍ରସାଦ ନିର୍ମାଣ କରି ୧୬୬୨ରୁ ୧୬୭୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ଘୁଞ୍ଚାଇ ଆଣିଥିଲେ । କ୍ରମଶଃ ରାଜପ୍ରସାଦକୁ ଘେରି ମଠ, ମନ୍ଦିର, ଦୋକାନ, ବଜାର ଓ ଜନବସତି ଗଢ଼ି ଉଠିଥିଲା । ଏବଂ ଉକ୍ତ ଜନପଦଟି ବ୍ରହ୍ମପୁର ନାମରେ ନାମିତ ହୋଇଥିଲା । ଏହି ସମୟସୀମାରେ ୧୬୭୨ରେ ହରିଡାଖଣ୍ଡିଠାରେ ଶ୍ରୀ ଶ୍ରୀ ଲକ୍ଷ୍ମୀନୃସିଂହ ମନ୍ଦିର ନିର୍ମାଣ ଅନ୍ୟତମ ଉଲ୍ଲେଖଯୋଗ୍ୟ ଘଟଣା ।

ପ୍ରାଥମିକ ପର୍ଯ୍ୟାୟରେ ମନ୍ଦିର ଓ ରାଜପ୍ରସାଦ ମଧ୍ୟବର୍ତ୍ତୀ ଅଞ୍ଚଳରେ ଜନବସତି ଗଢ଼ି ଉଠିଥିବା ସ୍ଥାନୀୟ ଐତିହାସିକ ଦଣ୍ଡପାଣି ବେହେରା ମତବ୍ୟକ୍ତ କରିଥିଲେ । ନବ ବିକଶିତ ଜନପଦରେ ବହୁ ସଂଖ୍ୟକ ମଠ, ମନ୍ଦିର, ପୁଷ୍କରିଣୀମାନ ଗଢ଼ିଉଠିଥିବାରୁ ଏହାର ନାମକରଣ ଦେବତାମାନଙ୍କ ନିବାସ 'ବ୍ରହ୍ମପୁର' କରାଯାଇଥିବା ବ୍ରିଟିଶ୍ ପ୍ରଶାସକଙ୍କ ବିବରଣୀରେ ଉଲ୍ଲେଖ ହୋଇଥିବା ଦେଖିବାକୁ ମିଳେ ।

ବ୍ରହ୍ମପୁର ସହର ପ୍ରତିଷ୍ଠାର ୩୫୦ତମ ବାର୍ଷିକୀ ପାଳନ ଅବସରରେ ୩୧ ଅଗଷ୍ଟ ୨୦୨୨ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଏକ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଡକ୍ଟର ମହାପାତ୍ର, ବ୍ରହ୍ମପୁର ମହାନଗର ନିଗମକୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ଉତ୍ସବାନୁଷ୍ଠାନ ସମେତ ମୁଖ୍ୟତଃ ସହରର ଦୃଶ୍ୟଶ୍ରାବ୍ୟ ପ୍ରାମାଣିକ ଇତିହାସ ଓ ଐତିହାସିକ ତଥ୍ୟ ସମ୍ବଳିତ ଏକ ସ୍ୱତନ୍ତ୍ର ୱେବ୍‌ସାଇଟ୍ ପ୍ରୟୋଜନା ନିମନ୍ତେ ଗୁରୁତ୍ୱାରୋପ କରିଛନ୍ତି ।

## ମହାଭାରତ ପ୍ରକାରେ ବ୍ରହ୍ମପୁର

ବ୍ୟାସଦେବ କୃତ ମହାଭାରତରେ ଗଦାପର୍ବ ଅଧ୍ୟାୟ ୩୭ରୁ ଜଣାଯାଏ ଏହିଯେ, ଯେଉଁ ସମୟରେ ପ୍ରଚଳିତ କ୍ଷେତ୍ର ସମୁଦାୟ ସମନ୍ତ ପଞ୍ଚକ ନାମେ ଖ୍ୟାତ ଥିଲା ଓ ଯେଉଁ କ୍ଷେତ୍ରକୁ ମହାରାଜା ପୃଥୁ, ତାଙ୍କରି ଶାସନ କାଳରେ ପୃଥ୍ୱୀକୁ ସମତଳ କରି ବା ସମସ୍ତ ପକ୍ଷରୁ ପୂର୍ଣ୍ଣରୂପରେ ସମତଳ କରିଥିଲେ ଏବଂ ଯେଉଁ କ୍ଷେତ୍ର ମଧ୍ୟରେ ରାଜା କୁରୁ ବାରମ୍ବାର ହଳ କରି କୁରୁକ୍ଷେତ୍ର ରୂପେ ଚିହ୍ନଟ ରହି ଆସିଛି ।

ଗନ୍ଧର୍ବ ବା ସଭୁମିକ ଏହି ତୀର୍ଥ କ୍ଷେତ୍ରରେ ବୃଦ୍ଧ ଗର୍ଗ ନାମକ ଜଣେ ମହର୍ଷି ଆଶ୍ରମ କରି ଅନ୍ତରିକ୍ଷ ଗବେଷଣା କରୁଥିଲେ । ସରସ୍ୱତୀଙ୍କ ଏହି ଶୁଭ ଦକ୍ଷିଣ ପାର୍ଶ୍ୱରେ କାଳର ଜ୍ଞାନ, କାଳର ଗତି, ଗ୍ରହ ଏବଂ ନକ୍ଷତ୍ରମାନଙ୍କ ଚଳ ଚଞ୍ଚଳ ପରିବେଶ ମଧ୍ୟରେ ଉତ୍ପତ୍ତି ହୋଇଥିବା ଦାରୁଣ ଉତ୍ପାତ ତଥା ଶୁଭ ଲକ୍ଷଣ – ଏହି ସମସ୍ତ କଥାର ନିରୁପଣ ମହର୍ଷି ଗର୍ଗଙ୍କ ଦ୍ୱାରା ଏଠାରେ ନିର୍ଣ୍ଣୟ ହେଉଥିଲା । ଇତ୍ୟାଦି କାର୍ଯ୍ୟକୁ ନେଇ ଆଶ୍ରମଟି ଗର୍ଗସ୍ରୋତ ତୀର୍ଥ ନାମେ ଖ୍ୟାତ ଥିଲା । ଆଜି ଏହି ମହତ କ୍ଷେତ୍ର ଜନପଦ 'ମେଦିନୀପୁର' ଅଞ୍ଚଳ ହୋଇପାରେ ।

ଗର୍ଗସ୍ରୋତ ତୀର୍ଥର ଉତ୍ତର ପାର୍ଶ୍ୱ କ୍ଷେତ୍ରରେ ଥିବା ମହାଶଂଖ ବୃକ୍ଷ ଥିଲା, ଯାହାର ଉଚ୍ଚତା ମେରୁ ପର୍ବତ ତୁଲ୍ୟ ଜଣାଯାଉଥିଲା । ଏବଂ ଶ୍ୱେତାଚଳ ତୁଲ୍ୟ ଉଜ୍ଜ୍ୱଳ ଜଣା ଯାଉଥିଲା । ସେ ବୃକ୍ଷ ତଳେ ପ୍ରାୟ ସମସ୍ତ ଋଷି ବାସ କରୁଥିଲେ । କ୍ଷେତ୍ର ପୁଣି ସରସ୍ୱତୀ ତଟରେ ଥିଲା । କ୍ଷେତ୍ର ପବିତ୍ରତାର ପ୍ରଭାବରେ ଥିବା କାରଣରୁ ଏଠାରେ ବୃକ୍ଷ ଚାରିପାର୍ଶ୍ୱରେ ବିଦ୍ୟାଧର, ଯକ୍ଷ, ଅମିତ ତେଜସ୍ୱୀ ରାକ୍ଷାସଗଣ, ଅନନ୍ତବଳଶାଳୀ ପିଶାଚ ତଥା ସହସ୍ର ସଂଖ୍ୟାରେ ସିଦ୍ଧ ବାସ କରୁଥିଲେ । ସମୁହେ ବ୍ରତ, ନିୟମ ପାଳନ କରୁଥିଲେ । ଏବଂ ସେହି ବୃକ୍ଷ ଫଳକୁ ଆହାର ରୂପେ ସମୟେ ସମୟେ ବ୍ୟବହାର କରୁଥିଲେ । ସ୍ୱୀକୃତି ନିୟମ ପ୍ରକାରେ ସେମାନେ ପୃଥକ୍ ପୃଥକ୍ ଚଳି, ମନୁଷ୍ୟଙ୍କ ଦୃଷ୍ଟି ଆଢୁଆଳରେ ସେଠାରେ ଚଳ ପ୍ରଚଳ କରୁଥିଲେ ।

ଏପରି ଏକ ପବିତ୍ର କ୍ଷେତ୍ରରେ ନୈମେଷ୍ୟରଣ୍ୟବାସୀ ତପସ୍ୱୀଗଣ ଏଠାକୁ ଆସି ମହର୍ଷି ଗର୍ଗଙ୍କୁ କର୍ତ୍ତା ରୂପେ ଗ୍ରହଣ କରି ଏକ  ଦୀର୍ଘକାଳୀନ ବା **୧୨** ବର୍ଷ ଧରି ପ୍ରଚଳନରେ ରହିବା ପରି ଯଜ୍ଞ ଆରମ୍ଭ କରିଥିଲେ । ସେ ମହାଭାଗ ଋଷିଗଣ ମଧ୍ୟ ଯଜ୍ଞ କ୍ଷେତ୍ରରେ ରହିଥିଲେ । ଯେଉଁ ସମୟରେ ଯଜ୍ଞ ସମାପ୍ତ ହେବା କାଳେ ତୀର୍ଥ ସେବନ ସକାଶେ ସମସ୍ତ ଦିଗରୁ ଅନେକ ଋଷି ଧିରେ ଧିରେ ଆସି ଜମାଟ ବାନ୍ଧିଥିଲେ । ସରସ୍ୱତୀଙ୍କ ଦକ୍ଷିଣ ପାର୍ଶ୍ୱରେ ରହିଥିବା ସମସ୍ତ ଜନପଦ ନଗର ରୂପେ ପ୍ରତୀତ ହେବାରେ ଲାଗିଥିଲା । ତୀର୍ଥ ସେବନ ପାଇଁ ଲୋଭରେ ବ୍ରହ୍ମର୍ଷିଗଣ ସମୁଦାୟ ସମନ୍ତ ପଞ୍ଚକ କ୍ଷେତ୍ର ମଧ୍ୟରେ ତଥା ସରସ୍ୱତୀଙ୍କ ଦକ୍ଷିଣ ପାର୍ଶ୍ୱ ତଟରେ ବେହେଳି ଯାଇଥିଲେ । ଯେଉଁ ଯଜ୍ଞରେ ମହର୍ଷି ଗର୍ଗ କର୍ତ୍ତା, ବ୍ରହ୍ମର୍ଷି ବଶିଷ୍ଠ ଆଚାର୍ଯ୍ୟ ତଥା ସ୍ୱୟଂ ବ୍ରହ୍ମା ବ୍ରହ୍ମପଦ ଧାରଣ କରିଥିବା କାଳେ କାହିଁକି ଋଷିଗଣ ଏଠାରେ ଏକତ୍ରିତ ହୋଇନଥିବେ ।

ନୈମେଷିୟ ଋଷିମାନଙ୍କ ଆହ୍ୱାନ କ୍ରମେ ଏପରି ଯଜ୍ଞକୁ ବ୍ରହ୍ମଦେବ ଆଜିର ପୁରୁଣା ବ୍ରହ୍ମପୁରଠାରେ ରହିଥିବା ପଥର ଗୁମ୍ଫାଠାକୁ ଅବତରଣ କରିଥିବା ସୂଚନା ମିଳେ । ବ୍ରହ୍ମାଙ୍କ ଯଜ୍ଞକୁ ଅବତରଣ କରିଥିବା କାରଣରୁ ଏବଂ ସେହି ମୁହୁର୍ତ୍ତରୁ କ୍ଷେତ୍ର ସମୁଦାୟ ବ୍ରହ୍ମପୁର ନାମରେ ନାମିତ ହୋଇ ରହି ଆସିଛି ।

ପୁନଃ ପ୍ରବଳ ଭାବରେ ଋଷି ସମୁଦାୟ ଲାଠ୍ (ଏକତ୍ର) ହେବା ଲାଗିଥିଲେ । ଯେପରୀ ବୃନ୍ଦାବତୀଙ୍କ ଆଳୟ (କ୍ଷେତ୍ରରେ)ରେ ଗହଳି ହେବା ଭଳି ଜମାଟ ହୋଇଥିଲା । ଏଠାରେ ଆହୁତୀ ଦେବା କାଳେ ପବିତ୍ରାତ୍ମା

ଋଷିଗଣ ଅତ୍ୟନ୍ତ ଗମ୍ଭିର ସ୍ୱରରେ କରୁଥିବା ସ୍ୱାଧ୍ୟାୟ ଦ୍ୱାରା ପରିବେଶ ପୂର୍ଣ୍ଣ ହୋଇ ସମୁଦାୟ କ୍ଷେତ୍ର ବ୍ରହ୍ମମୟ ହୋଇ ଉଠିଥିଲା । ଏବଂ ଉକ୍ତ ମହାତ୍ମାମାନଙ୍କ କର୍ମ ଦ୍ୱାରା ସରସ୍ୱତୀଙ୍କ ଶୋଭା ବୃଦ୍ଧି ପାଇଥିଲା । ବିଭିନ୍ନ ପ୍ରକାରର ତପସ୍ୱୀମାନେ ସରସ୍ୱତୀଙ୍କ ଶୋଭାକୁ ବୃଦ୍ଧି କରିଥାନ୍ତି ଯେପରି ଦେବତାମାନେ ଗଙ୍ଗାଙ୍କ ଶୋଭା ବୃଦ୍ଧି କରିଥାନ୍ତି ।

ସତ୍ର ଯାଗରେ ସମ୍ମିଳିତ ଶକାଶେ ବହୁ ପରିମାଣରେ ତପସ୍ୱୀଗଣ ଯଜ୍ଞ କ୍ଷେତ୍ରକୁ ଆସିଥିଲେ । ପରନ୍ତୁ ସେମାନେ ସେମାନଙ୍କ ସ୍ଥିତି ସମ୍ଭାଳିବାରେ ଅସମର୍ଥ ଥିଲେ । ଏଣୁ ସେମାନେ ଯଜ୍ଞୋପବିତ ଦ୍ୱାରା ତୀର୍ଥ ନିର୍ମାଣ କରି, ସେଠାରେ ଅଗ୍ନିହୋତ୍ର ସମ୍ବନ୍ଧରେ ଆହୁତୀ ପ୍ରଦାନ କରିଥିଲେ । ଏତଦ୍ ବ୍ୟତୀତ ବିଭିନ୍ନ ଅନୁଷ୍ଠାନ ମାନଙ୍କର କର୍ମମାନ କରିଥିଲେ । ତଥା ଋଷି ତପସ୍ୱୀଙ୍କ ନିରାଶ ତଥା ଚିନ୍ତିତକୁ ଉପଲବ୍ଧି କରି, ସେମାନଙ୍କ ମାନସୀକ ଅଭିଷ୍ଟ ସିଦ୍ଧ କରିବା ସକାଶେ ସରସ୍ୱତୀ ସେଠାରେ ସ୍ୱତଃ ପ୍ରକଟ ହୋଇଥିଲେ । ଏବଂ ସମୁହଙ୍କୁ ଦର୍ଶନ ପ୍ରଦାନ କରିଥିଲେ ।

ସରସ୍ୱତୀ ନିଜ ସନ୍ତାନ (ଋଷି) ମାନଙ୍କ ନିରାଶତାକୁ ଲାଘବ କରିବା ପାଇଁ ସ୍ୱତଃ ସେଠାରେ ପ୍ରକଟ ହେବା କାରଣକୁ ନେଇ କଙ୍କ (କଙ୍କିଆ) ନାମେ ଜନପଦ ରହିଛି । ସରସ୍ୱତୀ ଏପରି ବିଭିନ୍ନ ସ୍ଥାନରେ ପ୍ରକଟ ହେବା କାରଣକୁ ନେଇ କଙ୍କ ପରି ମଣ୍ ଅଥବା ତାହାମଣ (ଟାମଣା) ନାମରେ ଜନପଦ ତଥା ପାହାଡ଼ ଉପରେ ପ୍ରକଟ ସ୍ଥଳି ଆଜି ମଧ ଦେଖିବାକୁ ମିଳୁଛି । ଏହି କ୍ଷେତ୍ରରେ 'ସିହଳା' ନାମରେ ଏକ ଜନପଦ ସ୍ମରଣୀୟ ହୋଇ ରହି ଆସିଛି । ଏପରି ସ୍ମରଣୀୟ ହୋଇ ରହିବା କାରଣ, ସରସ୍ୱତୀ ପ୍ରକଟିତ ହୋଇ ଦେଖିଲେ ଯେ ସି- ଅତ୍ୟନ୍ତ ଭିଡ଼, ହଳା – ସଖି, ସହେଲି, ସଙ୍ଗାତକୁ ବହୁଦିନ ପରେ ଦେଖିଲେ ଆଲିଙ୍ଗନରେ ଯେପରି ଚାପି ଧରନ୍ତି, ସେପରି ଅବସ୍ଥାକୁ ହୃଦୟଙ୍ଗମ କଲାପରେ ପୁନଃ ବିପରିତ ଦିଗ ପଶ୍ଚିମକୁ ସରସ୍ୱତୀ କୁଞ୍ଜମାନ ସୃଷ୍ଟିକରି ଜରାୟୁ ସଦୃଶ ପ୍ରବାହିତ ହୋଇ ପୁଣି ପୂର୍ବ ବାହିନୀ ସରସ୍ୱତୀ ଜଳରେ ସୋରଡ଼ା ଜନପଦ ମିଶି ଯାଇଥିଲେ ।

ସରସ୍ୱତୀ ନିଜ ସନ୍ତାନଙ୍କ ସକାଶେ ନୈମିଷ କୁଞ୍ଜ ବା ସରସ୍ୱତୀ କୁଞ୍ଜ ନିର୍ମାଣ କରି ଚାଲିଯିବା ପରେ, ଋଷିଗଣ ଫର୍ଚ୍ଚା କ୍ରମରେ ଛିଡ଼ା ହୋଇ ହାତରେ ଜ୍ୱଳନ୍ତ ପ୍ରଦୀପ ଧରି ପରିବେଶକୁ ସ୍ୱାଧ୍ୟାୟ କରିବାକୁ ଲାଗିଲେ । ହେମନ୍ତ ଋତୁ ପ୍ରାତଃ କାଳରେ ବେନ୍ଧାଳିଆ ବେନ୍ଧା ଉଠାଇବାକାଳେ କେରାଣ୍ଡି ମୀନ ଯେପରି ଖରାପ୍ରବାହରେ ଚକ୍ ଚକ୍ ଦେଖାଯାଏ, ସେପରି ଦୃଶ୍ୟ ଦେଖା ହେବାରୁ ଏବଂ କୁଞ୍ଜ ଗୁଡ଼ିକ ପର୍ବତରେ ପରିବର୍ତ୍ତନ ହୋଇ 'କେରାଣ୍ଡିମାଳ' ପର୍ବତ ନାମେ ନାମିତ ହୋଇ ଆଜି ରହି ଆସିଅଛି । (ଗଦା ପର୍ବ ୩୭ଅ)

'ମହୁଡ଼' ମହ+ଉ+ଡ଼ - ଅତୀତର ସତ୍ୟତାକୁ ଉଚ୍ଚାରଣ କରିବା ପାଇଁ ଈଶ୍ୱର ଏଠାରେ ପ୍ରକଟ ହୋଇ, ଘଟକେଶ୍ୱର ନାମେ ନାମିତରେ ପୂଜିତ । ଏପରି ଗହଳରେ ଈଶ୍ୱର ବ୍ରହ୍ମଦେବଙ୍କୁ ସାକ୍ଷାତ୍ କରି ଯଜ୍ଞର ବ୍ରହ୍ମା ସ୍ୱୟଂ ହୋଇଥିବା କାରଣରୁ କ୍ଷେତ୍ର ନାମ 'ବ୍ରହ୍ମପୁର' ହୋଇଥିବା ସମ୍ଭବ । ଏଣୁ ଲାଠ୍ ଜନପଦରେ ବ୍ରହ୍ମେଶ୍ୱର ନାମେ ସତ୍ୟ ଆକର୍ଷିତ କରୁଛି ବା ରହିଛି ।

## ରାଷ୍ଟ୍ରପତିଙ୍କୁ ପତ୍ର

ରାଷ୍ଟ୍ର ଭାରତର ରାଷ୍ଟ୍ରପତି ମହୋଦୟା ଶ୍ରୀମତି ଦ୍ରୋପଦୀ ମୁର୍ମୁଙ୍କ ପୁଷ୍ପ କମଳେ ଏକ ବ୍ରାହ୍ମଣର ଆବେଦନ - ବିଷୟ – ସରସ୍ୱତୀ ନଦୀକୁ ନେଇ ଏକ ଆବେଗ ଭରା ତଥ୍ୟ । ଭାରତର ପ୍ରତ୍ୟେକ ବ୍ୟକ୍ତି ଜାଣିବା ଉଚିତ୍ । ଯେହେତୁ ବେଦ, ଭାଗବତ, ମହାଭାରତ ସହିତ ଅନେତ ପ୍ରାଚୀନ ଗ୍ରନ୍ଥ ଗୁଡ଼ିକରେ ସରସ୍ୱତୀ ନଦୀକୁ ଆଧାର କରି ଅନେକ ପ୍ରମାଣ ରହିଛି ।

ସୁଶ୍ରୀ ରାଷ୍ଟ୍ର ଶ୍ରେୟା,

କଲ୍ୟାଣୀୟ ଆଶିର୍ବାଦ ପରେ, ଓଡ଼ିଶା ପ୍ରଦେଶ ଗଞ୍ଜାମ (ବର୍ତ୍ତମାନର) ଜିଲ୍ଲା ଲୋହର ଅଞ୍ଚଳରୁ, ମେଦିନୀ ସୃଷ୍ଟି କାଳରୁ ରକ୍ତ ସ୍ରୋତ ପ୍ରବାହିତ ସହ ବ୍ରହ୍ମାଣ୍ଡରେ ପ୍ରଥମ ରକ୍ତ ସ୍ରୋତ ରୂପେ ନିଜର ପରିଚୟ ଦେଇଆସିଛି । ଏଥିରେ ଦ୍ୱିମତ ହେବାର କେହି ନାହିଁ । ଆଜକୁ ଏ ନଦୀର ବୟସ ଯଥା – ବ୧୯୫୫୮୮୫୧୨୩ର୍ଷ (ରାଧାରମଣ ପ୍ରେସର ବିଶୁଦ୍ଧ ସାମନ୍ତ ପଞ୍ଜିକା ୨୦୨୨-୨୩) ।

ଶ୍ରୀକୃଷ୍ଣ ଦୈପାୟନ ବ୍ୟାସ କୃତ ଶ୍ରୀମଦ୍ ଭାଗବତର (୩/୨୧/୭) ଶ୍ଳୋକରେ ବର୍ଣ୍ଣିତ ଏହି ଯେ, ବ୍ରହ୍ମଦେବଙ୍କ ଆଦେଶ ପ୍ରକାରେ, ମହର୍ଷି କର୍ଦମ ସନ୍ତାନ ଉତ୍ପତି ସକାଶେ ଦଶହଜାର ବର୍ଷ ପର୍ଯ୍ୟନ୍ତ ସରସ୍ୱତୀ ତୀର କ୍ଷେତ୍ରରେ ତପସ୍ୟା କରି ଶ୍ରୀହରିଙ୍କ ଦର୍ଶନ ପାଇଥିଲେ । ଏହି ଘଟଣା ମେଦିନୀ ଗଠନର କିଛି ବର୍ଷ ପରେ ଅବଶ୍ୟ ହୋଇଥିଲା, କିନ୍ତୁ ସରସ୍ୱତୀଙ୍କ ଉତ୍ପତି ପୂର୍ବରୁ ମହର୍ଷି କର୍ଦମଙ୍କ ଏଠାରେ ପ୍ରକଟ ହୋଇ ପାରିଥିଲା ।

ମେଦିନୀ ସୃଷ୍ଟି ପରେ ପରେ ମହର୍ଷି କର୍ଦମ, ଯେ କି ବ୍ରହ୍ମାଣ୍ଡର ପ୍ରଥମ ପୁରୁଷ ରୂପେ ଋଷ୍ୟମାଳ କ୍ଷେତ୍ରରେ ପ୍ରକଟ ହୋଇଥିଲେ । ଏହାଙ୍କ ସହଯୋଗ ସକାଶେ, ବ୍ରହ୍ମଲୋକରୁ ବ୍ରହ୍ମାଙ୍କ ଶରୀରରୁ ଯାତ ବ୍ରହ୍ମର୍ଷିମାନେ ବ୍ରହ୍ମାଙ୍କ ମାନସ ସନ୍ତାନ ରୂପେ ପ୍ରକଟ ହୋଇ ମହର୍ଷି କର୍ଦମଙ୍କ ସମିପକୁ ସମୁହେ ମିଶି ଏହି ପଦ୍ମନାଭ ଗିରି ଚରଣରେ ବାରୁଣି ଯଜ୍ଞ କରିଥିଲେ । ଯଜ୍ଞଟି ନିର୍ଦ୍ଧିଷ୍ଟ ସମୟରେ ହୋଇଥିଲା ।

ବାରୁଣୀ ଯଜ୍ଞ ନିର୍ଦ୍ଧିଷ୍ଟ ସମୟରେ ହୋଇଥିବା ପ୍ରମାଣ –

୧) ଚୈତ୍ର କୃଷ୍ଣ ତ୍ରୟୋଦସ୍ୟାଂ ମହାବାରୁଣୀ ସଂଜ୍ଞ, ଯୋଗୌ ଗୌଡ଼େଷୁ ପ୍ରସିଦ୍ଧ । ଏହାପରେ ବାତଷ୍ପତିକୃତୌ ଶୁଣପାଣୌ ଚ ସ୍କାନ୍ଦେ - ରେ ବର୍ଣ୍ଣିତ –

ବାରୁଣେନ ସମାଯୁକ୍ତା ମଧୌକୃଷ୍ଣା ତ୍ରୟୋଦଶୀ ।<br>
ଗଙ୍ଗା (ପବିତ୍ର)ୟା ଯଦି ଲଭ୍ୟେତ୍ ସୂର୍ଯ୍ୟଗ୍ରହଣତୌଃ ସମା ॥<br>
ଶନିବାର ସମାଯୁକ୍ତା ସା ମହାବାରୁଣୀ ସ୍ମୃତା ।<br>
ଗଙ୍ଗାୟୋ ଯଦି ଲଭ୍ୟେତ୍ କୋଟି ସୂର୍ଯ୍ୟ ଗ୍ରହୌର ସମୀ ।<br>
ଶୁଭ ଯୋଗ ସମା ଯୁକ୍ତା ଶନୌ ଶତଭିଷା ଯଦି ।<br>
ମହାମହେତି ବିଖ୍ୟାତୋ ତ୍ରିକୋଟି କୁଳସୁଦ୍ଧିରେତ ।

ଏପରି ତତ୍ରୈବ ଜ୍ୟୋତିଷରେ କୁହାଯାଇଛି – ଚୈତ୍ରାସିତେ ବାରୁଣ ଇକ୍ଷ ଯୁକ୍ତା । ତ୍ରୟୋଦଶୀ ସୂର୍ଯ୍ୟ ସୁତସ୍ୟ ବାରେ । ଯୋଗେ ଶୁଭେ ସା ମହତୀ ମହତ୍ୟା ଗଙ୍ଗା ଜଳେଽର୍କ ଗ୍ରହକୋଟି ତୁଲ୍ୟାଇତି ॥

ତ୍ରିସ୍ଥଶିସପ୍ତୌ ବ୍ରହ୍ମାଣ୍ଡ ପୁରାଣ କହେ – ବାରଣେନ ସମାଯୁକ୍ତା ମଧୌ କୃଷ୍ଣା ତ୍ରୟୋଦଶୀ । ଗଙ୍ଗାୟାଂ ଯଦି ଲଭ୍ୟେତ୍ ଶତସୂର୍ଯ୍ୟ ଗ୍ରହେ ସମା । ଇତି ।।କଳ୍ପତରୌ ବ୍ରାହ୍ମେ କହେ – ମଧୌ କୃଷ୍ଣ ତ୍ରୟୋଦଶ୍ୟାଂ ଶନୌ ଶତଭିଷାୟୁତା । ବାରଣୀତି ସମାଖ୍ୟାତା ଶୁଭେ ତୁ ମହତି ସ୍ମୃତା ।

ଏପରି ପ୍ରଚଳିତ ଯୋଗ ତିଥି ବାର ନ କ୍ଷତ୍ରକୁ ନେଇ ବାରୁଣ ଦେବତାଙ୍କୁ ଯଜ୍ଞ ମାଧ୍ୟମରେ ଆହ୍ୱାନ କରାଗଲା । ବରୁଣ ଦେବତା ପ୍ରକଟ ହୋଇଥିଲେ । ଏଣୁ ଶ୍ରୀମଦ୍ ଭାଗବତ (୩/୨୧/୩୩,୩୫)ରୁ ବିଷୟ ଉପଲବ୍ଧ କରିବା କଥା । ଏହା ବ୍ୟତୀତ ଏହି ଅଧ୍ୟାୟ ୩୯ ଶ୍ଲୋକରୁ ଉତ୍ପତି ଜଳକୁ ଶିବାମୃତ ଜଳକହି ଧରିନେବା କଥା । କାରଣ ଏହି ଜଳକୁ ମହର୍ଷି, ବ୍ରହ୍ମର୍ଷି ଆଦି ଋଷିଗଣ ସେବନ କରି ଆସୁଛନ୍ତି ।

ସ୍ୱୟମ୍ଭୁବ ମନ୍ୱନ୍ତର ଆରମ୍ଭ ପୂର୍ବରି ତଥା ଯଜ୍ଞକୁଣ୍ଡରେ ଶିବାମୃତ ଜଳପୂର୍ଣ୍ଣ ହେବା କାଳେ ହଠାତ୍ ଏକ ଶିବ ଲିଙ୍ଗ କୁଣ୍ଡ ମଧ୍ୟରେ ପ୍ରକଟ ହୋଇଥିଲା । ଏବଂ କୁଣ୍ଡ ମଧ୍ୟରେ ଥିବା ସ୍ଥିର ଜଳ ଉର୍ଦ୍ଧଗାମୀ ହୋଇ ପୂର୍ବ ଦିଗ ଗତ ଥିବା ଖାଲୁଆ ଅଂଶ ଦେଇ ମୁହାଁଇ (କୂଲ୍ୟା) ଥିଲା । ସ୍ଥିର ଜଳ, ଋଷିମାନଙ୍କ ଦ୍ୱାରା କୂଲ୍ୟା କ୍ରିୟାରେ ପରିଣତ ହେବା ଯୋଗୁଁ ମୁହାଁଇବା ଜଳରାଶି ଋଷିକୂଲ୍ୟା ନାମରେ ପରିଚିତ ହୋଇ ରହିଆସିଛି ।

ଶିବାମୃତ ଜଳରାଶି କୂଲ୍ୟା କ୍ରିୟା ଧାରଣ କରି ସରମାୟିତ ଜଳଧାର ହୋଇ ପ୍ରାଚୀ ଦିଗକୁ ପ୍ରଚଳିତ ହୋଇ ପାରିଥିଲା । ଏହି ପ୍ରକ୍ରିୟାକୁ, ଋଗ ବେଦ ବାରମ୍ୱାର ପ୍ରଣାମ କରି କହିଛି –
ଓଁମ୍ ନମୋଃକୂଲ୍ୟାୟ ଚ ସରସାୟ ଚ ।
ଓଁମ୍ ନମୋଃ ଯଦୟାୟଚ ବୈଶୋନ୍ତାୟ ଚ ।

ଋଷିଗଣଙ୍କ ଦ୍ୱାରା କୂଲ୍ୟା ସୃଷ୍ଟି ପରେ ଜଳଧାର ସରସାୟ ହୋଇ ପ୍ରବାହିତ ହେବା ପରେ, ସରସ୍ୱତୀ ନାମ ବାଚକରେ ପରିଣତ ହୋଇ ରହି ଆସିଛି । ଏଥକୁ ନେଇ ଶ୍ରୀମଦ୍ ଭାଗବତ କହେ –
ଉଭୟୋ ଋଷିକୂଲ୍ୟାୟାଃ ସରସ୍ୱତ୍ୟା ସପରୋଧସୋ ।
ଋଷିଣାଂ ସୁପଶାନ୍ତାନାଂ ପ୍ରଶ୍ୟନ୍ନା ଶ୍ରମ ସମ୍ପଦ ।। ୩/୨୨/୨୭

ଏପରି ଶ୍ରମୀଦ ଭାଗବତର ୩/୧୬/୧୩ ଶ୍ଲୋକରେ ବର୍ଣ୍ଣନା ରହିଛି । ପୁଣି ଏଥିର (୩/୩୩/୩୩) ଶ୍ଲୋକରେ ଦର୍ଶା ଯାଇଛି ଯେ, ଭଗବାନ କପିଳ ଏଠାରେ ଥିବା ପିତୃ ଦେବଙ୍କ ଆଶ୍ରମରୁ ମାତା ଦେବହୁତୀଙ୍କୁ ଆଜ୍ଞା ମାଗି, ଏଠାରୁ ପ୍ରାଗୁଦୀଚୀଂ ଐଶାନ୍ୟ ଦିଗକୁ ଯାତ୍ରା କରିଥିଲେ ।

ମହାରାଜା ଦକ୍ଷଙ୍କ ଆଦେଶ କ୍ରମେ ଏକ ହଜାର ବର୍ଷ ଧରି ପ୍ରଜାପତିଗଣ ମହାନ ଯଜ୍ଞ କରିଥିଲେ । ଯଜ୍ଞାନ୍ତ ସ୍ନାନ ସକାଶେ ସରସ୍ୱତୀ ସ୍ରୋତର ଦୁଇ ଧାର ଗଙ୍ଗା ଏବଂ ଯମୁନାର ଉତ୍ପତି କ୍ଷେତ୍ରକୁ ଆସି ସ୍ନାନ କରିଥିଲେ । ଆଜି ସେ କ୍ଷେତ୍ରଟି ମା ତାରାତାରିଣୀ ପାହାଡ଼ର ପାଦଦେଶ । ସେଠାରେ ଥିବା ଯମୁନା ଧାର କାଳକ୍ରମେ ନଷ୍ଟ ହୋଇ ଜନପଦ ଆଛୁଳି କେବଳ ରହିଛି । ଧାରଟି ଏଠାରୁ ବାହାରି କାଳଜୟୀ (ମେରୁ) ବା କାଳିଯାଇକି ସଂଯୋଗ କରିଥିଲା । ଭା.ପୁ ---।

ଆଦିରାଜ ସ୍ୱୟମ୍ଭୁବ ମନୁଙ୍କ ବ୍ରହ୍ମାବର୍ତ୍ତ କ୍ଷେତ୍ର ମଧରେ ଏବଂ ଯେଉଁଠାରେ ସରସ୍ୱତୀ ନଦୀ ପୂର୍ବମୂଖ ହୋଇ ପ୍ରବାହିତ ସେହିଠାରେ ମହାରାଜା ପୃଥୁ ଏକଶତ ଯଜ୍ଞ (ଅଶ୍ୱମେଧ) କରିବା ପାଇଁ ଦିକ୍ଷା ନେଇ କରିଥିଲେ । ଆଜି ମଧ ସେଠାରେ ଯଜ୍ଞ ଭସ୍ମ ଗୁଡ଼ିକ ସ୍ଥର ସ୍ଥର ଅବସ୍ଥାରେ ଦେଖିବାକୁ ମିଳେ । (ଭାଗବତ ୪/୧୯/୧) ।

ଆଧାତ୍ମିକ ଯୁଗରେ ସରସ୍ୱତୀଙ୍କୁ ଆଧାର କରି ଏପରି ଅନେକ ଘଟଣା ଘଟି ଆସିଛି । ଏପରି ମଧ ଯୁଗରେ ଶ୍ରୀରାମ ପିତୃ ବଚନ ପାଳିବାକୁ ଆସି, ସରସ୍ୱତୀଙ୍କ ମକୁଟ ସଦୃଶ୍ୟ କ୍ଷେତ୍ରରେ ବହୁ ସମୟ ବିତେଇ ଥିବା ମହର୍ଷି ବାଲ୍ମୀକି କୃତ ରାମାୟଣରୁ ଜଣାଯାଏ । (ବା.ରା.ଅ. ଅଧାୟ, ୬-୧୧)

ଶ୍ରୀମଦ୍ ଭାଗବତ ୧୦/୩୪/୧-୨ ଶ୍ଳୋକରେ ବର୍ଣ୍ଣିତ ଯେ, ଶ୍ରୀକୃଷ୍ଣଙ୍କ ବାଲ୍ୟ ବୟସରେ ନିଜ କୁଟୁମ୍ବ ସହ ଶିବରାତ୍ରୀ ପାଳନ ପାଇଁ ଏଠାର ସରସ୍ୱତୀଙ୍କ ଗର୍ଭରେ ଥିବା ଶଙ୍କର, ଅମ୍ବିକା ଦେବୀଙ୍କୁ ଦର୍ଶନ କରିଥିଲେ । ତଥା ଅଭିସପ୍ତ ଗନ୍ଧର୍ବ ସୁଦର୍ଶନଙ୍କୁ ଉଦ୍ଧାର କରି ପାରିଥିଲେ । ଏଠାରେ ସୁଦର୍ଶନ ସର୍ପ ରୂପରେ ଅଭିଶାପ ଜୀବନ କଙ୍କାଉଥିଲା ।

ମହାଭାରତ ବ୍ୟାସକୃତରେ କୁହାଯାଇଛି – ମହାଭାରତ ସଂଗ୍ରାମ ଅବଶ୍ୟ ତଥା ନିଶ୍ଚିତ ହେବାର ଆଶଂକା କରି ଭଗବାନ ବଳରାମ କୌରବ କିମ୍ବା ପାଣ୍ଡବ ପକ୍ଷ ନ ରହି ଦ୍ୱାରିକାରୁ ପ୍ରଭାସ ତୀର୍ଥ ଦେଇ ଏହି କ୍ଷେତ୍ରକୁ ତୀର୍ଥ ସକାଶେ ଆସିଥିବା ସଲ୍ୟ ପର୍ବ ଅନ୍ତର୍ଗତ ସଂପୂର୍ଣ୍ଣ ଗଦା ପର୍ବରେ ବର୍ଣ୍ଣିତ ଥିବା ସରସ୍ୱତୀ କ୍ଷେତ୍ର ଦର୍ଶନ କରିଥିଲେ । ସମ୍ପୂର୍ଣ୍ଣ ବିବରଣୀ ସହ ବର୍ଣ୍ଣନା ରହିଛି ।

ପାଣ୍ଡବଗଣଙ୍କ ଜନ୍ମ ସୋରଡ଼ା ସମିପରେ ରହିଥିବା ରଦନୀମେକାଂ ଗିରି ବା ନାଗଶତ ପାହାଡ଼ର ଧ୍ୱଜା ପାର୍ଶ୍ୱରେ ତଥା ପ୍ରତିଶ୍ରୁତିବଦ୍ଧ ହୋଇ ଯେଉଁ ୨୫ ବର୍ଷ କାଳ ଦୁଇ ଥର ଯଥା- (୧୨ +୧୩) ବର୍ଷ ଘୁରି ବୁଲୁଥିଲେ ସେ ସମୁଦାୟ କ୍ଷେତ୍ର ଥିଲା ସରସ୍ୱତୀ ପ୍ରଭାବିତ ଅବିଭକ୍ତ ଗଞ୍ଜ ଅଞ୍ଚଳ । ଏହି ଅଞ୍ଚଳରେ ରହି ଆସିଛି ରାଜା ପୃଥୁଙ୍କ ଦ୍ୱାରା ବର୍ଣ୍ଣିତ ସମନ୍ତ ପଞ୍ଚକ, ରଜା କୁରୁଙ୍କ ଦ୍ୱାରା ବର୍ଣ୍ଣିତ କୁରୁକ୍ଷେତ୍ର ତଥା ସୃଷ୍ଟିର ଦୁଇ ୧) ନୈମିଷାରଣ୍ୟ ତଥା ୨) ଦଣ୍ଡକାରଣ୍ୟ ଏବଂ ଦୁଇ ଅରଣ୍ୟର ବନ ଶେଣୀ । ଉଭୟ ଅରଣ୍ୟଗତ ବନ ଶେଣୀଙ୍କୁ ସରସ୍ୱତୀଙ୍କ ଜଳଧାର ସ୍ପର୍ଶ କରିଆସୁଛି ।

ସୃଷ୍ଟିର ପ୍ରଥମ ଜଳଧାର ପ୍ରକଟ ହୋଇଥିବା ବା ସରସାୟିତ ହୋଇଥିବା କାରଣକୁ ନେଇ ଜଳଧାର ନାମ ସରସ୍ୱତୀ ରୂପେ ରହି ଆସିଛି । ଏହି ସରସ୍ୱତୀ ଗର୍ଭରୁ ମହାଭାରତ ଯୁଦ୍ଧର ମୌଳିକତା ପ୍ରକଟ ହୋଇଥିବା ଶାସ୍ତ୍ର କହେ ତଥା ଚିହ୍ନ ସହିତ ଜନପଦ ନାମ ମାନ ରହିଛି ।

ସରସ୍ୱତୀ ନଦୀ ମଧରେ ଯମୁନା ଗଣ୍ଡ, ସର୍ବସାଧାରଣ ଆଜି ଉକ୍ତ ଗଣ୍ଡକୁ କାଞ୍ଜିଆମା ଗଣ୍ଡ ବୋଲି ଜାଣନ୍ତି । ଏହି ଗଣ୍ଡ ମଧରେ ତଥା ଏକ ନୌକାରେ ବ୍ୟାସ ଦେବଙ୍କ ଜନ୍ମ । ଜନ୍ମ ପରେ ପରେ ପୂର୍ବ କ୍ଷେତ୍ରକୁ ଆସି ତପସ୍ୟା କରିଥିଲେ । ଏଠାରେ ଆଶ୍ରମରେ ହିଁ ବ୍ୟାସଦେବ ଅଷ୍ଟାଦଶ ପୁରାଣ ଅଷ୍ଟାଦଶ ଉପପୁରାଣ, ମହାଭାରତ ତଥା ଭାଗବତ ରଚନା କରିଥିଲେ । ଶ୍ଳୋକଟି ନିମ୍ନମତେ ବର୍ଣ୍ଣିତ । ଯଥା-
ବ୍ରହ୍ମନଦ୍ୟା ସରସ୍ୱତ୍ୟା ମାଶ୍ରମଃ ପଶ୍ଚିମ ତଟେ
ଶମ୍ୟପ୍ରାସ୍ୟ ଇତି ପ୍ରୋକ୍ତ ଋଷିଣାଂ ସତ୍ରବର୍ଦ୍ଧନଃ ।

ମେଦିନୀ ଏବଂ ମୃତ୍ତିକା ମଧ୍ୟରେ ଆକାଶ, ପାତାଳ ପ୍ରଭେଦ ରହିଛି । ମଧୁକୈଠବଙ୍କ ମେଦରୁ ଚାରି ହଜାର କୋଶର ମେଦିନୀ ପ୍ରସ୍ତୁତ ହୋଇ ରହି ଆସିଛି । ଯେଉଁ ମେଦିନୀକୁ ତପସ୍ୱୀମାନେ ଧର୍ମ କ୍ଷେତ୍ରର ମାନ୍ୟତା ଦେଇ ଆସିଛନ୍ତି । ଏହି ଧର୍ମକ୍ଷେତ୍ର ରୂପି ମେଦିନା ସୃଷ୍ଟି ଆରମ୍ଭରୁ ରହି ଆସିଛି । କିନ୍ତୁ ମେଦିନା ବ୍ୟତୀତ ମର୍ତ୍ତ୍ୟ ମଣ୍ଡଳ ପ୍ରଚଳିତ ମନ୍ୱନ୍ତର ବୈବସତ୍ୱଙ୍କ ଆରମ୍ଭରେ ତଥାକଥିତ ହିମାଳୟ ସହିତ ଉର୍ଦ୍ଧଗାମୀ ହୋଇଥିବା ଶ୍ରୀମଦ ଭାଗବତରେ ଥିବା ସୂଚନା ସହ ଓଡ଼ିଶା ସାହିତ୍ୟ ଏକାଡେମି ଦ୍ୱାରା ୩.୯.୧୯୯୬ରେ ମୁଦ୍ରିତ ଭାରତୀୟ ଜ୍ୟୋତିଷ ଇତିହାସ ପଣ୍ଡିତ ବାଇକୋଳି ବିଶାରଦଙ୍କ ଦ୍ୱାରା ସଂକଳିତ) ମଦ୍ରିତର ପୃଷ୍ଠା ୪୨୭ରେ ରଚିତ ଏହି ଯେ - ଗବେଷକ ଧନପତ ରାୟଙ୍କ ରଚିତ Early History of mankind ପାର୍ଟ ୧ର ୪୭ ପୃଷ୍ଠା ତଥା Y. Baidya ଙ୍କ ଦ୍ୱାରା ରଚିତ Epic India ପୃଷ୍ଠା ୨୬୯ ଅନୁଧାନ କରିବା ଆବଶ୍ୟକ ।

ଏଠାରେ ପ୍ରଶ୍ନ ଉଠେ ଯେ ଛ ମନ୍ୱନ୍ତର ଯାଏ ଯଦି ମର୍ତ୍ତ୍ୟ ମଣ୍ଡଳ ଜଳ ମଧ୍ୟରେ ଥିଲା, ତେବେ ୧୯୫ କୋଟି ବର୍ଷ ତଳର ସରସ୍ୱତୀ ନଦୀ ଆଫଗାନୀସ୍ଥାନ ଉପକତ୍ୟାକାରୁ କିପରି ପ୍ରକଟ ହୋଇଛି ? ବୋଧ ହୁଏ ସମାଜକୁ ବିଭ୍ରାନ୍ତ କରାଇ ନିଜ ସ୍ୱାର୍ଥ ସାଧନ ପାଇଁ ଏପରି ଇସ୍ରୋ ଦ୍ୱାରା ପ୍ରଚାର ପ୍ରସାର ଚାଲିଛି । ଏବଂ ପ୍ରଚଳିତ ଥିବା ପ୍ରକୃତ ସରସ୍ୱତୀ ଧାରକୁ ଲୁପ୍ତା, ଗୁପ୍ତା,ସୁପ୍ତା କହି ଅପ ପ୍ରଚାର ଚାଲିଛି ।

ମହାଭାରତ (ବ୍ୟାସ କୃତ) ତିର୍ଥ ଯାତ୍ରା ପର୍ବରେ ବିଦିତ ବନପର୍ବର ଅଧ୍ୟାୟ ୧୦, ଶ୍ଳୋକ ୨୬ରେ ଏକ ଗୁରୁତ୍ୱପୂର୍ଣ୍ଣ ବର୍ଣ୍ଣନା ରହିଛି ତଥା ମହର୍ଷି ଧୌମ୍ୟ କହିଛନ୍ତି । ସେ କହିଛନ୍ତି ଭୂତ୍ୟ, ଭବିଷ୍ୟତ, ତଥା ବର୍ତ୍ତମାନ ଯାହାର ସ୍ୱରୂପ ସର୍ବଶକ୍ତିମାନ, ସର୍ବବ୍ୟାପି ସନାତନ ପୁରୁଷ ତଥା ପୁରୁଷୋତ୍ତମ ହିଁ ନାରାୟଣ ଅତ୍ୟନ୍ତ ଯଶସ୍ୱି ଶ୍ରୀହରିଙ୍କ ପୂଣ୍ୟମୟୀ ବିଶାଳା ପୂରୀ ବଦରୀ ବନର ସମିପ ଅଟେ । ଏହା ଗନ୍ଧମାଦନ ସମିପରେ ଆଶ୍ରମ ଥିଲା । ଯେହେତୁ ଏହି ପୂଣ୍ୟ ପ୍ରଦ ବଦ୍ରିକା ଆଶ୍ରମ ତ୍ରୟ ଲୋକରେ ଖ୍ୟାତ ଥିଲା । ଏହି ସମିପରେ ପ୍ରବାହିତ ସରସ୍ୱତୀ ନଦୀରେ ଗଙ୍ଗାଜଳ କେବେ କେବେ ଘର୍ମ ତ ଆଉ କେବେ କେବେ ଶୀତଳ ହୋଇ ପ୍ରବାହିତ ହେଉଥାଏ । ସରସ୍ୱତୀ ନଦୀର ବାଲି ଗୁଡ଼ିକ ସୁବର୍ଣ୍ଣ ପରି ଚମକ ଦେଉଥାଏ ।

ଋଷିକୂଲ୍ୟା ସରସ୍ୱତୀ ଗର୍ଭର ବାଲି କେବଳ ନୁହେଁ ଏହାର ସମିପ କ୍ଷେତ୍ରର ବାଲି ଚମକ୍ ଦେଇ ଆସେ । ଏହି ଚମକ ଦେଉଥିବା କଳା ବାଲି ( Rare Eath) ଯଥେଷ୍ଟ ପ୍ରାପ୍ତ ଯୋଗୁଁ କେନ୍ଦ୍ର ସରକାର ଗୋପାଳପୁର ଓ ଛତ୍ରପୁର ମଧ୍ୟରେ ଏକ Indian Rare Eath ଫେକ୍ଟ୍ରି ସ୍ଥାପନ କରିଛନ୍ତି ସତ, କିନ୍ତୁ ସ୍ଥାନୀୟ ଜନତା ଦାଦନ ଯିବା ବନ୍ଦ ହୋଇନି ।

**<u>ପ୍ରାର୍ଥନା</u>**

୧) ଋଗ୍ ବେଦର ଅତୀତରେ ଥିବା ଉଚ୍ଚାରଣ, କୂଲ୍ୟ ସରସ୍ୱତୀ ଋଷିକୂଲ୍ୟା ସରସ୍ୱତୀ ନଦୀଟି ବୋଲାଇ ପାରିବନି କି ?

୨) ସରସ୍ୱତୀ ତୀରେ ତୀରେ ଥିବା ତୀର୍ଥ ଗୁଡ଼ିକ ପୁନଃ ଉଦ୍‌ଭାଷିତ ହୋଇପାରିବ କି ନାହିଁ ।

୩) ସପ୍ତସାର ସତ୍ୱ ତୀର୍ଥରେ ମହର୍ଷି ମଙ୍କଣଙ୍କ ଦ୍ୱାରା ପ୍ରକଟିତହୋଇଥିବା ଓଡ଼ିଶୀ ନୃତ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତି ପାଇବ ନା ନାହିଁ ।

୪) ସରସ୍ୱତୀ ନଦୀକୁ ୩୫ ବର୍ଷ ଧରି ଖୋଜି ସରକାରଙ୍କଠାରୁ କେବଳ ପାଇଛି ୭୦% ଅକ୍ଷମ ସାର୍ଟିଫିକେଟ । ସାଧାରଣଙ୍କଠାରୁ ପାଇଛି କେବଳ ଅଟ୍ଟହାସ୍ୟ ଏହି ଯେ ଋଷିକୂଲ୍ୟା ସରସ୍ୱତୀ କି ?

## ସାଂଖ୍ୟ ଯୋଗ (୧୩ ଶ୍ଳୋକରୁ ୨୩ତମ)

କ୍ରମଶଃର ଗୀତା ଦ୍ୱିତୀୟ ଅଧ୍ୟାୟର ଏହି ଶ୍ଳୋକରେ ବର୍ଣ୍ଣିତ ଏହି ଯେ, ଶାରୀରୋତି ଅନିତ୍ୟ ବସ୍ତୁ ପାଇଁ ଯେପରି ମନକୁ ଦୁଃଖ ପ୍ରକାଶ ହୋଇଥାଏ । ତାହାର ନିବୃତି ସକାଶେ –

ମାତ୍ରାସ୍ପର୍ଶାସ୍ତୁ କୌନ୍ତେୟ ଶୀତୋଷ୍ଣସୁଖଦୁଃଖଦାଃ ।
ଆଗମାପାୟିନୋଽନିତ୍ୟାସ୍ତିତିକ୍ଷୟ ଭାରତ ।। ୧୪ ।।

ମାତ୍ରାସ୍ପର୍ଶାସ୍ତୁ – ମତ୍ର ଅସ୍ପର୍ଶ ପର୍ଯ୍ୟନ୍ତ ଥିବା କାଳେ, କୌନ୍ତେୟ କିମ୍ବା ତାର ଅନ୍ତ କାଳ ପର୍ଯ୍ୟନ୍ତ, ଶାତ - ଅନୁକୁଳ, ଉଷ୍ଣ - ପ୍ରତିକୂଳ, ସୁଖଦୁଃଖଦାଃ – ସୁଖଦୁଃଖ ତୁଲ୍ୟ, ଆଗମାପାୟିନୋ - ଆସିଯିବା ପରି, ଅନିତ୍ୟା - ଅନିତ୍ୟ, ଭାରତ – ଜ୍ଞାନଯୁକ୍ତ ।

ଜ୍ଞାନଶୀଳ ବା ବିଦ୍ୱାନମାନେ, ଜନ୍ମରୁ ବା ପରିବେଶର ପଞ୍ଚଭୂତ ସ୍ପର୍ଶ କାଳରୁ ଜୀବର ଜୀବନ ଥିବା ପର୍ଯ୍ୟନ୍ତ ବା ଅନ୍ତକାଳ ପର୍ଯ୍ୟନ୍ତ ଅନୁକୂଳ ପ୍ରତିକୂଳ ବା ସୁଖ ଦୁଃଖ ତୁଲ୍ୟ ଆଦରି ଯିବା ଆସିବା ବା ଅନୁଭବ କରି ଜ୍ଞାନୀ ତଥା ବିଦ୍ୱାନଙ୍କ ପରି ଚଳିବାକୁ ପଡ଼ିବ । କାରଣ ସେଗୁଡ଼ିକ ଅନିତ୍ୟ ହେଲେ ମଧ୍ୟ ସହ୍ୟ କରିବାକୁ ପଡ଼ିବ ।

ଯଂ ହି ନ ବ୍ୟଥୟନ୍ତ୍ୟେତେ ପୁରୁଷଂ ପୁରୁଷର୍ଷଭ ।
ସମଦୁଃଖସୁଖଂ ଧୀରଂ ସୋଽମୃତତ୍ୱାୟ କଳ୍ପତେ । ।। ୧୫ ।।

ଯଂ - ପ୍ରଚଳିତ, ହି – କାରଣ, ନ - ସମୁଦାୟ, ବ୍ୟଥୟନ୍ତୋତେ – ବ୍ୟଥାକୁ ସହ୍ୟ କରି ପାରି ନଥାନ୍ତି । ପୁରୁଷଂ, ପୁରୁଷର୍ଷଭ - ପୁରୁଷ ସିଂହଗଣ, ସମଦୁଃଖସୁଖଂ – ସୁଖଦୁଃଖର ସମଭାବାପନ୍ନ, ଧୀରଂ – ବିଦ୍ୱାନ, ସୋଽମୃତତ୍ୱାୟ - ଅମର ହେବା ପାଇଁ, କଳ୍ପତେ - ଅସମର୍ଥ ଜଣାଯାଏ ।

ସମୁଦାୟ ପରିବେଶରେ ପ୍ରଚଳିତ ହୋଇ ରହି ଆସିଥିବା କାରଣ ଏହି ଯେ, ପୁରୁଷଙ୍କ ପୁରୁଷତ୍ୱ ଥିବା ସ୍ଥଳେ ବ୍ୟଥା ସହ୍ୟ କରିବାରେ ଅସମର୍ଥ । କିନ୍ତୁ ସମର୍ଥ ହେବାକୁ ପଡ଼ିବ । କାରଣ ସୁଖଦୁଃଖର ଯେଉଁ ସମଭାବାପର୍ଣ୍ଣ ରହିଛି ତାହାକୁ ବିଦ୍ୱାନ ପୁରୁଷଗଣ ସ୍ପର୍ଶ ନକରି ଦୁଃଖକୁ ସହ୍ୟ କରି ନେଲେ ସେ ଅମର ସକାଶେ ସମର୍ଥ ହୋଇ ପଡ଼େ ।

ନ୍ୟସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ
ଉଭୟୋରପି ଦେଷ୍ଟୋଽନ୍ତୟୋସ୍ତତ୍ତ୍ୱଦର୍ଶିଭିଃ ।। ୧୬ ।।

ନାସତୋ - ନ + ଅସତୋ ବା ସମୁଦାୟ ଦୃଶ୍ୟ ବ୍ରହ୍ମାଣ୍ଡ ଅସତ ଅଟେ । ବିଦ୍ୟତେ – ତଥାପି ବିଦ୍ୟମାନ, ଭାବୋ – ଭାବଦ୍ୱାରା, ନାଭାବ – ସମୁଦାୟରେ ଅଭାବ, ବିଦ୍ୟତେ – ବିଦ୍ୟମାନ, ସତଃ – ସତ୍ୟତା କ୍ରମେ, ଉଭୟୋରପି - ଦୁଇ ରୂପରେ, ଦୃଷ୍ଟୋଽନ୍ତଃ – ତତ୍ୱ ଜଣା ଯାଉଛି । ସ୍ତ୍ୱଳୟୋସ୍ତତ୍ତ୍ୱ ଦର୍ଶିଭିଃ ।

ପରିବେଶ ମଧରେ ଅସତ୍‌ର ସତ୍ତା ବା ଭାବ ବିଦ୍ୟମାନ ନାହିଁ କି ସତ୍ୟର ମଧ ଅଭାବର ମଧ ବିଦ୍ୟମାନ ନାହିଁ । କିନ୍ତୁ ତତ୍ୱଦର୍ଶୀ ମହାପୁରୁଷଗଣ ଏହି ଉଭୟ ପାର୍ଶ୍ୱର ତତ୍ୱ ସମୁହକୁ ଦେଖି ପାରିଛନ୍ତି ଏବଂ ଅନୁଭବ କରିପାରିଛନ୍ତି ।

ଅବିନାଶି ତୁ ତତ୍‌ବିଦ୍ଧି ଯେନ ସର୍ବମିଦଂ ତତମ୍ ।
ବିନାଶମବ୍ୟୟସ୍ୟାସ୍ୟ ନ କଶ୍ଚିତ୍‌କର୍ତୁମର୍ହତି ।। ୧୭ ।।
ଅବିନାଶି – ବିନାସହିନ, ତୁ – ତୁ, ତତ୍, ତାହା ବିଦ୍ଧି - ନିୟମ, ଯେନ - ଯଦ୍ୱାରା, ସର୍ବ – ସମୁଦାୟ, ଇଦମ୍- ଏହିଠାରେ, ତତମ୍ – ବ୍ୟାପ୍ତ, ଅସ୍ୟ – ଏଠାରେ, ଅବ୍ୟୟସ୍ୟ - ଅବିନାଶିର,ବିନାଶମ – ବିନାଶ, କଶ୍ଚିତ୍ – କେବେହେଲେ, ନକର୍ତୁମ - ପୁନଃ, ଅର୍ହତି – ଗଠନ ।
ଯାହାଙ୍କ ଦ୍ୱାରା ସମୁଦାୟ ସଂସାରରେ ରହିଥିବା ବ୍ରହ୍ମାଣ୍ଡର ବ୍ୟାପ୍ତକୁ ଦେଖୁଛେ ସେ ସମସ୍ତ ଅବିନାଶି କହି ଜାଣିବା ଉଚିତ୍ । କେହିହେଲେ କେବେବି ଏହି ଅବିନାଶି ନିର୍ମାଣର ବିନାଶ କରି ହେବ ନାହିଁ । କିମ୍ବା କରି ପାରିବେ ନାହିଁ ।

ଅନ୍ତବନ୍ତ ଇମେ ଦେହା ନିତ୍ୟ ସୋକ୍ତାଃ ଶରୀରିଣଃ ।
ଅନୋଶିନୋଽପ୍ରମେୟସ୍ୟ ତସ୍ମାଦ୍ ଯୁଧସ୍ୱୀ ଭାରତ ।। ୧୮ ।।

ଅନ୍ତବନ୍ତ  - ନଶ୍ୱର, ଇମେ – ଏହି, ଦେହାଃ – ଶରୀର ଦ୍ୱାରା, ନିତ୍ୟ – ସର୍ବଦା ସୋକ୍ତା ବା ଉକ୍ତା – କୁହାଯାଇଛି, ଶରୀରଣ - ପରିବେଶ ମଧରେ, ଅନାସିନୋ - ଅବିନାଶି, ଅପ୍ରମେୟ - ଅପରିଚିତ, ସ୍ୟ – ର, ତସ୍ମାଦ୍ – ତେଣୁ । ଭାରତ – ବିଦ୍ୱାନ, ଯୁଧୟ – ସଂଗ୍ରାମ କର ।

ଅପରିମିତ ତଥା ନିତ୍ୟସ୍ଥିତ ପରିବେଶରେ ନିର୍ମିତ ଜୀବଜଗତ ଶରୀରର ଦେହ ସମୁଦାୟ (ଆତ୍ମା) ନଶ୍ୱର ଅଟେ । ଶାସ୍ତ୍ରମତେ ଏହା କୁହା ରହିଛି, ଯେଉଁମାନେ ଜୀବନକୁ ସଂଘର୍ଷ କରି, ଯେଉଁମାନେ ଜୀବିକା ନିର୍ବାହ କରନ୍ତି ସେହିମାନେ ହିଁ ଭାରତ ବା ବିଦ୍ୱାନ ।

ଯ ଏନଂ ବେରି ହନ୍ତାରଂ ଯଶ୍ଚୈନଂ ମନ୍ୟତେ ହତମ୍ ।
ଉଭୌ ତୌ ନ ବୀଜାନୀତୋ ନ୍ୟାୟଂ ହନ୍ତି ନ ହନ୍ୟତେ ।। ୧୯ ।।

ଯ - ଯେଗଣ, ଏନଂ – ଏହାକୁ, ବେତି – ମନେକର, ହନ୍ତାରଂ – ହତ୍ୟାକାରୀ, ଯ - ଯେଉଁଗଣ, ଏନଂ – ଏହାକୁ, ହତମ୍ – ହତ୍ୟା ବୋଲି, ମନ୍ୟତେ – ମନେକରେ, ତୌ, ଉଭୌ – ସେଠାରେ, ସେ ଦୁହେଁ, ନ - ସମୁଦାୟ ଅଜଣା, ବିଜନିତୋ - ଅଜଣାରେ, ଅୟଂ – ଏଠାରେ, ନହନ୍ତି – ମାରି ପାରେ, ବା ନ ହନ୍ୟତେ – ମରିପାରେ ।

ଯେଉଁ ଆତ୍ମାର ଜୀବ ତାହାର ଏହି ଅବିନାଶି ଶରୀରକୁ ହତ୍ୟା କଲାପରେ ହତ୍ୟାକାରୀ ମନେକରେ, ଏବଂ ଯେ କେହି ମୃତ ଶରୀରକୁ ମରଣଶୀଳ କହି ମନେକରେ, ସେମାନେ ଏହି ଉଭୟ ପ୍ରସଙ୍ଗକୁ ନେଇ ବୋଧହୁଏ ଅନଭିଜ୍ଞ, କାରଣ ଆତ୍ମାଜୀବ ମାରେ ନାହିଁ କି ସେ କେବେ ମରେ ନାହିଁ ।

ନ କାୟତେ ମ୍ରିୟତେ ବା କଦା ଚିନ୍ତାୟଂ ଭୂତ୍ୱା  ଭବିତା ବାନ ଭୂୟଃ ।
ଅଜୋ ନତ୍ୟଃ ଶାଶ୍ୱତୋଽୟଂ ପୁରାଣୋନ ହନ୍ୟତେ ହନ୍ୟମାନେ ଶରୀରେ ।। ୨୦ ।।
ନ - କଦାଚିତ୍, କାୟତେ – ଏହି ଶରୀରର ଏଠାରେ ଜନ୍ମ ନୁହେଁ କି, ବା – କିମ୍ବା ନମ୍ରିୟତେ – ମୃତ୍ୟୁ ନୁହେଁ , ଭୂତ୍ୱା - ପ୍ରକଟ ହେବାପରେ, ଭୂୟଃ - ପୁନଃ, ଭବିତାନ - ହୋଇ ନଥାଏ । ଅୟମ୍ – ଏ କ୍ଷେତ୍ରରେ, ଅନଃ – ଜନ୍ମ ରହିତ, ନିତ୍ୟଃ – ସଦାବେଳେ, ଶାଶ୍ୱତ – ସଦା ସର୍ବଦା, ପୁରାଣ - ଅତୀତ ସୃଷ୍ଟିରୁ, ଶରୀରେ – ଶରୀରକୁ, ହନ୍ୟମାନେ - ମରାଗଲେ ମଧ, ନ ହନ୍ୟତେ – ସେ ମରେ ନାହିଁ ।

ଜୀନାତ୍ମା ଶରୀରର କେବେ ଜନ୍ମ ନୁହେଁ କି ମୃତ୍ୟୁ ନୁହେଁ । କିନ୍ତୁ ଶରୀରର ଉତ୍ପନ୍ନ ପରେ, ପୁନଃ ଉତ୍ପନ୍ନ ହୋଇ ନଥାଏ । କାରଣ ଶରୀର ଜନ୍ମ ରହିତ, ନିତ୍ୟ ଶାଶ୍ୱତ ତଥା ପୁରାଣ ବା ଅନାଦି ଅଟେ । ଅତଏବ ଜୀନାତ୍ମା ଶରୀରକୁ ମାରି ଦିଆଗଲେ ମଧ ସେ ମରି ନଥାଏ ।

ବେଦାବିନାଶିନଂ  ନିତ୍ୟଂ ଯ ଏନମଲମବ୍ୟୟମ୍ ।
କଅଂ ସ ପୁରୁଷଃ ପାର୍ଥଙ୍କ ତାତୟତି ହନ୍ତି କମ୍ ।। ୨୧ ।।

ବେଦ - ମହାଗ୍ରନ୍ଥ, ଅବିନାଶିନଂ - ଅବିନାଶି, ନିତ୍ୟଂ – ସର୍ବଦା, ଯଃ - ଯାହାକୁ, ଏନମ୍ – ଶ୍ୱଶରୀରକୁ, ଏନମ୍ – ଏ ଜନ୍ମରେ, ବ୍ୟୟମ୍ – ଶବ କହିବା ପୂର୍ବରୁ, କଅଂ – କଥାରେ ରହି ଆସିଛି, ସ – ସେହି, ପୁରୁଷଃ – ବ୍ୟକ୍ତିତ୍ୱ, ପାର୍ଥ - ପଥ ପ୍ରଦର୍ଶକ, କଂ – କାହାକୁ, ଘାତୟତି – ମରାଇବ, ହନ୍ତି – ମାରିବ,କମ୍ – କିପରି ।

ଅବିନାଶି ମହାଗ୍ରନ୍ଥ ବେଦ ବର୍ଣ୍ଣିତ ଏହି ଯେ, ସର୍ବଦା କାହାକୁ ଲକ୍ଷ କରାଯାଉଛି ? ଯାହାକୁ ବା ସ୍ୱଶରୀରକୁ ଏ ଜନ୍ମରେ ଶବ ବୋଲି କହିବା ପୂର୍ବରୁ, କଥା ରହିଆସିଛି ଏହି ଯେ, ସେପରି ପଥ ପ୍ରଦର୍ଶକ ପୁରୁଷର ବ୍ୟକ୍ତିତ୍ୱ କାହାକୁ ମାରିବ ବା ମରାଇବ  ?

ବାସାଂସି ଜୀର୍ଣ୍ଣାନୀ ଯଥା ବିହାୟ ନବାନି ଗୃହଣାଗାତି ନରୋଽପରାଣି ।
ତଥ ଶରୀରାଣି ବିହାୟ ଜୀର୍ଣ୍ଣନ୍ୟନ୍ୟାନି ସଂଯାତି ନବାନି ଦେହି ।। ୨୨ ।।

ବାସାଂସି – ବସ୍ତ୍ର ସମୁଦାୟ, ଜୀର୍ଣ୍ଣାନୀ - ନଷ୍ଟ ହେବାକୁ ଯାଉଥିବା, ଯଥା – ଯେପରି, ବିହାୟ - ପରିତ୍ୟାଗ କରାଯାଇଥାଏ, ନବାନି - ନୂତନ, ଗୃହଣାତି – ଗ୍ରହଣ କରାଯାଏ, ନରୋଽପରାଣି - ପୁରୁଷ ଅନ୍ୟକୁ, ଯଥା – ସେହିପରି, ଦେହି – ଦେହ ମଧ, ଜିର୍ଣ୍ଣାନି - ପୁରାତନ ଶରୀରକୁ ବିହାୟ – ତ୍ୟାଗ କରି, ଅନ୍ୟାନୀ - ଅନ୍ୟ, ନବାନି - ନୂତନ ସଂଯାତି – ଜୀବାତ୍ମାରୁ ଚାଲି ଯାଇଥାଏ ।

ପରିଧାନ କରୁଥିବା ଜୀର୍ଣ୍ଣ ବସ୍ତ୍ର ଗୁଡ଼ିକୁ ତ୍ୟାଗକରି ଯେପରି ମନୁଷ୍ୟ ନୂତନ ବସ୍ତ୍ର ପରିଧାନ କରିଥାଏ, ଠିକ୍ ସେହିପରି ନିଜର ପୁରାତନ ଶକୀରକୁ ତ୍ୟାଗ କରି ଅନ୍ୟ ନୂତନ ଶରୀରକୁ ଧାରଣ କରିଥାଏ ।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣୀ ନୈନଂ ଦହତି ପାବକଃ ।
ନ ନୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।୨୩।।
ନୈନଂ - ନ + ଏନମ = ଏହାକୁ, ନାହିଁ, ଛନ୍ଦନ୍ତି – ଛେଦନ, ଶସ୍ତ୍ରାଣି ଦ୍ୱାରା, ଦହତି - ଦହନ କରିରପାରେ ନାହିଁ । ଆପଃ – ଜଳ, ଏନମ – ଏହାକୁ କ୍ଳେଦୟତି – ସିକ୍ତ କରିପାରେ ନାହିଁ । ଚ – ବା, ମାରୁତ – ବାୟୁ, ନ, ଶୋଷୟତି – ଶୁଷ୍କ କରିପାରେ ନାହିଁ ।

ଜୀବାତ୍ମା ଶରୀରର ଏପରି ଗଠନ ହୋଇ ରହି ଆସିଛି ଯେ କୌଣସି ଶସ୍ତ୍ର, ଏହି ଶରୀରକୁ ଛେଦନ କରିପାରେ ନାହିଁ । କୌଣସି ଅଗ୍ନି ଏହାକୁ ଦହନ କରିପାରେ ନାହିଁ । କୌଣସି ଜଳ ମଧ୍ୟ ଏହାକୁ ଶିକ୍ତ କରିପାରେ ନାହିଁ କିମ୍ବା କୌଣସି ବାୟୁ ମଧ୍ୟ ଏହାକୁ ଶୁସ୍କ କରିପାରେ ନାହିଁ ।

କ୍ରମଶଃ

ଶ୍ରୀ ବେଙ୍କଟ ବିହାରୀ ପ୍ରହରାଜ
ଋଷିକୂଲ୍ୟା ସରସ୍ୱତୀ ଗବେଷକ
ହିଲପାଟଣା, ବ୍ରହ୍ମପୁର-୫
ମୋ-୮୭୬୩୬୦୨୫୨୦

ଶ୍ରୀଯୁକ୍ତ ଗଞ୍ଜାମ ଜିଲ୍ଲା ଭାଷା, ସାହିତ୍ୟ ଓ ସଂସ୍କୃତି ଅଧିକାରୀଙ୍କ ସମିପେଷୁ, ଛତ୍ରପୁର ।

ବିଷୟ -ବ୍ୟାଙ୍କ ଜମା ଖାତାରେ ଫୋଟକପି, ଆଧାର କାର୍ଡ ତଥା ମୋବାଇଲ ନମ୍ବର ଦାଖଲ ନିମନ୍ତେ, ଓଡ଼ିଶା ସରକାରଙ୍କ ଏହି ବିଭାଗରେ ଅତିରିକ୍ତ ଶାସନ ସଚିବ, ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର, ଭୁବନେଶ୍ୱର- ୭୬୧୦୧୬ ତରଫରୁ ଗତ ୨୧ ସେପ୍ଟେମ୍ବର ୨୦୨୨ ରେ ଦୈନିକ ସମାଜ ପୃଷ୍ଠା ୧୩ର ଓଡ଼ିଶା ସରକାରଙ୍କ ବିଜ୍ଞାପନ ପ୍ରକାରେ :-

ମହାଶୟ,

ଏହି ବିଜ୍ଞାପନର ଆଦେଶ ପ୍ରକାରେ ତଥା ଆସନ୍ତା ୦୭.୧୦.୨୦୨୨ଠାରୁ ସିଧାସଳଖ ବ୍ୟାଙ୍କ ମାଧ୍ୟମରେ (D.B.T Mode ) ପ୍ରଦାନ ଶକାସେ ବ୍ୟାଙ୍କ ଖାତାର ଫୋଟକପି, ଆଧାର କାର୍ଡ ତଥା ମୋବାଇଲ ନମ୍ବରର ଜେରକ୍ସ କପି ଦାଖଲ କଲି । ଯେହେତୁ ମୁଁ ଜଣେ କଳାକାର ଭତ୍ତା ପ୍ରାପ୍ତର ଅଧିକାରୀ ଏବଂ RR-30 ପ୍ରକାରେ, ଓଡ଼ିଶା ମୁଖ୍ୟମନ୍ତ୍ରୀ କଳାକାର ଯୋଜନା ତଥା ଦୁଃସ୍ଥ କଳାକାର ଯୋଜନାରେ ମୋତେ ଅନ୍ତର୍ଭୁକ୍ତ କରାଯାଉ ଏବଂ ମୋର ବ୍ୟାଙ୍କ ଖାତାର ଫୋଟକପି, ଆଧାର କାର୍ଡ ସହିତ ମୋବାଇଲ ନମ୍ବର ଗ୍ରହଣ କରାଯାଉ ।

।। ଇତି ।।

ଆପଣଙ୍କ

ବେଙ୍କଟ ବିହାରୀ ପ୍ରହରାଜ
ରଷିକୂଲ୍ୟା ସରସ୍ୱତୀ ଗବେଷକ
ହିଲପାଟଣା, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା

ଏଥିରେ ଆଧାର କାର୍ଡ ଜେରକ୍ସ, ବ୍ୟାଙ୍କ ଖାତାର ଫୋଟକପି
ତଥା ମୋବାଇଲ ନମ୍ବର ୮୭୬୩୬୦୨୫୨୦ ସଂଲଗ୍ନ ଅଟେ ।

ଶ୍ରୀଳ ଶ୍ରୀଯୁକ୍ତ ଡ. ସୁଧାଂଶୁ ପତି ଓକିଲ ତଥା ( INTACH)ର ଦକ୍ଷିଣ ଓଡ଼ିଶା ଆବାହକଙ୍କ ଜନ୍ମୋତ୍ସବ ଅବସରରେ ଆଦରର ସହିତ ଶ୍ରୀ ହସ୍ତରେ ଶ୍ରଦ୍ଧା ସୁମନର କ୍ଷେତ୍ର ଆଚରଣ ଉପହାର ।

୧)  ଆମୁଖ
୨)  ଜନପଦ ବ୍ରହ୍ମପୁର

ବେଙ୍କଟ ବିହାରୀ ପ୍ରହରାଜ
ଋଷିକୂଲ୍ୟା ସରସ୍ୱତୀ ଗବେଷକ
ହିଲପାଟଣା, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା

# ରାଜର୍ଷି ସୁଦେବ କୁମାର ଶ୍ୱେତଙ୍କ କଥା

ଶ୍ରୀରାମ ଅନୁଜ ଲକ୍ଷ୍ମଣ ତଥା ପତ୍ନୀ ସୀତାଙ୍କ ସହ ଦଣ୍ଡକାରଣ୍ୟ ପ୍ରବେଶ କରିବା ବହୁ ପୂର୍ବରୁ ଏହି ଘଟଣା । ମହର୍ଷି ଅଗସ୍ତିଙ୍କ ଦର୍ଶନ ସକାଶେ ଶ୍ରୀରାମ ତାଙ୍କରି ଆଶ୍ରମ ଥିବା କୁରୁକ୍ଷେତ୍ରର ଅରନ୍ତୁକ ଦ୍ୱାର କ୍ଷେତ୍ରକୁ, ତାଙ୍କରି ଭାଇଙ୍କ ସହିତ ଯାତ୍ରା କରିଥିଲେ । ମହର୍ଷିଙ୍କ ସହ ସାକ୍ଷାତ୍ ଶ୍ରରାମଙ୍କ ହେବା ପରେ ପରେ ଆଦର ସତ୍କାର ସହିତ ଦଣ୍ଡକ ବନରେ ଘଟିଥିବା ପ୍ରାଚୀନକାଳରେ, ତ୍ରେତା ଯୁଗର ଏକ ଘଟଣା କଥା କହିଥିଲେ । (ବା.ରା.ଉ.କା ୭୭ପର୍ବ) ।

ଏକଦା ମହର୍ଷି ଆଗସ୍ତି ତପସ୍ୟା କରିବା ପାଇଁ ଏକଶହ ଯୋଜନ ବିସ୍ତାରିତ ଥିବା ନିଶ୍ଚଳ ନିର୍ଜନ ବନକୁ ଘୁରି ଘୁରି ଏକ କ୍ଷେତ୍ରରେ ମହର୍ଷି ପହଞ୍ଚିଥିଲେ । ସେ ବନ ସ୍ୱରୂପ ଅତ୍ୟନ୍ତ ଆନନ୍ଦ ଦାୟକ ଥିଲା । ସୁଖଦାୟକ, ସ୍ୱାଦିଷ୍ଟ ଫଳମୂଳ ତଥା ରୂପ ରଙ୍ଗର ବୃକ୍ଷ କ୍ଷେତ୍ରର ଶୋଭା ବୃଦ୍ଧି କରୁଥିଲା । ସେଠାରେ ଏକ ମନୋହର ସରୋବର ଏକ ଏକ ଯୋଜନର ଦୈର୍ଘ୍ୟ ପ୍ରସ୍ଥ ଥାଇ ଥିଲା । ବିଭିନ୍ନ ପ୍ରକାରର ହଂସ, କାରଣ୍ଡବ ଆଦି ପକ୍ଷିମାନେ ଚକ୍ରବାକ ସହିତ ଶୋଭା ବୃଦ୍ଧି କରୁଥିଲେ । ବିଭିନ୍ନ ପ୍ରକାରର ଦଳ ସହିତ କଇଁ ଓ ପଦ୍ମର ଉତ୍ପତି ଥିଲା । ସରୋବର ଦେଖିବାକୁ ମୁଗ୍ଧକର ତଥା ଏହାର ଜଳ ଅତ୍ୟନ୍ତ ମୁଗ୍ଧକର ତଥା ସ୍ୱାଦିଷ୍ଟ ଥିଲା । ବିନା ପଙ୍କ ସହିତ ଜଳ ନିର୍ମଳ ସଦୃଶ ଥିଲା । ପକ୍ଷିଙ୍କ କଳରବ ଶୁଣା ଯାଉଥିଲା । ଏପରି ଏକ ସରୋବର ସମିପରେ ଏକ ବିଶାଳ, ଅଦ୍‌ଭୁତ ତଥା ଅତ୍ୟନ୍ତ ପବିତ୍ରତାର ଆଶ୍ରମଟିଏ ଥିଲା । ସେଥିରେ କିନ୍ତୁ ତପସ୍ୱୀ କେହି ନଥିଲେ ।

ସେ ସମୟର କାଳ ଥିଲା ଗ୍ରୀଷ୍ମ ଋତୁର ଜ୍ୟେଷ୍ଠମାସ ଥିଲା । ନିର୍ଜନ ଆଶ୍ରମରେ ରାତ୍ରଟିଏ ଯାପନ କରି, ପ୍ରାତଃରେ ସ୍ନାନାଦି ନିତ୍ୟକର୍ମ ସାରିବା ପାଇଁ ସରୋବରର ତଟକୁ ଯାଇଥିଲେ ଏବଂ ଉକ୍ତ କ୍ଷେତ୍ରରେ ସରୋବର ସମିପରେ ଏକ ଶବ ଦେଖିବାକୁ ମିଳିଥିଲା । ଶବଟି ହୃଷ୍ଟ ପୃଷ୍ଟ ସହିତ ନିର୍ମଳ ଜଣା ଯାଉଥିଲା । ମଳିନତା ଜଣା ଯାଉନଥିଲା । ଅତ୍ୟନ୍ତ ଶୋଭାଯୁକ୍ତ ହୋଇ ସରୋବର ତଟରେ ପଡ଼ିଥିଲା । ସେ ଶବକୁ ଦେଖିବା ପରେ ମହର୍ଷି ମନରେ ଏକ ପ୍ରକାର ବିଚାର ଘୁରି ବୁଲିବାକୁ ଲାଗିଲା । ଏପରି ଶବ ପଡ଼ିଥିବା କ୍ଷେତ୍ରକୁ ଦି ଘଡ଼ି ପର୍ଯ୍ୟନ୍ତ ମହର୍ଷି ଚାହିଁ ରହିଥିଲେ ।

ଚାହିଁ ରହିଥିବା ଦି ଘଡ଼ି କାଳ ଶେଷରେ ଏକ ଦିବ୍ୟ, ଅଦଭୁତ, ଅତ୍ୟନ୍ତ ଉତମ ହଂସ ଯୁକ୍ତ ଏବଂ ମନ ସଦୃଶ୍ୟ ବେଗଶାଳୀ ବିମାନଟିଏ ସେହି ଶବ ସମିପରେ ଅବତରଣ ହୋଇଥିବା ମହର୍ଷି ଦେଖି ପାରିଥିଲେ । ସେହି ବିମାନରେ ଜଣେ ସ୍ୱର୍ଗବାସୀ ଦେବତୁଲ୍ୟ ରୂପବାନ ବ୍ୟକ୍ତିଙ୍କୁ ମହର୍ଷି ଦେଖିପାରିଥିଲେ । ଦିବ୍ୟ ଆଭୁଷଣରେ ବିଭୁଷିତ ତଥା ଶୋଭିତ ସହସ୍ର ଅପ୍ସରା ତାଙ୍କରି ସେବାରେ ଥିଲେ । ସେଥି ମଧ୍ୟରୁ କେତେକ ମନୋହର ଗୀତ ଗାୟନ କରୁଥିଲେ । ଆଉ କେତେକ ବିଭିନ୍ନ ବାଜା ବଜାଇ ଚାଲିଥିଲେ । ଆଉ କେତେକ ନୃତ୍ୟରତା ଥିଲେ । ଆଉ କେତେକ ଅପ୍ସରା ପ୍ରଫୁଲ୍ଲ ଚିତରେ ସୁବର୍ଣ୍ଣ ଦଣ୍ଡ ଯୁକ୍ତରେ ବିଭୁଷିତ ତଥା ଚନ୍ଦ୍ର କିରଣ ସଦୃଶ୍ୟ ଉଜ୍ଜ୍ୱଳ, ଅତ୍ୟନ୍ତ ମୁଲ୍ୟବାନ ଚଅଁର ଧାରଣ କରି ସେହି ସ୍ୱର୍ଗବାସୀ ଦେବତୁଲ୍ୟ ବ୍ୟକ୍ତିଙ୍କ ପ୍ରତି ପବନ ଚାଳନା କରୁଥିଲେ ।

ଯେଉଁ କାଳେ ସୂର୍ଯ୍ୟଦେବ ମେରୁ ପର୍ବତ ଶିଖର ତ୍ୟାଗ କରି ତଳ ମୁଖ ହେବାକୁ ଲାଗୁଥିଲେ, ଠିକ୍ ସେପରି ସେ ସ୍ୱର୍ଗବାସୀ ପୁରୁଷ ବିମାନ ମଧ୍ୟରୁ ଅବତରଣ କରିଥିଲେ । ସେହି ସ୍ୱର୍ଗବାସୀ ପୁରୁଷ ବିମାନରୁ ଓହ୍ଲାଇ ଏବଂ ମହର୍ଷି ଦେଖୁ ଦେଖୁ ପଡ଼ି ରହିଥିବା ଶବ ମାଂସକୁ ଭକ୍ଷଣ କରିବା ଲାଗିଥିଲେ।

ସେହି ସୁପୁଷ୍ଟ ତଥା ପ୍ରଚୁର ଶବ ମାଂସକୁ ଭକ୍ଷଣ ପରେ ମୁଖ ହାତ ଧୋଇବା ପାଇଁ ସରୋବର ମଧ୍ୟକୁ ଓହ୍ଲାଇଥିଲେ । ଜଳ ଆଚମନ ସାରୀ ବିମାନ ପ୍ରବେଶ ପାଇଁ ଉଦ୍ୟତ କାଳେ ମହର୍ଷି ସେହି ଦେବତୁଲ୍ୟ ପୁରୁଷ ସମିପ ହୋଇ ପ୍ରଶ୍ନ କରିଥିଲେ ।

ହେ ଦେବ ପୁରୁଷ ! ଆପଣ କିଏ ସେ । ଏବଂ କାହିଁକି ଏପରି ଘୃଣିତ ଆଧାର ଗ୍ରହଣ କରୁଛନ୍ତି ? ଦୟା ବଶତଃ ଆପଣ ଏହାର ଉତର ଦେଇପାରିବେ କି ? ମହର୍ଷି ପୁଣି କହିଥିଲେ, ଦେଖିବାକୁ ଆପଣ ଦେବତୁଲ୍ୟ ତେଜସ୍ୱୀ ଜଣା ଯାଉଛନ୍ତି । ଏପରି ଦିବ୍ୟ ରୂପ ଧାରଣ କରି ଘୃଣିତ ଆହାର କରିବା କାହା ପାଇଁ ? ହେ ଦେବ ଆଶ୍ଚର୍ଯ୍ୟ କଥାର ରହସ୍ୟ ଜାଣିବାକୁ ଚାହୁଁଛି । କାରଣ ଆପଣଙ୍କ ପ୍ରତି ଏହି ଆହାର ଯୋଗ୍ୟ ବୋଲି ମୁଁ ମାନୁନି ।

କୌତୁହଳ ବଶ ମହର୍ଷି ପ୍ରଶ୍ନ କରିବା ପରେ ଦେବ ପୁରୁଷ କହିବା ଆରମ୍ଭ କରି – କହିଥିଲେ । ହେ ମହାତ୍ମା ! ମୁଁ ଯେଉଁ ଶୁଭ ଅକ୍ଷର ଯୁକ୍ତରେ କହିବାକୁ ଯାଉଛି ତାହା ଶୁଣନ୍ତୁ । କିନ୍ତୁ ପ୍ରଥମରେ ମୋ ପ୍ରଣାମ ଗ୍ରହଣ କରନ୍ତୁ । ଯୋଡ଼ ହସ୍ତରେ କହିଲେ, ଆପଣ ଯାହା ପଚାରୁଛନ୍ତି, ତାହା ମୋର ସୁଖ ଏବଂ ଦୁଃଖର କଥା । ଏହା ପୁଣି ଅଲଂଘନୀୟ । କାରଣ ପୂର୍ବ କାଳରେ ଘଟଣା ଘଟି ସାରିଛି । ମୋର ପିତା ତଥା ବିଦର୍ଭ ଦେଶର ରାଜା ସୁଦେବ ମହା ଯଶସ୍ୱୀ ରୂପେ ତିନି ଲୋକରେ ବିଖ୍ୟାତ ଥିଲେ । ତାଙ୍କର ଦୁଇ ପତ୍ନୀଙ୍କ ଦୁଇଟି ପୁତ୍ର ଥିଲେ । ଜ୍ୟେଷ୍ଠ ପୁତ୍ର ରୂପେ ମୁଁ ଶ୍ୱେତ ଥିଲି । ଏବଂ କନିଷ୍ଠର ନାମ ଥିଲା ସୁରଥ । ପିତାଙ୍କ ଦେହାନ୍ତ ପରେ ମତେ ପୁରବାସୀ ରାଜା ରୂପେ ଅଭିଷେକ କରିଥିଲେ । ଅଭିଷେକ ପରେ ସାବଧାନତାକୁ ଆଦରି ଶାସନ କରୁଥିଲି । ଏପରି ରାଜ୍ୟ ଶାସନ କରି ଏକ ସହସ୍ର ବର୍ଷ ବିତି ଥିଲା । ଏପରି ଧର୍ମକୁ ଆଧାର କରି ଶାସନ କରୁ କରୁ ସମୟାନୁକ୍ରମେ ଆୟୁ ଜ୍ଞାନ ମନକୁ ସ୍ପର୍ଷ କରିଥିଲା । ଏଣୁ ସେ ମୃତ୍ୟୁ ତିଥିକୁ ହୃଦୟସ୍ଥ କରାଇ ନିଜ ରାଜ୍ୟରୁ ଏହି ପ୍ରାଣି ଶୂନ୍ୟ କ୍ଷେତ୍ରକୁ ବା ଦୂର୍ଗମ ଅରଣ୍ୟର ବନକୁ ଆସିଥିଲି ରାଜା ମୁଁ ଶ୍ୱେତ ।

ପ୍ରଚଳିତ ସରୋବରର ସୁନ୍ଦର ତଟରେ ବସି ତପସ୍ୟା କରିବାରେ ମଗ୍ନ ଥିଲେ । ସୁରଥକୁ ରାଜ୍ୟ ଦେଇ ଏଠାରେ ଦିର୍ଘ କାଳ ତପସ୍ୟା ସେ କରିଥିଲେ । ସମୟ ନିର୍ଣ୍ଣୟ କ୍ରମେ ଅବଧି ସମୟ ଥିଲା ତିନି ହଜାର ବର୍ଷ । ତପସ୍ୟା ମଧ୍ୟ ଦୃଷ୍କର ଥିଲା । ଦୁଷ୍କର ତପସ୍ୟା କାରଣରୁ ସେ ବ୍ରହ୍ମଲୋକ ପ୍ରାପ୍ତ ହୋଇଥିଲେ । ବ୍ରହ୍ମଲୋକରେ ପ୍ରବେଶ କରି ମଧ୍ୟ ଭୋକ ଶୋଷରେ ସେ ସମୁଖୀନ ହୋଇଥିଲେ । ବ୍ରହ୍ମଲୋକ ମଧ୍ୟରେ ଭୋକ ଶୋଷର ବାରମ୍ବାର ସମୁଖୀନ ହୋଇ କଷ୍ଟ ପାଇବା ପରେ ଇନ୍ଦ୍ରିୟ ଗୁଡ଼ିକ ଟାଣି ହେବାରେ ଲାଗିଥିଲା ।

ଦିନେ ତ୍ରୟଲୋକର ଶ୍ରେଷ୍ଠ ଦେବତା ଭଗବାନ ବ୍ରହ୍ମାଙ୍କୁ ଜଣାଇ ଥିଲେ ଏବଂ କହିଥିଲେ, ହେ ଭଗବାନ ! ବ୍ରହ୍ମଲୋକ ଭୋକ ଶୋଷ ରହିତ ଅଟେ । ତଥାପି ଭୋକ ଶୋଷ କାହିଁକି ମତେ ଛାଡୁ ନାହିଁ । ଏହା ମୋର କେଉଁ କର୍ମର ଫଳ ଏବଂ ଏଥିରୁ କିପରି ନିସ୍ତାର ପାଇବି ? ମୋର ଆହାର କଣ ? ଏହା ପ୍ରକାଶ କରନ୍ତୁ । ବ୍ରହ୍ମଦେବ ଏପରି ଶୁଣିବା ପରେ କହିଥିଲେ – ହେ ରାଜା ଶ୍ୱେତ ! ତୁମେ ମର୍ତ୍ୟ ଲୋକରେ ଛାଡି ଆସିଥିବା ସୁସ୍ୱାଦୁ ମାଂସ ଶରୀରର ମାଂସକୁ ସର୍ବଦା ଆହାର କର । ତାହାହିଁ ତୁମର ପ୍ରକୃତ ଖାଦ୍ୟ । କାରଣ ହେ ଶ୍ୱେତ ! ତୁମେ ଅବଶ୍ୟ ଉତମ ତପସ୍ୟା କରିଥିବା ସତ୍ୱେ କେବଳ ନିଜ

ଶରୀରକୁ ପୋଷଣ କରି ଚାଲିଥିଲ । କିନ୍ତୁ ଦାନ ରୁପି ମଞ୍ଜିକୁ ରୋପି ନଥିଲ । ଦାନ ରୁପି ମଞ୍ଜିକୁ ନ ରୋପି, କେବେ କିଛି ଫଳ ପାଇ ପାରିବେକି ? କେବେ ହେଲେ ପ୍ରାପ୍ତ ଯେପରି ହୋଇ ନଥାଏ, ସେପରି କୌଣସି ପ୍ରକାର ଭୋଜ୍ୟ ପଦାର୍ଥ ଉପଲବଧି ହୁଏ ନାହିଁ ।

ତୁମେ କେବେହେଲେ ଦେବତା ମାନଙ୍କୁ, ପିତୃଜନଙ୍କୁ ତଥା ଅତିଥିଜନଙ୍କୁ କେବେ କିଛି ସାମୟିକ ମଧ୍ୟ ଦାନ କରିନାହଁ । ଅବଶ୍ୟ ଦାନ ଧର୍ମ ନ କରି କେବଳ ତପସ୍ୟା ଅବଶ୍ୟ କରିଛ । ଏହି କାରଣରୁ ବ୍ରହ୍ମଲୋକ ପ୍ରାପ୍ତ ହୋଇ ମଧ୍ୟ ଭୋକ ଶୋଷରେ ପିଡିତ ହୋଉଛ । ନାନା ପ୍ରକାରର ସୁସ୍ୱାଦୁ ଆହାରକୁ ଭୋଜନ କରି ତୁମ ଶରୀର ସମୁଦାୟ ପୋଷିତ । ଯେପରି କି ଅମୃତ ରସରେ ଯୁକ୍ତ ହୋଇ ରହିଛି । ଏଣୁ ତାକୁ ହିଁ ଭକ୍ଷଣ କରିବା ଦ୍ୱାରା ତୁମର କ୍ଷୁଧା ପିପାଶା ନିବାରଣ ହୋଇ ପାରିବ । ହେ ଶ୍ୱେତ ! ଯେଉଁ ସମୟରେ ମହର୍ଷି ଅଗସ୍ତି ଏହି କ୍ଷେତ୍ରକୁ ଯେବେ ଆଗମନ କରିବେ, ସେହି ଦିନଠାରୁ ତୁମେ ଏହି କଷ୍ଟରୁ ଉଦ୍ଧାର ପାଇଯିବ ।

ମହର୍ଷି ଅଗସ୍ତି କେବଳ ମାନବ ସମାଜ ବ୍ୟତୀତ ଦେବତାମାବଙ୍କୁ ମଧ୍ୟ ଉଦ୍ଧାର କରିବା ସାମର୍ଥ୍ୟ ରହିଛି । ତେବେ ଭୋକ ଶୋଷରେ ପୀଡିତ ପ୍ରଭାବିତରେ ରହିଥିବା ପୁରୁଷଙ୍କ ସଂକଟରୁ ଉଦ୍ଧାର କରିବା ତାଙ୍କରି ସକାଶେ କିଛି ବଡ଼ କଥା ନୁହେଁ ।

ହେ ମହାତ୍ମା ! ଦେବାଧିଦେବ ଭଗବାନ ବ୍ରହ୍ମାଙ୍କ ଏପରି ନିଶ୍ଚୟତାକୁ ଶୁଣିବା ପରେ, ନିଜ ଶରୀରର ଘୃଣିତ ଆହାର ଗ୍ରହଣ କରି ଆସୁଛି । ପୁଣି ଏହି ଶବ ଶରୀର ବହୁବର୍ଷ ଧରି ସତେଜରେ ପଡ଼ି ରହିଛି । ନଷ୍ଟ ନ ହୋଇ ମତେ ପୂର୍ଣ୍ଣ ତୃପ୍ତିର ଆହାର ଯୋଗାଇ ଆସୁଛି । ଏପରି ସଙ୍କଟ କାଳେ ଆପଣ ମୋ ଦୃଷ୍ଟି ସମୁଖକୁ ଆସି ଯାଇଛନ୍ତି । ଅତଏବ ଆପଣ ମତେ ଉଦ୍ଧାର କରି ପାରିବେ । କାରଣ ଆପଣ ବ୍ରହ୍ମର୍ଷି କୁମ୍ଭଜ । ଯେ ହେତୁ ତୁମ୍ଭ ବିନା ଅନ୍ୟ କେହି ଏହି ନିର୍ଜନ ବନ ମଧରେ ପ୍ରବେଶ କରିବା ଅଶମ୍ଭବ । ଏଣୁ ମୁଁ ନିଶ୍ଚିତ ଯେ ଆପଣ କୁମ୍ଭ ଯୋନି ମହର୍ଷି ଅଗସ୍ତ୍ୟ । ମୋର ଉଦ୍ଧାର କରିବା ପାଇଁ ଏହି କଷ୍ଟରୁ ଉଦ୍ଧାର ପାଇଁ ଆପଣଙ୍କୁ ଏହି ଆଭୁଷଣ ପ୍ରଦାନ କରୁଛି । ଗ୍ରହଣ କରି କୃପା ପ୍ରସାଦ ପ୍ରଦାନ କରନ୍ତୁ ।

ହେ ମହାତ୍ମା ! ଏହି ଆଭୁଷଣ ସୁବର୍ଣ୍ଣ, ଧନ, ବସ୍ତ୍ର, ଭକ୍ଷ, ଭୋଜ୍ୟ ତଥା ଅନ୍ୟାନ୍ୟ ନାନା ପ୍ରକାରର ଆଭରଣ ମଧ୍ୟ ପ୍ରଦାନ କରେ । ଏହି ଆଭରଣ ଦ୍ୱାରା ମୁଁ ସମସ୍ତ ପ୍ରକାର ମନୋବାଞ୍ଛିତ ପଦାର୍ଥ ଭୋଗକୁ ମଧ୍ୟ ପ୍ରଦାନ କରୁଛି । ଏଣୁ ହେ ଭଗବାନ ! କୃପା ବଶତଃ ମତେ ଉଦ୍ଧାର କରିଦେବେ ।

ରାଜର୍ଷି ଶ୍ୱେତ ଏପରି ତତ୍ପରତା କାକୁତି ମିନତୀ ମାଧମରେ କହିବା ଦ୍ୱାରା ଏବଂ ମହର୍ଷି ଅଗସ୍ତ୍ୟ ଏପରି ଦଃଖବାଣୀ ଶୁଣିବା ପରେ ସେହି ଉତମ ଆଭୁଷଣକୁ ଗ୍ରହଣ କରିଥିଲେ । ଯେଉଁ କାଳେ ଆଭୁଷଣକୁ ମହର୍ଷି ସ୍ପର୍ଶ କରିଛନ୍ତି, ଠିକ୍ ସେହି କାଳେ ସେ ଚାଅଁରା ଉପରେ ପଡି ରହିଥିବା ରାଦର୍ଷି ଶ୍ୱେତଙ୍କ ପୂର୍ବ ଶରୀର (ଶବ) ଅଦୃଶ୍ୟ ହୋଇ ଯାଇଥିଲା । ପରେ ପରେ ରାଜର୍ଷି ଆନନ୍ଦରେ ତୃପ୍ତ ହୋଇ ବ୍ରହ୍ମଲୋକ ଚାଲି ଯାଇଥିଲେ ।

ଏହି ଅରନ୍ତୁକ କ୍ଷେତ୍ରରେ ଥିବା ଆଶ୍ରମରେ ମହାତ୍ମା ଅଗସ୍ତ୍ୟ ଶ୍ରୀରାମଙ୍କୁ ଏପରି ଅନେକ ଉଦାହରଣ ସହିତ ବିଚାର ପ୍ରଦାନ କରିଥିଲେ । ଶ୍ରୀରାମ ମଧ୍ୟ ଅତ୍ୟନ୍ତ ଉଲ୍ଲସୀତ ହୋଇ ଶୁଣିବା ପରେ, ପ୍ରତ୍ୟେକ ଘଟଣାକୁ ମାନସରେ ସାଇତି ରଖିଥିଲେ । ରାଜା ହେବା ପରେ ରାମରାଜ୍ୟ ଗଠନକୁ ସମୃଦ୍ଧ କରିବା ସକାଶେ ଘଟଣା ଗୁଡ଼ିକର ମର୍ମତ୍ୱକୁ ଆଧାର କରୁଥିଲେ ।

ଶ୍ରୀରାମଙ୍କ ଦଣ୍ଡକାରଣ୍ୟ ଯାତ୍ରାର ପ୍ରକୃତ ବାସ୍ତବତାର ସେ କାଳରେ ସତ୍ୟତା ଆଜି ମଧ୍ୟ ଦେଖିବାକୁ ମିଳେ । ସୋରଡ଼ା ଜଳ ଭଣ୍ଡାର ସେ କାଳରେ ସରୋବରର ପରିଚୟ ଦେଉଛି । ଅତୀତର ସେ ଆଶ୍ରମ କ୍ଷେତ୍ରଟି ଆଜିର ଭୂଗୁଡ଼ା ଜନପଦରେ ପରିଣତ ହୋଇ ରହି ଆସିଛି । ରାଗର୍ଷି ଶ୍ୱେତଙ୍କ ତପସ୍ୟା ସ୍ଥଳିର ନାମ ଆଜି ଜନପଦ ଅମୃତୁଲୁ ରୂପେ ଚିହ୍ନଟ । ଜନପଦ ସମିପରେ ଏକ ଚାଞ୍ଚଡା ଚଟାଣ ରହିଛି ଯେଉଁ ଚଟାଣ କ୍ଷେତ୍ରରେ ରାତ୍ର କାଳେ ଏକଲା କିମ୍ୱା ଦୁଇ ଜଣ ରହିବା ଅନିର୍ଣ୍ଣିତ । କାରଣ ସେ ଚାଞ୍ଚଡା ଚଟାଣ କ୍ଷେତ୍ରରେ ରାଜର୍ଷି ଶ୍ୱେତଙ୍କ ପୂର୍ବ ଶରୀରଟି ସୁରକ୍ଷିତ ଥିଲା ।

ସୃଷ୍ଟି ଆରମ୍ଭରୁ ଦକ୍ଷିଣ ଓଡ଼ିଶା ପ୍ରାଙ୍ଗଣରେ ଏପରି ଅନେକ ଘଟଣାମାନ ଘଟି ଆସିଛି । ସ୍ୱୟଂ ଭଗବାନଙ୍କ ବ୍ୟତୀତ ବ୍ରହ୍ମର୍ଷି, ମହର୍ଷି, ରାଜର୍ଷି, ଦେବର୍ଷି, ଋଷି, ତପସ୍ୱୀ ସନ୍ଥ, ଭକ୍ତ ଆଦିଙ୍କ ଦ୍ୱାରା ମାନବ ହିତ ଯୋଗ୍ୟ ଚିର ଘଟଣାମାନ ଘଟି ଆସିଥିବା ସତ୍ୱେ, ଘଟଣା ଗୁଡ଼ିକ ମାନବ ହିତ ସକାଶେ ପ୍ରକାଶିତ କରିବା ପ୍ରତିବଦଳରେ ଶାସ୍ତ୍ରଗୁଡିକ ମଧ୍ୟରେ ଲୁକ୍କାୟିତ ଭାବେ ଛପି ରହିଛି । ଏପରି ଛପି ରହିବା ମଧ୍ୟ ସ୍ୱାଭାବିକ । କାରଣ ଏପରି ଅମୁଲ୍ୟ ଘଟଣା ଗୁଡିକ ଭାଷା ସଂସ୍କୃତ ରେ ଲିପିବଦ୍ଧ ହୋଇ ରହିଛି । କିନ୍ତୁ ଭାରତ ସ୍ୱାଧିନତା ପାଇବା ପଞ୍ଚସ୍ତରୀ ବର୍ଷ ପରେ ପରେ ସମ୍ପୂର୍ଣ୍ଣ କାର୍ଯ୍ୟକାରୀରେ ନଷ୍ଟ ହେବାକୁ ଯାଉଛି । ଭାଷା ସଂସ୍କୃତକୁ ଲୋପ କରିବାର ପ୍ରଶାସନର ଅଭିସନ୍ଧି ମୂଳକ ଭାବ ଯଦି ନଥାନ୍ତା, ତେବେ ଦକ୍ଷିଣ ଓଡ଼ିଶାରେ ଥିବା ସଂସ୍କୃତ (ଟୋଲ) ବିଦ୍ୟାଳୟ ଗୁଡ଼ିକ ଆଜି ହସି ରହିଥାନ୍ତା ।

ବେଙ୍କଟ ବିହାରୀ ପ୍ରହରାଜ
ଋଷିକୂଲ୍ୟା ସରସ୍ୱତୀ ଗବେଷକ
ହିଲପାଟଣା, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା

# ସିଲ୍କ ସିଟିରେ ବିପ୍ଳାତ

ସ୍ୱୟଂ ବ୍ରହ୍ମଦେବ ଏଠାରେ ପ୍ରକଟ ହୋଇ ପରିବେଶକୁ ଅତୀତକାଳରେ ବ୍ରହ୍ମମୟ କରିଥିବା କାରଣକୁ ନେଇ କ୍ଷେତ୍ରକୁ ବ୍ରହ୍ମପୁର କୁହାଯାଇ ଆସିଛି । ବର୍ତ୍ତମାନର ପୁରୁଣା ବ୍ରହ୍ମପୁର କ୍ଷେତ୍ରରେ ବା ବେନ୍ଦାଳିଆ ଜନପଦକୁ ଯିବା ରାସ୍ତା ତଥା ଅନ୍ଧ ପସରା ଯିବା ରାସ୍ତା ଅବା ଉଭୟ ରାସ୍ତାର ଆରମ୍ଭରେ ଏକ ଗୁମ୍ଫାତୁଲ୍ୟ କ୍ଷେତ୍ର ରହିଛି । ସେହି କ୍ଷେତ୍ରରେ ହିଁ ବ୍ରହ୍ମଦେବ ଅବତରଣ କରି କ୍ଷେତ୍ରନାମ ବ୍ରହ୍ମପୁର ନାମେ ନାମିତ କରିଛନ୍ତି ।

ବ୍ରହ୍ମଦେବ ଏଠାରେ ଅବତରଣ କରିବା କାରଣ କଣ ଥିଲା ? ବ୍ରହ୍ମଦେବଙ୍କ ଅବତରଣ, ଏଠାକୁ ନେଇ ଏକ ସୁନ୍ଦର ଉଦାହରଣ (ମହା.ଗଦା.ଅ.୩୭)ରେ ରହିଛି । କୌରବ ପାଣ୍ଡବଙ୍କ ମଧ୍ୟରେ ସଂଗ୍ରାମ ପ୍ରଚଳନକାଳେ, ଭଗବାନ୍ ବଳରାମ କୌଣସି ପକ୍ଷଭୁକ୍ତ ନହୋଇ କୁରୁକ୍ଷେତ୍ର ମଧ୍ୟରେ ତୀର୍ଥ ଯାତ୍ରା କରୁଥିଲେ । ସେ କାଳେ ସେ ବିନସନ, ସୁଭୂମିକ, ଗନ୍ଧର୍ବ ତୀର୍ଥ ସାରି ଗର୍ଗସ୍ରୋତ ତୀର୍ଥରେ ଥିଲେ ।

ବ୍ରହ୍ମଦେବଙ୍କ ଜଣେ ମାନସ ପୁତ୍ର ବୃଦ୍ଧ ଗର୍ଗ ଏହି କ୍ଷେତ୍ରରେ ରହିଥିଲେ, ବୃଦ୍ଧ ଗର୍ଗ ସେଠାରେ ପବିତ୍ର ଅନ୍ତଃକରଣ ଦ୍ୱାରା ସରସ୍ୱତୀଙ୍କ ଏହି ଶୁଭ ତୀର୍ଥରେ କାଳଜ୍ଞାନ, କାଳର ଗତି, ଗ୍ରହ ନକ୍ଷତ୍ରଙ୍କ ଯିବା ଆସିବା, ଦାରୁଣ ବିପ୍ଳାତ ତଥା ଶୁଭାଦି ଲକ୍ଷଣ ଇତ୍ୟାଦି ସମସ୍ତ କଥାର ଜ୍ଞାତ ଏଠାରେ ହୋଇଥାଏ । ଏବଂ ନିଦାନ ସ୍ଥିତିରୁ ଅନ୍ୟାନ୍ୟ ଅନ୍ତରିକ୍ଷ ଗବେଷକ ଆସି ତଥ୍ୟ ଗ୍ରହଣ କରିଥାନ୍ତି । ଏଠାରେ ଏହା ସର୍ବଦା ଚଳଚଞ୍ଚଳ କାରଣରୁ କ୍ଷେତ୍ରଟିର ନାମ ଏଠାରେ ଗର୍ଗସ୍ରୋତ ଅଟେ । ଏଠାରେ ଉତ୍ତମ ବ୍ରତ ପାଳନକାରୀ ତପସ୍ୱୀମାନେ ସର୍ବଦା ବୃଦ୍ଧ ଗର୍ଗଙ୍କ ସେବାରେ ଲାଗିଥାନ୍ତି । (ମହା.ଗଦା, ଅଧ୍ୟା ୩୭-୧୩-୧୯) ଏଠାରେ ପ୍ରକାଶ ଥାଉକି - ଅତୀତର ଏହି ଗୁମ୍ଫା ମଧ୍ୟରୁ ସ୍ୱତଃ ଏକ ଜଳଧାର ପ୍ରକଟ ହୋଇ ସରସ୍ୱତୀ ନାମରେ ସ୍ରୋତାୟୀତ ଥିଲା । ବର୍ତ୍ତମାନ ଯେପରି ଟାମଣା ପାହାଡ଼ରେ ପଚଳିତ । ଟାମଣା ଜନପଦ ପାହାଡ଼ର ଜଳସ୍ରୋତ ଯେପରି ଦୂର୍ବଳ ହେବାରେ ଉଚ୍ଛ ଲାଗିଛି, ସେହି କ୍ରିୟା ଅନୁକ୍ରମେ ଏଠାରୁ ଉତ୍ପତି ଗର୍ଗସ୍ରୋତ ନିର୍ଜିବ ରୂପ ଧାରଣ କରି ରହିଛି ।

ଏଠାରୁ ସାମାନ୍ୟ ଦୂରରେ ଥିବା ସିଙ୍ଗାବାଡ଼ି ଜନପଦ କ୍ଷେତ୍ରରେ ମହାଶଙ୍ଖ ନାମକ ଏକ ବିଶାଳ ବୃକ୍ଷ ରହିଛି । ଉଁଚାଇରେ ବୃକ୍ଷଟି ମେରୁ ପର୍ବତ ତୁଲ୍ୟ ସହିତ ଶ୍ୱେତାଚଳ ସଦୃଶ ଉଜ୍ଜ୍ୱଳ ଦେଖା ଯାଉଥିଲା । ତଥା କ୍ଷେତ୍ର ସରସ୍ୱତୀତଟରେ ବୃକ୍ଷଟି ଥିବାରୁ, ଏହାର ଆଶ୍ରୟରେ ଋଷି ସମୁହ ବାସ କରୁଥିଲେ । ଏହି ବୃକ୍ଷ ସମିପରେ ଯକ୍ଷ, ବିଦ୍ୟାଧର, ଅମିତ ତେଜସ୍ୱୀ ରାକ୍ଷସଗଣ, ଅନନ୍ତ ବଳଶାଳୀ ପିଶାଚ ତଥା ସହସ୍ରାଧିକ ସିଦ୍ଧଗଣ ବାସ କରିଥାନ୍ତି ।  ଏପରି ସମୁହେ ବିନା ଖାଦ୍ୟରେ ବ୍ରତ, ନିୟମ ପାଳନ କରି ଆସୁଥିଲେ । ଆବଶ୍ୟକ ସ୍ଥଳେ ବୃକ୍ଷ ଫଳକୁ ଆହାର ରୁପେ ଗ୍ରହଣ କରୁଥିଲେ । ସ୍ୱୀକାର ଯୋଗ୍ୟ ନିୟମକୁ ପାଳନ କରି ସେମାନେ ମନୁଷ୍ୟଙ୍କ ଅଦୃଶ୍ୟରେ ରହୁଥିଲେ । ଏପରି କ୍ଷେତ୍ରଟି ବ୍ରହ୍ମାଣ୍ଡରେ ଖ୍ୟାତ ଥିଲା (ମହା.ଏହି ଅଧ୍ୟାୟର ୨୩-୨୬ ଶ୍ଳୋକ) ପଠନୀୟ ।

ସମୁଦାୟ ବ୍ରହ୍ମପୁର କ୍ଷେତ୍ର ବୋଲାଉଥିବା କାଳେ ବୃଦ୍ଧଗର୍ଗ ଏକ ଦୀର୍ଘକାଳିନ ମହାନ ଯଜ୍ଞର ଆୟୋଜନ କରିଥିଲେ । ଏହି ଦୀର୍ଘକାଳିନ ଯଜ୍ଞର ପୂର୍ଣ୍ଣାହୁତୀ କାଳରେ ବିଭିନ୍ନ କ୍ଷେତ୍ରରୁ ସାଧୁ ସନ୍ଥମାନେ ଆସି ଏଠାରେ ଏକତ୍ରିତ ହେବାକୁ ଲାଗିଥିଲେ । ମହାରାଜା ପୃଥୁଙ୍କ ସମୟରେ ସେ ସମୁଦାୟ ଜମି କ୍ଷେତ୍ରକୁ ସମତୁଲ କରି ସମନ୍ତ ପଞ୍ଚକ ନାମରେ କର୍ତ୍ତବ୍ୟକୁ ନାମିତ କରିଥିଲେ । କ୍ଷେତ୍ର ସମନ୍ତପଞ୍ଚକ ବୋଲାଇବା ପରେ ରାଜା କୁରୁଙ୍କ ଦ୍ୱାରା କୁରୁକ୍ଷେତ୍ର ନିର୍ମାଣ ହୋଇ ପାରିଥିଲା । ଏବଂ ଏହି ସମନ୍ତପଞ୍ଚକରେ କୁରୁକ୍ଷେତ୍ର ନିର୍ମାଣ ପରେ ହିଁ ଦୀର୍ଘକାଳିନ ଯଜ୍ଞ ହୋଇଥିଲା । ଏବଂ ଯଜ୍ଞ ପୂର୍ଣ୍ଣାହୁତୀ ବହୁ ସାଧୁ ସନ୍ଥ ଲାଠ୍ ହୋଇଥିଲେ । ଏପରି କି ସ୍ୱାଧ୍ୟାୟ ପାଇଁ ମଧ୍ୟ ତପସ୍ୱୀଙ୍କ ସକାଶେ କ୍ଷେତ୍ରରେ ସ୍ଥାନ ନଥିଲା ।

ଏପରି ଏକ ଉଚ୍ଚ କୋଟିର ମୁକ୍ତି ଦାୟକ ପବିତ୍ର କ୍ଷେତ୍ର ହୋଇଥିବା କାରଣରୁ ନିଜ ସନ୍ତାନ ସ୍ୱରୂପ ତପସ୍ୱୀଙ୍କ ଦୁଃଖ ଲାଘବ ସକାଶେ ସରସ୍ୱତୀ ସ୍ୱୟଂ ଏହି ପାହାଡ଼ ଗୁମ୍ଫାଠାରେ ପ୍ରକଟ ହୋଇଥିଲେ । ଜରାୟୁରେ ଯେପରି ସ୍ଥିତି ଅନ୍ତଃ ଗୁଡ଼ିକ ରହିଛି, ସରସ୍ୱତୀ ଉଭା ହୋଇ ଠିକ୍ ସେପରି ସରସ୍ୱତୀ କୁଞ୍ଜ ମାନ ପ୍ରସ୍ତୁତ କରି କରି ପଛେଇ ପଛେଇ ସ୍ରୋତ ଯାଇ ପୁଣି ପୂର୍ବ ସ୍ରୋତ ସହ ସୋରଡ଼ାଠାରେ ମିଶିଛି ।

ଯଜ୍ଞ ପୂର୍ଣ୍ଣାହୁତୀ ହେବାଜାଣି ସ୍ୱତଃ ଲକ୍ଷ ଲକ୍ଷ ତପସ୍ୱୀ, ଆମନ୍ତ୍ରଣକ୍ରମେ ବ୍ରହ୍ମଦେବ ତଥା ବିଚାରଶୀଳ ସରସ୍ୱତୀ ଗର୍ଗସ୍ରୋତ ତୀର୍ଥ ଉଭା ହୋଇଥିବା ସତ୍ୱେ ଜନସାଧାରଣ କ୍ଷେତ୍ରଟିକୁ ବେଖାତର ଯେପରି କରି ଆସିଛନ୍ତି ସେପରି କେବଳ ବଞ୍ଚିବା ପାଇଁ ପାତି ମର୍କଟମାନେ ଜଙ୍ଗଲରୁ ସହର ଆସି ବିପ୍ଳାତ କାହିଁକି ନ କରିବେ ?

ଅସ୍ୱାଧିନ ଭାରତ ସ୍ୱାଧିନ ହେବାର ୭୫ ବର୍ଷ ପାର ହୋଇ ଗଲାଣି । ସମାଜର ମଙ୍ଗଳ ପାଇଁ ବିଭିନ୍ନ ସରକାର ଆସିଲେ ସୁଦ୍ଧା ଯଥା ସମ୍ଭବ ବିଭାଗ ରହି ଆସିଛି । ସେଥି ମଧ୍ୟରେ ରହିଛି ଏକ ବିଶିଷ୍ଟ ବିଭାଗ ଜଙ୍ଗଲ । ଏହି ଜଙ୍ଗଲରେ ବିଭିନ୍ନ ପ୍ରକାର ପ୍ରାଣି ରହନ୍ତି । ସେହି ପ୍ରାଣୀଙ୍କ ମଧ୍ୟରେ ଏକ ବିଶିଷ୍ଟ ସମ୍ପ୍ରଦାୟର ମର୍କଟ ପାତି ମଧ୍ୟ ରହନ୍ତି । ତପସ୍ୱୀମାନେ ଏହାଙ୍କୁ ଶାଖା ମୃଗ କହୁଥିଲେ । ଶାଖାମୃଗମାନେ ଜଙ୍ଗଲଯାତ ପଦାର୍ଥକୁ ଖାଦ୍ୟ ରୂପେ ଗ୍ରହଣ କରି ଶାନ୍ତିରେ ରହୁଥିଲେ । କିନ୍ତୁ ସ୍ୱାଧିନତା ପରେ ପରେ ଅର୍ଥାତ୍ ପ୍ରାୟ ୧୯୭୦ ଖ୍ରୀଷ୍ଟାବ୍ଦରୁ ଶାଖାମୃଗଗଣ ସହରାଭିମୁଖି ହୋଇ ବସବାସ କରି ଆସୁଥିବା ଜନତାଙ୍କ ଉପରେ ବିଭିନ୍ନ ପ୍ରକାରର ବିପ୍ଳାତ କରି ଆସୁଛନ୍ତି । ତୀର୍ଥ କ୍ଷେତ୍ର ଯଥା ପୁରୀ ତଥା ତାରାତାରିଣୀ ପୀଠଠାରେ ଏମାନେ ଯେଉଁ ଅକଥନୀୟ ବିପ୍ଳାତ କରି ଅସୁଛନ୍ତି, ତାହା ଅବର୍ଣ୍ଣନୀୟ ।

ଅତୀତର ଦୁଇ କିମ୍ୱା ତିନିବର୍ଷ କାଳ ତଳୁ ଏହି ଶାଖା ମୃଗ ବା ପାତୀମାନେ ଜଙ୍ଗଲରୁ ସିଲ୍କ ସିଟି ବ୍ରହ୍ମପୁର ମଧ୍ୟରେ ପ୍ରବେଶ କରି ରହି ଆସିଛନ୍ତି । ସେମାନଙ୍କ କାର୍ଯ୍ୟ କଳାପରୁ ଜଣାଯାଏ ଯେ, ବୋଧହୁଏ ସେମାନେ ଜଙ୍ଗଲ ବିଭାଗ ସର୍ବୋଚ୍ଚ ଅଧିକାରୀଙ୍କୁ ଜଙ୍ଗଲ ମଧ୍ୟରେ ନିଜର ଖାଦ୍ୟ ଆଦାୟକୁ ନେଇ ଦରଖାସ୍ତ ଦେବାକୁ ଆସିଛନ୍ତି । ତାଙ୍କର ଅଭିଯୋଗ ଅଧିକାରୀ ମୋହଦୟ ନ ଶୁଣିବା କାରଣରୁ ବୋଧ ହୁଏ ଶାଖାମୃଗଗଣ ଘର ଘର ବୁଲି ସମର୍ଥନ ଯୋଗାଡ଼ିବାରେ ଲାଗିଛନ୍ତି । ସେମାନଙ୍କୁ ଲେଖି ନ ଆସୁଥିବା ଏବଂ ପାଟି ଫିଟୁନଥିବା କାରଣରୁ ବୋଧହୁଏ ନିମ୍ନରେ ଦର୍ଶାଯାଇଥିବା ପ୍ରକ୍ରିୟା ଦ୍ୱାରା ଜଣାଇ

ଆସୁଛନ୍ତି । ବୋଧ ହୁଏ ସେମାନେ ସେମାନଙ୍କର ବିଚାରରେ ଦୃଢ଼ ଯେ, ଆମେ ବର୍ତ୍ତମାନ କାଳରେ ବଞ୍ଚି ରହିବାର ଏକମାତ୍ର ମାଧ୍ୟମ କେବଳ ମନୁଷ୍ୟ । ସରକାର ମନୁଷ୍ୟମାନଙ୍କ ଚଳିବା ପାଇଁ ଯେପରି ସିଲ୍କ୍‌ସିଟି ବ୍ରହ୍ମପୁରକୁ ରୂପାନ୍ତର କଲାପରେ ଟଙ୍କାକିଆ ଚାଉଳ ପ୍ରଦାନ କରି ନଗର ମର୍ଯ୍ୟାଦା ବୃଦ୍ଧି କରି ଆସୁଛନ୍ତି, ସେପରି ଜଙ୍ଗଲ ମଧ୍ୟରେ ମଧ୍ୟ କଞ୍ଜରଭେଟରମାନେ ଆମ ପାଇଁ ବ୍ୟବସ୍ଥା କରନ୍ତୁ କିମ୍ବା କରାନ୍ତୁ । ଆମକୁ ଘରବାରି ପଟ୍ଟା ନ ଦେଲେ ପଛେ ନ ଦିଅନ୍ତୁ ଖାଇବାକୁ ଗଣ୍ଡେ ଦେବାପାଇଁ କୁଣ୍ଠାବୋଧ କାହିଁକି ? ସେମାନେ ଦାବୀ ଉପସ୍ଥାପନ କରିବା ପାଇଁ ନାନାଦି ଲକ୍ଷଣ ମାଧ୍ୟମରେ ମନୁଷ୍ୟଙ୍କୁ ମାଧ୍ୟମ କରୁଛନ୍ତି ।

ଅତୀତରେ (୧୯୬୨) ହୋଇଯାଇଥିବା ଚୀନ ଭାରତ ସଂଗ୍ରାମରେ, ଚୀନର ଆଟଲାରୀ ଦଳ ଭାରତ ସୈନ୍ୟଙ୍କ ଉପରେ ଆକ୍ରମଣ କଲାପରି ଶାଖା ମୃଗ ଗୁଡିକ ସିଲ୍କ ସିଟିବାସୀଙ୍କୁ ବିଭିନ୍ନ ଉପାୟ ଅବଲମ୍ବନ କରି ହଇରାଣ କରି ଚାଲିଛନ୍ତି । ଉଦାହରଣ ସ୍ୱରୂପ ଖାଇବସିଥିବା କାଳେ ଘରେ ପସି ହାତରୁ ଖାଦ୍ୟ ଛଡ଼ାଇ ନିଅନ୍ତି । ସେପରି ହାତରୁ କାଗଜ, କଲମ, ପାଖରେ ଥିବା ଚଷମା ନେଇ ପିନ୍ଧନ୍ତି, ପୁଣି ବିଚୁକୁଟିଆ ଆଚରଣ ଦେଖାଇଥାନ୍ତି । ଯଦ୍ୱାରା ମନୁଷ୍ୟ ଦାରୁଭୁତ ମୁରାରୀ ପରି ଚାହିଁ ରହିଥାଏ ।

ସେମାନଙ୍କ ଆଚରଣରୁ ଅନୁମାନ କରାଯାଏ ଯେ, ତୁମ୍ଭେ ମନୁଷ୍ୟ ସମାଜ ଜଙ୍ଗଲ ବିଭାଗ ଅଧିକାରୀ କଞ୍ଜରଭେଟରଙ୍କୁ ଯାଇ କୁହ ସମାଜ ପାଇଁ ସରକାର ଯେଉଁ ସୁବିଧାର ସୁଯୋଗ ଯୋଜନା କରି ଚାଲିଛି ସେପରି ଆମ ସକାଶେ ଜଙ୍ଗଲରେ ଖାଦ୍ୟ ଯୋଜନା ଆରମ୍ଭ କରନ୍ତୁ । ଶ୍ରୀରାମଙ୍କ କାଳରୁ ଆମେ ମନୁଷ୍ୟ ସମାଜକୁ ସାହାଯ୍ୟ ସହଯୋଗ କରି ଆସିଛୁ । ପୁଣି ତୁମର ବୈଜ୍ଞାନିକମାନେ ମଧ୍ୟ କହନ୍ତି, ଆମ୍ଭେମାନେ କୁଆଡ଼େ ମନୁଷ୍ୟଙ୍କ ପୂର୍ବଜ । ଇତ୍ୟାଦି ଲକ୍ଷଣରୁ ନେଇ ଏହି ସିଲ୍କ୍ ସିଟିକୁ, ମର୍କଟ ସିଟି ନତୁବା କରାଯାଉ ।

ବେଙ୍କଟ ବିହାରୀ ପ୍ରହରାଜ
ଋଷିକୂଲ୍ୟା ସରସ୍ୱତୀ ଗବେଷକ
ହିଲପାଟଣା, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା

# ସାଂଖ୍ୟ ଯୋଗ ( ୨୪ ଶ୍ଲୋକରୁ ୩୩ତମ)

ଆମ ବିଚାରରେ 'ଶରୀର ଅଛି' । ଶରୀର ପରିବର୍ତ୍ତନ ରେ 'ଅଛି' କହିବା ଠିକ୍ ନୁହେଁ । ଯଥା – 'କାଠ ଅଛି' । ଅର୍ଥାତ୍ କାଠରେ ହିଁ ବିକୃତି ହୋଇଥାଏ । 'ଅଛି' ରେ ହୋଇନଥାଏ । କାଠ କଟି ଯାଇପାରେ କିନ୍ତୁ 'ଅଛି' କଟେ ନାହିଁ । କାଠ ଜଳିଯାଏ କିନ୍ତୁ ଅଛି ଜଳେ ନାହିଁ । ଅର୍ଥାତ୍ ଏକ ରୂପରେ କାଠ ରହେନାହିଁ । 'ଅଛି' ଅନେକ ରୂପ ଧାରଣ ସପକ୍ଷରେ ନଥାଏ ।

ଅଚ୍ଛେଦ୍ୟୋଽୟମଦାହ୍ୟୋଽୟମକ୍ଲେଦ୍ୟୋଽଶୋଷ୍ୟ ଏବ ଚ ।
ନିତ୍ୟଃ ସର୍ବଗତଃ ସ୍ଥାଣୁରଚକୋଽୟଂ ସନାତନଃ ।। ୨୪ ।।

ଅୟମ୍ – ଏହି ଶରୀରକୁ, ଅଚ୍ଛେଦ୍ୟଃ- ଛେଦନ ହୋଇପାରେ ନାହିଁ । ଅୟମ୍ – ଏହାକୁ ଅଦାହ୍ୟଃ – ଜଳାଇ ହୁଏ ନାହିଁ । ଅଚ୍ଛେଦ୍ୟଃ - ଆଦ୍ରକରାଯାଇ ପାରେ ନାହିଁ । ଚ – ବା, ଅଶୋଷଃ ଏବ – କେବେ ଶୁସ୍କ କରି ହୁଏ ନାହିଁ । ଅୟମ୍ – ଏହି, ନିତ୍ୟଃ, ସର୍ବଦା, ସର୍ବଗତ - ପ୍ୟାପ୍ତକାରରେ, ଅଚଳଃ - ଅଚଳ, ସ୍ଥାଣୁ – ସ୍ଥିର । ସନାତନଃ - ଅନାଦି କାଳରୁ ।

ପ୍ରାପ୍ତ ହୋଇଥିବା ଶରୀରକୁ ଛେଦନ କରାଯାଇ ପାରେ ନାହିଁ । ଆଦ୍ର କରାଯାଇପାରେ ନାହିଁ କିମ୍ବା ଶୁଷ୍କ କରାଯାଇପାରେ ନାହିଁ । ଯେହେତୁ ପରିବେଶ ମଧ୍ୟରେ ଏପରି ଏକତ୍ରିତ ପଞ୍ଚଭୁତ ଅଟେ ନିତ୍ୟ, ସର୍ବବ୍ୟାପୀ, ଅଚଳ, ସ୍ଥାଣୁ ତଥା ଅନାଦି ।

ଦେହ ବା ଶରୀର ସ୍ୱୟଂଗତ ନୁହେଁ । ପରିବେଶ ମଧ୍ୟରେ ସର୍ବଗତ ଅଟେ । ବାସ୍ତବ କାରଣ ଏହି ଯେ, ଶରୀର ସକାଶେ ଶରୀର ଅନାବଶ୍ୟକ । ଯେହେତୁ ବିନା ଶରୀରରେ ମଧ୍ୟ ସ୍ୱଚ୍ଛନ୍ଦରେ କଳ୍ପିତ ଶରୀର ରହିପାରେ । କାରଣ –

ଅବ୍ୟକ୍ତୋଽୟମ ଚିନ୍ତ୍ୟୋଽୟମ ବିକାର୍ଯ୍ୟୋଽୟମୁଚ୍ୟତେ ।
ତସ୍ମାଦେବଂ ବିଦତ୍ୱୈନଂ ନାନୁଶୋଚି ତୁମର୍ହତି ।। ୨୫ ।।

ଏପରି ଦେହ ବା ଶରୀରର ପ୍ରତ୍ୟକ୍ଷ ଦୃଷ୍ଟି ଗୋଚରକୁ ଆସି ନଥାଏ । ଯେହେତୁ ଏହା ବିଚାରର ବିଷୟ ନୁହେଁ । ଏବଂ ଏହାକୁ ନିର୍ବିକାର ବୋଧ କରାଯାଇଥାଏ । ଦେହ ବା ଶରୀର ସ୍ଥିତିକୁ ଏପରି ଜାଣିବା ପରେ ଶୋକ କରିବା ଅନୁଚିତ୍ ।

ଶରୀରକୁ ଯଦି ନିର୍ବୀକାର ବୋଧ ନକରି କେବଳ ବେକାରୀ ମନେ କରାଯାଏ, ଯାହାକି ପ୍ରକୃତି ପ୍ରସ୍ତୁତ ସିଦ୍ଧାନ୍ତ ବିରୁଦ୍ଧ) ତଥାପି ଶୋକ ବିହିନ । କାରଣ

ଅଥ ଚୈନଂ ନିତ୍ୟ ଜାତଂ ନିତ୍ୟଂ ବା ମନ୍ୟସେ ମୃତମ୍ ।
ତଥାପି ତ୍ୱଂ ମହାବାହୋ ନୈବଂ ଶୋଚିତୁମର୍ହସି ।। ୨୬ ।।

ମହାବାହୋ – ବ୍ୟାପ୍ତ, ଅଥ- ମଙ୍ଗଳ, ଏନମ୍ - ଧାରଣ ହେବା, ନିତ୍ୟ- ସର୍ବଦା, ଜାତମ୍ – ଜନ୍ମିବା, ବା- କିମ୍ବା, ନିତ୍ୟମ୍ – ସର୍ବଦା, ମୃତମ୍ – ମୃତ୍ୟୁ, ଚ – ମଧ୍ୟ, ମନ୍ୟସେ – ମାନିବା, ତଥାପି – ତଥାପି, ତ୍ୱମ୍ – ତୁମେ, ଏବମ୍ – ଏପରି, ଶୋଚିତମ୍ – ମନ ବିଚାରିବା, ନ ଅର୍ହସି - ଅନୁଚିତ୍ ।

ହେ ବ୍ୟାପ୍ତ ବା ପରିବେଶ ! ତୁମ ମଧ୍ୟରେ ତୁମେ ଯଦି ଶରୀରକୁ ନିତ୍ୟ ଜନ୍ମଶୀଳ କିମ୍ବା ମୃତ୍ୟୁଶୀଳ କହି ମଣ ତଥାପି ଏପରି ବିବ୍ରତ ହେବା ଅନୁଚିତ୍ ।

ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।
ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ॥ ୨୭ ॥

ଏଠାରେ ହି ର ଅର୍ଥ – କାରଣ, ଜାତସ୍ୟ- ଯେ ଜନ୍ମିତ, ମୃତ୍ୟୁଃ – ମୃତ୍ୟୁ, ଧ୍ରୁବ - ନିଶ୍ଚୟ, ଚ - ଅବା, ମୃତସ୍ୟ – ମୃତ୍ୟୁ ପରେ । ଜନ୍ମ – ଜନ୍ମପରେ, ଧ୍ରୁବମ୍ - ନିଶ୍ଚୟ, ସସ୍ମାଦ - ତେଣୁ, ଅପରିହାର୍ଯ୍ୟ - ପରିହାର ଅଯୋଗ୍ୟ, ଅର୍ଥେ – କାରଣରୁ, ତ୍ୱମ୍ – ତୁମେ, ଶୋଚିତମ୍ – ଶୋକ, ଅର୍ହସି - ଅନୁଚିତ୍ । କାରଣ ପରିବେଶ ଗଠନ ଏପରି ଯେ, ଯାହାର ଜନ୍ମ ହୁଏ ତାର ମୃତ୍ୟୁ ସୁନିଶ୍ଚିତ । ଏପରି ଯାର ମୃତ୍ୟୁ ହୁଏ ତାର ଜନ୍ମ ମଧ୍ୟ ସୁନିଶ୍ଚିତ । ପରିବେଶ ମଧ୍ୟରେ ଏପରି ଜନ୍ମମୃତ୍ୟୁ ପ୍ରବାହର ପରିହାର ହୋଇ ପାରିବ ନାହିଁ । ଏଣୁ ଏଥକୁ ନେଇ ଶୋକ କରିବା ଅନୁଛିତ୍ । ବର୍ତ୍ତମାନ ସାଧାରଣ ତତ୍ତ୍ୱକୁ ନେଇ ବିଚାର କରିବା ।

ଅବ୍ୟକ୍ତାଦିନୀ ଭୂତାନି ବ୍ୟକ୍ତମଧ୍ୟାନି ଭାରତ ।
ଅବ୍ୟକ୍ତନିଧନାନ୍ୟୋବ ତତ୍ର କା ପରିଦେବନା ॥ ୨୮ ॥

ଭାରତ – ଜ୍ଞାନଶୀଳ, ଭୂତାନି – ସକଳ ପ୍ରାଣି, ଅବାକ୍ତାଦିନୀ – ଜନ୍ମ ପୂର୍ବରୁ ଅବ୍ୟକ୍ତ, ଅବ୍ୟକ୍ତ ନିଧନାନି – ମୃତ୍ୟୁପରେ ବି ଅବ୍ୟକ୍ତ, ବ୍ୟକ୍ତିମଧ୍ୟାନି ଏବ – ଜନ୍ମ ମୃତ୍ୟୁ ମଧ୍ୟରେ ହିଁ ପ୍ରାଣି ବ୍ୟକ୍ତି ଜଣାଯାଏ । ତତ୍ର – ଏଥି ମଧ୍ୟରେ, ପରିବେଦନା – ଶୋକର କାରଣ କଣ । କା - ଅନୁରୂପ ବା ଛାୟା । ହେ ବିଦ୍ୱାନ ! ସକଳ ପ୍ରାଣି ଜନ୍ମ ପୂର୍ବରୁ ଅବ୍ୟକ୍ତ ଥିଲେ । ମୃତ୍ୟୁ ପରେ ମଧ୍ୟ ଅବ୍ୟକ୍ତ ରହିବେ । କେବଳ ମଧ୍ୟ କାଳେ ହିଁ ବ୍ୟକ୍ତ ଜଣାଯିବ । ଏଣୁ ଏହି ଜୀବନରେ ଅନୁତାପ କରିବା କିଛି କାରଣ ନାହିଁ ।

ଶ୍ଚର୍ଯ୍ୟବିତପଶ୍ୟତି କଶ୍ଚିଦେନମାଶ୍ଚର୍ଯ୍ୟବଦବଦତି ତଥୈବ ରଦ୍ୟଃ ।
ଆଶ୍ଚର୍ଯ୍ୟବଦୈନମନ୍ୟଃ ଶୃଶୋତିଃ ଶ୍ରୁତ୍ୱାପ୍ୟେନଂ ବେଦ ନ ଚୈବ କଶ୍ଚିତ୍ ॥୨୯॥

କଶ୍ଚିତ୍ – କେହି, ଏନମ୍ – ଶରୀରକୁ, ଆଶ୍ଚର୍ଯ୍ୟବତ୍ - ଆଶ୍ଚର୍ଯ୍ୟ ପରି, ପଶ୍ୟତି – ଦେଖିକରି, ଚ - ଅବା, ତଥାଏବ – ସେପରି, ଅନ୍ୟଃ - ଅନ୍ୟକେହି, ବଦତି – ବର୍ଣ୍ଣିତ, ଶୃଣେତି – ଶୁଣିବା, ଶ୍ରୁତ୍ୱାଅପି – ଶୁଣିବା ପରେ, କଶ୍ଚିତ୍ ଏବ – କେ ହୋଇଥିବା । ନ ବେଦ - ଅଜାଣତରେ ।

ଏହି ଶରୀରକୁ କେ ଦେଖେ ଏବଂ ଅନୁଭବ କରେ । ସେପରି ଅନ୍ୟ କିଏ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ବର୍ଣ୍ଣନା କରେ । ଅନ୍ୟ କିଏ ଆଶ୍ଚର୍ଯ୍ୟ ହୋଇ ଶୁଣେ । ଏପରି ଜାଣିବା ପରେ ମଧ୍ୟ କେହି ଏହାକୁ ବୁଝି ପାରେ ନାହିଁ । ଯେହେତୁ ଏହା ଦୁର୍ବିଧେୟ ।

ଦେହୀ ନିତ୍ୟମବଧ୍ୟୋଽୟଂ ଦେହେ ସର୍ବସ୍ୟ ଭାରତ ।
ତସ୍ମାତ୍ସର୍ବାଣି ଭୂତାନି ନ ତ୍ୱଂ ଶୋଚିତୁମେର୍ହସି ॥ ୩୦ ॥

ଭାରତ – ହେ ବିଦ୍ୱାନ, ସର୍ବସ୍ୟ – ସମୁଦାୟ, ଦେହେ – ଶରୀରରେ, ଆୟମ୍ – ଏହି, ଦେହି – ଦେହରେ, ନିତ୍ୟଂ- ସର୍ବଦା, ଅବଧ୍ୟ - ଯାହାର ବଧ ନାହିଁ, ତସ୍ମାତ୍ – ତେଣୁ, ସର୍ବାଣି – ସର୍ବକ୍ଷେତ୍ରେ, ଭୂତାନୀ - ପ୍ରାଣିଙ୍କ ପାଇଁ, ତ୍ୱମ୍ – ତୁମେ, ଶୋଭିତମ୍ – ଶୋକ, ନ ଅର୍ଜସି – କରିବା ଅନୁଚିତ୍ ।

ହେ ବିଦ୍ୱାନ ! ସମୁହ ଶରୀରରେ ଏପରି ଦେହି ନିତ୍ୟ ଅବଧ୍ୟ । ତେଣୁ ସମୁହ ଦେହୀ ପ୍ରାଣୀଙ୍କ ସକାଶେ ବା ଯେ କୌଣସି ପ୍ରାଣୀଙ୍କ ପାଇଁ ତୁମେ ଶୋକ କରିବା ଅନୁଚିତ୍ ।

ସ୍ୱଧର୍ମମପି ଚାବେକ୍ଷ ନ ନିକମ୍ପିତୁମର୍ହସି ।
ଧର୍ମାଦ୍ଧ ଯୁଦ୍ଧାଚ୍ଛ୍ରେୟୋଽନ୍ୟତ୍ କ୍ଷତ୍ରିୟସ୍ୟ ନ ବିଦ୍ୟତେ ।। ୩୧ ।।

ଚ- କିମ୍ବା, ସ୍ୱଧର୍ମମ୍ - ନିଜ କ୍ଷତ୍ରିୟ ଧର୍ମ, ଅବେକ୍ଷ – ଦେଖି, ଅପି – ମଧ୍ୟ, ବିକଶିତମ୍ – କର୍ମରୁ ବିଚଳିତ ନ ହେବା । ନ ଅହର୍ଷି – ହେବା ମଧ୍ୟ ଉଚିତ୍ ନୁହେଁ । ହି – କାରଣ, ଧର୍ମ୍ୟାତ୍ - ଧର୍ମମୟ, ଯୁଦ୍ଧାତ୍ - ଯୁଦ୍ଧରୁ, କ୍ଷତ୍ରିୟସ୍ୟ – କ୍ଷତ୍ରିୟମାନଙ୍କ ପାଇଁ, ଅନ୍ୟତ୍ - ଅନ୍ୟାନ୍ୟ, ଶ୍ରେୟଃ – ଶ୍ରେଷ୍ଠ, ନ ବିଦ୍ୟତେ - ନାହିଁ ।

ନିଜର କ୍ଷତ୍ରିୟ ଧର୍ମକୁ ଆଚରି ମଧ୍ୟ ତୁମେ କାହିଁକି ବିକମ୍ପିତ ? ଅର୍ଥାତ୍ କର୍ତ୍ତବ୍ୟ କର୍ମରୁ ବିଚଳିତ ନ ହେବା ଉଚିତ୍ ଅଟେ । ଯେହେତୁ କ୍ଷତ୍ରିୟଙ୍କ ପାଇଁ ଧର୍ମମୟ ଯୁଦ୍ଧ କରିବା ହିଁ ଶ୍ରେଷ୍ଠ । ଅନ୍ୟ କୌଣସି କର୍ମ କଲ୍ୟାଣକାରୀ ନୁହେଁ ।

ଯଦୃଚ୍ଛୟା ଚୋପପନ୍ନଂ ସ୍ୱର୍ଗଦ୍ୱାରମପାବୃତମ୍ ।
ସୁଖିନଃ କ୍ଷତ୍ରିୟାଃ ପାର୍ଥ ଲଭନ୍ତେ ଯୁଦ୍ଧମାଦୃଶମ୍ ।। ୩୨ ।।

ଯଦୃଚ୍ଛୟା - ଆପେ ଆପେ, ଉପନ୍ନମ୍ - ଯୁଦ୍ଧ ସମୁଖିନ, ଚ – କିମ୍ବା, ଅପାବୃତମ୍ – ଉନ୍ମୁକ୍ତ, ସ୍ୱର୍ଗଦ୍ୱାରମ୍ – ସ୍ୱର୍ଗ ଦ୍ୱାରକୁ, ପାର୍ଥ ବା ପ ଅର୍ଥ – ଶୁଖିଲା ପତ୍ର ତୁଲ୍ୟ ଜୀବନ, ଇଦୃଶମ୍ – ଏତାଦୃଶମ୍, ଯୁଦ୍ଧମ୍ - ଯୁଦ୍ଧ, ଲଭନ୍ତେ - ପ୍ରାପ୍ତ ପାଇଁ, କ୍ଷତ୍ରିୟ - ଯୁଦ୍ଧ ପ୍ରିୟ । ସୁଖିନଃ - ଆନନ୍ଦରେ ।
ପ୍ରାପ୍ତ ହୋଇଥିବା ଆପେ ଆପେ ଯୁଦ୍ଧରୁ ମଧ୍ୟ ମୃତ୍ୟୁକୁ ସ୍ୱର୍ଗ ଦ୍ୱାର ଉନ୍ମୁକ୍ତ ଅଟେ । ଏହି ଶୁଖିଲା ପତ୍ର ତୁଲ୍ୟ ଜୀବନ ସକାଶେ ଏପରି ଯୁଦ୍ଧ ଯଦି ପ୍ରାପ୍ତ ହୁଏ ତେବେ ତା ଜନ୍ମ ହିଁ ଶ୍ରେୟ ।

ଅଥ ଚେତ୍ତ୍ୱମିମଂ ଧର୍ମ୍ୟଂ ସଙ୍ଗ୍ରାମଂ ନ କରିଷ୍ୟସି ।
ତତଃ ସ୍ୱଧର୍ମଂ କୀର୍ତ୍ତିଂଚ ହିତ୍ୱା ପାପମବାପସ୍ୟସି ।।୩୩।।

ଅଥ- ମଙ୍ଗଳ ପାଇଁ, ଚେତ୍ - ଅଥବା, ତ୍ୱମ୍ – ତୁମେ, ଇମମ୍ – ଏଠାରେ, ଧର୍ମ୍ୟମ୍- ଧର୍ମ ତୁଲ୍ୟ ପ୍ରକାରେ, ଯୁଦ୍ଧ - ସଂଗ୍ରାମ, ନ କରିଷ୍ୟସି - ନ କରିବ, ତତଃ – ତାହାହେଲେ, ସ୍ୱଧର୍ମମ୍ - ନିଜ ଧର୍ମ ପ୍ରତି, ଚ – କିମ୍ବା, କିର୍ତ୍ତୀମ୍ – କିର୍ତ୍ତୀକୁ, ହିତ୍ୱା – ତ୍ୟାଗକୁ କରି, ପାପମ୍ ଅବାପସ୍ୟସି - ପାପର ଭାଗିଦାର ହେବାକୁ ପଡ଼ିବ ।

ତୁମେ ଯଦି ବର୍ତ୍ତମାନ ଏହି ଧର୍ମମୟ ଯୁଦ୍ଧକୁ ନ କରିବ ତାହାହେଲେ ପରିବେଶ ମଧ୍ୟରେ ରହିଥିବା ନିଜର କୀର୍ତ୍ତି, ଧର୍ମକୁ ତ୍ୟାଗ କରି ପାପର ଭାଗିଦାର ହେବା ସୁନିଶ୍ଚିତ । କ୍ରମଶଃ

ବେଙ୍କଟ ବିହାରୀ ପ୍ରହରାଜ
ଋଷିକୂଲ୍ୟା ସରସ୍ୱତୀ ଗବେଷକ
ହିଲପାଟଣା, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା
ମୋ- ୮୭୬୩୦୨୫୨୦

# କଳାକାରର ସ୍ମୃତି

ଅତ୍ୟନ୍ତ ଅତୀତରେ ଜଳ ହିଁ ଜଳର ପ୍ରଭାବ ଥିଲା । ସୃଷ୍ଟିର ପ୍ରଥମ କଳାକାର ମହାନାୟକ ବିଷ୍ଣୁ ମଧୁକୈଠଭଙ୍କ ମେଦରୁ ମେଦିନୀ ଉତ୍ପତି କରିଥିଲେ । ଯାହାର ଦୈର୍ଘ୍ୟ ଚାରି ହଜାର କୋଶ ଥିଲା । ଚାରି ହଜାର କୋଶ ମେଦିନୀର ମଧ୍ୟବିନ୍ଦୁ ଆଜିର ଚିଲିକା ହ୍ରଦ ମଧ୍ୟରେ ଥିବା କାଳଜୟୀ ବା ମେରୁ ଥିଲା । ଏହାର ଦକ୍ଷିଣ ପାର୍ଶ୍ୱ ଉଡ୍ର ତଥା ଉତ୍ତର ପାର୍ଶ୍ୱ ନାମ ଥିଲା ଉତ୍କଳ । କିନ୍ତୁ ବ୍ରହ୍ମାଣ୍ଡର ପ୍ରଥମ କଳାକାର ବ୍ରହ୍ମଦେବଙ୍କ ଛାୟା ମାନସ ସନ୍ତାନ ରୂପେ ମହର୍ଷି କର୍ଦମ ଉଡ୍ରାଞ୍ଚଳର ପଦ୍ମନାଭ ଗିରି ପାଦ ଦେଶରେ ପ୍ରକଟ ହୋଇଥିଲେ । କଳାର ନିପୁଣତା ଦେଖାଇବା ସକାଶେ ଏହି ଗିରି ପାଦ ଦେଶରେ ଦଶ ହଜାର ବର୍ଷ ଘୋର ତପସ୍ୟା କରିଥିଲେ । ପରେ ପରେ ଏହି ଉଡ୍ର କ୍ଷେତ୍ରକୁ ମାଧ୍ୟମ କରି ଅନେକ କଳାକାର ବିଭିନ୍ନ ଅଂଶରେ ଜନ୍ମି ସମୁଦାୟ ବ୍ରହ୍ମାଣ୍ଡକୁ କଳା ଅଭିନୟରେ ବାସ୍ତବତାକୁ ପୂର୍ଣ୍ଣାଙ୍ଗ କରି ଆସିଛନ୍ତି । ସେଥି ମଧ୍ୟରେ ରହିଛି କମନୀୟ କଳାର ସ୍ମୃତି ରୂପେ ଜଣେ କଳାକାରର ମାନସୀକତାରୁ ସୃଷ୍ଟି ହୋଇ ରହି ଆସିଛି ଅମ୍ଳାନ ବସ୍ତ୍ର।

ବିଶ୍ୱକର୍ମା ଅତ୍ୟନ୍ତ ପୂର୍ବରୁ ଜାଣିଥିଲେ, ଦିନେ ନା ଦିନେ ମା ଧରିତ୍ରୀ ସାକାର ରୂପରେ ଏହି ମେଦିନୀ କ୍ଷେତ୍ରକୁ ନିଶ୍ଚୟ ଆସିବେ । ସେ ଏହି ସାଧାରଣ ସୁତା ନିର୍ମିତ ବସ୍ତ୍ର ପରିଧାନ କରି ଘୁରିବା ଉଚିତ୍ ହେବ ନାହିଁ । ଏଣୁ ସେ ପାଟସାଲିଆ ନାମକ ଏକ ସମ୍ପ୍ରଦାୟର ମୂଖ୍ୟଙ୍କୁ ପ୍ରକଟ କରାଇଥିଲେ । ସେ ମୂଖ୍ୟ ପାଟସାଲିଆ ଅମ୍ଳାନ ବସ୍ତ୍ର ନିର୍ମାଣ ପାଇଁ ଗୋଟିଏ ଜୀବକୋଷ ଶରୀରରୁ ଏକ ତନ୍ତୁ ଜାତୀୟ ସୁତା ବାହାର କରି ପରିଧାନ ପାଇଁ ଶାଢ଼ି ନିର୍ମାଣ କରିଥିଲେ । ନିର୍ମିତ ଶାଢ଼ି ମ୍ଳାନ ଯଦି ହୁଏ ଅଗ୍ନି ଝାସ ଦ୍ୱାରା ଶାଢ଼ିଟିକୁ ଅମ୍ଳାନ କରା ଯାଇଥାଏ । ଏପରି ପ୍ରକ୍ରିୟାକୁ ନେଇ ଶାଢ଼ିଟିକୁ ଅମ୍ଳାନ ବସ୍ତ୍ର କହିବା ସତ୍ୱେ ପ୍ରସ୍ତୁତ କର୍ତ୍ତାଙ୍କୁ ପାଟରା ବା ପାଟ ସାଲିଆ କୁହାଗଲା । ସାଲିଆ ଅର୍ଥାତ୍ ବହୁବର୍ଷ ସମୁଦାୟରେ ଶାଢ଼ିଟି ପ୍ରସ୍ତୁତ ହୋଇ ପାରିଥିଲା ।

ଶାସ୍ତ୍ରୀୟ ମତ ପ୍ରକାରେ ବ୍ରହ୍ମଦେବଙ୍କ ଦୃଷ୍ଟି ଦ୍ୱାରା ପ୍ରଭାବିତ ବସ୍ତ୍ର ସ୍ୱରୂପ ପଦାର୍ଥ ମଧ୍ୟ ଅଗ୍ନି ଦ୍ୱାରା ନଷ୍ଟ ହୋଇ ନଥାଏ । ଏଥକୁ ନେଇ ପାଟରା ବୋଧହୁଏ ସତୀଦେବୀ ଅନସୂୟାଙ୍କୁ ବସ୍ତ୍ରଟି ପ୍ରଦାନ କରିଥିଲା । ଦେବୀ ଅନୁସୂୟା ସ୍ୱାମୀ ବ୍ରହ୍ମର୍ଷି ଅତ୍ରିଙ୍କୁ ବସ୍ତ୍ରଟି ଦେଖାଇଥିଲେ । ବ୍ରହ୍ମଦେବଙ୍କ ନେତ୍ରରୁ ପ୍ରକଟିତ ଅତ୍ରି ମୁନୀ ଦେଖିଲା ପରେ ବସ୍ତ୍ରଟି ଅମ୍ଳାନ  ହୋଇଥିବା ମଧ୍ୟ ସମ୍ଭବ । କାରଣ ମୁନୀ ଅତ୍ରି ବ୍ରହ୍ମାଙ୍କ ନେତ୍ର ଯାତ ଅଟନ୍ତି । ପ୍ରକାଶ ଥାଉକି - ଅଗ୍ନି ଦ୍ୱାରା ପ୍ରଭାବିତ ନ ହୋଇ ପାରୁଥିବା ଅମ୍ଳାନ ବସ୍ତ୍ରର ସୁତା, ଶଂଖନାମକ ବୃକ୍ଷରୁ ଉତ୍ପତି ହୋଇ ପାରୁଥିବା ଏକ ପ୍ରକାର ଅଠାରୁ ସୃଷ୍ଟି ହୋଇ ପାରିଥାଏ କହି ବିନ୍ଧ୍ୟାଞ୍ଚଳ ବିଷାରଦ କାଳିନ୍ଦି ଚରଣ ନାୟକଙ୍କ ବିଚାରରୁ ଜଣାଯାଏ । ସେ ପୌରାଣିକ ବିଚାର ସହ ବିଜ୍ଞାନକୁ ଆଧାର କରି ମତ୍ତ ଦିଅନ୍ତି ଯେ, ବୃକ୍ଷ ଅଠାରୁ ଯେଉଁ ସୁତା ବାହାର କରି ବସ୍ତ୍ର ପ୍ରାୟ ନ ଲକ୍ଷ ବର୍ଷ ତଳେ ପ୍ରସ୍ତୁତ କରା ଯାଉଥିଲା । ସେ ବସ୍ତ୍ର ଗୁଡ଼ିକୁ କେବଳ ଉଷ୍ମ ଜଳରେ ସଫା କରାଯାଉଥିଲା ।

ବାଲ୍ମିକୀ ରାମାୟଣର ଅଯୋଧ୍ୟା କାଣ୍ଡ ୧୧୬, ୧୧୭ ତଥା ୧୧୮ ସର୍ଗ ପାଠକଲେ ଏହି ସର୍ଗ ମାନଙ୍କରୁ ଦେବୀ ସୀତାଙ୍କୁ ସତୀ ଅନସୂୟା ଉପଦେଶ ଛଳରେ କହିଥିଲେ ପତି ଯଦି ଖରାପ ସ୍ୱଭାବର, ନିଜ ମନମାନ୍ୟତାରେ ଧୁରନ୍ଧର ବର୍ତ୍ତାବ ଯୁକ୍ତ କିମ୍ବା ଧନହୀନ ଯୁକ୍ତ ହୋଇଥିବା ସତ୍ୱେ, ସେମାନେ ଉତ୍ତମ ଚରିତ୍ରର ସ୍ୱଭାବ ଯୁକ୍ତ ନାରୀଙ୍କ ପାଇଁ ମଧ୍ୟ ଶ୍ରେଷ୍ଠ ସ୍ୱାମୀ ରୂପେ ପରିଚିତ । ଏପରି ଅନେକ ଉପଦେଶ ଦେବା ସହିତ ଦେବୀ ସୀତାଙ୍କ ନିର୍ଲୋଭତା ଦେଖି ଅତ୍ୟନ୍ତ ହର୍ଷ ହୋଇ ଦିବ୍ୟହାର, ଦିବ୍ୟ ଅମ୍ଳାନ ବସ୍ତ୍ର, ସମସ୍ତ ପ୍ରକାରର ଆଭୁଷଣ, ଅଙ୍ଗରାଗ ତଥା ବହୁ ମୁଲ୍ୟ ଯୁକ୍ତ ଅନୁଲେପନ ପ୍ରଦାନ ଏହି

ଉଦ୍ର ଅଞ୍ଚଳରେ ଥିବା ବର୍ତ୍ତମାନର ଗଞ୍ଜ୍ ର ସୋରଡ଼ା ଦନପଦସ୍ଥ ପଞ୍ଚାନନେଶ୍ୱର ଆଶ୍ରମଠାରେ ପ୍ରଦାନ କରିଥିଲେ ।

ଯେଉଁ କାଳେ ଅତ୍ରି ପତ୍ନୀ ଅନସୂୟା ଦେବୀ ସୀତାଙ୍କୁ ଅମ୍ଳାନ ବସ୍ତ୍ର ପ୍ରଦାନ କରିଥିଲେ ସେ କାଳ ପୂର୍ବରୁ ନିଜ ପରିଚୟକୁ କଳାକାରର ପରିଚୟ ଦେଇ ସାରିଥିଲେ । ସେ କାଳେ କଳାକାରମାନେ ନିଜ କଳାକୁ ସ୍ୱତଃ ପ୍ରଦାନ କରି ଆସୁଥିଲେ । କିନ୍ତୁ ଆଜି କଳାକୁ ବିକ୍ରି କରି ବଞ୍ଚି ରହିବାକୁ ଚେଷ୍ଟା କରି ଆସୁଛନ୍ତି । ପରିବେଶ ମଧ୍ୟରେ ଲୁକ୍କାୟିତ ଭାବେ ରହିଥିବା ସୁକ୍ଷ୍ମ ବିଚାରର ସ୍ଥିତିକୁ କଳା କୁହାଯାଏ । ସୁକ୍ଷ୍ମ ବିଚାର ସ୍ଥିତିକୁ ଯେ ବାସ୍ତବ ରୂପ ଦେଇଥାଏ ତାକୁ ହିଁ କଳାକାର କୁହାଯାଇଥାଏ । ଏପରି ବାସ୍ତବ ସ୍ଥିତିକୁ ଆଧାର କରି ବିଦ୍ୱାନମାନେ ବିଭିନ୍ନ ବିଚାର ସମାଜକୁ ଦେଇ ଆସିଛନ୍ତି ।

ଏହି ଅମ୍ଳାନ ବସ୍ତ୍ର ଚରିତ୍ରକୁ ନେଇ କାଳିନ୍ଦି ବାବୁ ଏକ ପ୍ରକାର ବିଚାର ଦେବା ପରେ ବିଭିନ୍ନ ବିଚାରକ ନିଜ ନିଜ ବିଚାର ପ୍ରଦାନ କରିଛନ୍ତି । କେ କହୁଛି, ସେକାଳ ଏଣ୍ଡି ପୋକରୁ ଯାତ ସୁତା ଦ୍ୱାରା ଅମ୍ଳାନ ବସ୍ତ୍ର ପ୍ରସ୍ତୁତ ହେଉଥିଲା ତ ଆଉ କେ କହେ ଏପରି ବସ୍ତ୍ର ଆଧାତ୍ମିକ କାରଣରୁ ପ୍ରସ୍ତୁତ ହୋଇଥିବା ସମ୍ଭବ । ବିଦ୍ୱାନଙ୍କ ବିଚାରରେ ବ୍ରହ୍ମାଙ୍କ ପୁରରେ ଏବଂ ତାଙ୍କରି ଆଦେଶରେ ବିଶ୍ୱକର୍ମା ଏପରି ବସ୍ତ୍ର ଯୋଗବଳରେ ପ୍ରସ୍ତୁତ କରିଥିଲେ । ଏପରି ଅନେକ ବିଦ୍ୱାନମାନଙ୍କଠାରୁ ପ୍ରକାର ପ୍ରକାର ପ୍ରସ୍ତୁତର ବର୍ଣ୍ଣନା ବା ଅମ୍ଳାନ ବସ୍ତ୍ରର ବର୍ଣ୍ଣନା ଶୁଣିବାକୁ ମିଳିଥିଲା । କିନ୍ତୁ ଆକାଂକ୍ଷା ନାମ ଧାରିଣୀ ଏକ କନ୍ୟା କହୁ କହୁ ନିଜ ବିଚାର ପ୍ରଦାନ କରି କହିଥିଲା – ବସ୍ତ୍ରର ନାମ ଯଦି ଅମ୍ଳାନ ତେବେ ତାହା ମ୍ଳାନ ହେବା ପ୍ରଶ୍ନ କେଉଁଠୁ ଉଠୁଛି । ପୁଣି ସେ କହିଥିଲା ସନାତନୀ ଧର୍ମମାନେ ପରିବେଶ ସହିତ ସମ୍ପର୍କ ନରଖି, ପୂଜା ଆରାଧନା ସକାଶେ ପାଟ ଜାତୀୟ ବସ୍ତ୍ର କେବଳ ପରିଧାନ କରିଥାନ୍ତି । ସେପରି ସଂସ୍କୃତୀ ସମ୍ପର୍ଣ୍ଣ କ୍ଷେତ୍ରରେ ଦେବୀ ସୀତା ବା ଭୂଦେବୀଙ୍କୁ ବ୍ରହ୍ମପୁର କଳାକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପାଟକୁ ସତୀ ପୁଣି ବୃଦ୍ଧା ଅନସୂୟାଙ୍କ ଦ୍ୱାରା ଦିଆଇ ବ୍ରହ୍ମପୁର କଳାକାରମାନେ ନିଜ ଗୌରବ ମର୍ଯ୍ୟଦାକୁ କାହିଁକି ନ ରଖିଥିବେ ?

ଛାତ୍ରୀ ଆକାଂକ୍ଷା ପଟ୍ଟନାୟଙ୍କ ବିଚାରକୁ ସାଦରେ ଗ୍ରହଣ କରିବା ଉଚିତ୍ । କିନ୍ତୁ ଶଙ୍ଖ ଅର୍ଜୁନ ବୃକ୍ଷ ଅଠାରୁ ସୁତା ପ୍ରସ୍ତୁତ କରି ଅମ୍ଳାନ ବସ୍ତ୍ର ତୟାର ହୋଇଥିବା ମଧ୍ୟ ଠିକ୍ ବୋଧ ହୁଏ । କାଳିନ୍ଦି ଚରଣ ନାୟକ ଜଣେ ଅଭିଜ୍ଞଶୀଳ ବାକ୍ତିଙ୍କ ବିଚାର ଠିକ୍ ନା ଛାତ୍ରୀ ଆକାଂକ୍ଷା ପଟ୍ଟନାୟକଙ୍କ ବିଚାର ଠିକ୍ ପାଠକେ ହିଁ ଠିକ୍ ବୋଧ କରି ସମାଜକୁ କହିବେ ।

ଏତଦ୍ ବ୍ୟତୀତ ଜଣେ ବିଦ୍ୱାନ ସମିକ୍ଷକ ସଞ୍ଜ୍ଞା ସମ୍ପୁଟଧାରୀ ତଥା ଯାହାଙ୍କ ନାମ ଭାସ୍କର, ଅମ୍ଳାନ ବସ୍ତ୍ରକୁ ଆଧାର କରି କହିଥିଲେ, ସତୀ ଅନସୂୟା ଜଣେ ସାଧାରଣ ନାରୀ ନଥିଲେ । ଥିଲେ ଜଣେ ତପସ୍ୱୀ ତଥା ଦିବ୍ୟ ଦ୍ରଷ୍ଟା । ସେ ନିଜର ଅମ୍ଳାନ ବସ୍ତ୍ର (ଏଠାରେ ବସ୍ତ୍ରକୁ ଆବରଣ ବୁଝିବା ଆବଶ୍ୟକ) ଏଣୁ ସେ ଭୂଦେବୀ ମାତାଙ୍କୁ, ଆଗକୁ ବିଶେଷ ବିପଦ ଥିବା ଜାଣି ଅମ୍ଳାନ ଆବରଣ ଦ୍ୱାରା ବା ଦୃଷ୍ଟିରେ ରଖି ମାୟା ସୀତାଙ୍କୁ ଏହି ଆଶ୍ରମ କ୍ଷେତ୍ରରୁ ପଠାଇ ଥିଲେ ।


ବେଙ୍କଟ ବିହାରୀ ପ୍ରହରାଜ

ଋଷିକୂଲ୍ୟା ସରସ୍ୱତୀ ଗବେଷକ

ହିଲପାଟଣା, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା

ମୋ- ୮୭୬୩୦୨୫୨୦

# ଅବତାର ଓ ବିଧ

ସମ୍ମାନନୀୟ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ । ସେ ଭାଷା ଓଡ଼ିଆର ପ୍ରଫେସର ହେଲେ ମଧ୍ୟ ଭାଷା ସଂସ୍କୃତରେ ଗଭୀର ପ୍ରବେଶ ଥିଲା । ଯେହେତୁ ଆଚାର୍ଯ୍ୟବାବୁଙ୍କ ପିତା ୰ଯତିରାଜ ଆଚାର୍ଯ୍ୟ ଥିଲେ ଜଣେ ବ୍ୟାକରଣୀୟ ପଣ୍ଡିତ । ସୁବର୍ଣ୍ଣପୁର ମଠ ମହନ୍ତ ବିଦ୍ୱାନ ପରାଂକୁଶ ଦାଶଙ୍କ, ଯତିରାଜ ଆଚାର୍ଯ୍ୟ ଥିଲେ ଅତି ନିକଟତର । ଇତ୍ୟାଦି ସ୍ଥିତିର ସମ୍ପର୍କକୁ ନେଇ ବ୍ୟାକରଣୀୟ ପଣ୍ଡିତ ଲକ୍ଷ୍ମୀଚରଣ ବିଦ୍ୟାଳଙ୍କାର ପ୍ରହରାଜଙ୍କ ମନ୍ତ୍ରଦାତା ଗୁରୁ ପରାଂକୁଶ ଦାଶ ହୋଇଥିବା କାଳେ ଯତିରାଜ ଆଚାର୍ଯ୍ୟଙ୍କ ସହ ଶିଶ୍ୟ ତୁଲ୍ୟ ସମ୍ପର୍କ ଥିଲା । ଏମାନେ ବ୍ରହ୍ମପୁର ଆସିଲେ ଯତିରାଜ ପ୍ରହରାଜଙ୍କ ହିଲପାଟଣାସ୍ଥ ବାସଭାବନରେ ରହନ୍ତି । ଏପରିକି କଲେଜ ପଢ଼ାକାଳେ ସୁଦର୍ଶନ ଆଚାର୍ଯ୍ୟ ଏବଂ ସୂର୍ଯ୍ୟ ନାରାୟଣ ଦାଶଙ୍କ ସହ ମୋର ଘନିଷ୍ଟ ସମ୍ପର୍କ ରହି ଆସିଥିଲା ।

୨୦୦୭ କିମ୍ବା ୮ ସାଲରେ ବୋଧହୁଏ ଜୟଦେବ ରଚିତ ଗୀତ ଗୋବିନ୍ଦକୁ ନେଇ ଗଞ୍ଜାମ କଳା ପରିଷଦ ପ୍ରାଙ୍ଗଣରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ମୂଖ୍ୟ ବକ୍ତା ହୋଇ ମେଘୈର୍ମେଦୂରମମ୍ବରଂ ଶ୍ଳୋକରୁ ଆରମ୍ଭ କରି, ଚତୁର୍ଥ ଶ୍ଳୋକର "ଶ୍ରୁତି ଧରୋ ଧୋୟୀ କବିକ୍ଷ୍ମାପତିଃ" ପର୍ଯ୍ୟନ୍ତ ଅନର୍ଗଳ ଗାଇ ଚାଲିଥିଲେ । ଗୀତ ଗୋବିନ୍ଦ ରଚୟିତାଙ୍କ ଟୀକା ପ୍ରକାରେ ମଧ୍ୟ ବୁଝାଇ ସେ ଦେଇଥିଲେ ଶ୍ରୋତାଗଣ ବୁଝନ୍ତୁ ବା ନ ବୁଝନ୍ତୁ କିନ୍ତୁ ସେ ଭାଷଣ କଲାବେଳେ ନିରବ ନିଶ୍ଚଳତା କ୍ରମେ ଶୁଣୁଥିଲେ । ଏତଦ୍ ପରେ ପରେ ମୀନ ଅନତାରରୁ ପ୍ରକାଶ କରି କରି କଳ୍କୀ ଅବତାର ପର୍ଯ୍ୟନ୍ତ ଗାଇ ସାରିବା ପରେ ରଚୟିତାଙ୍କ ଗାଥା ଗାଇ କହିଥିଲେ-

ଶ୍ରୀଜୟଦେବକବେରିଦମୁଦିତସହାରଂ
ଶୃଣୁ ଶୁହଦଂ ସୁଖଦଂ ଭାବସାର
କେଶବ ! ଧୃତ ଦଶବିଧରୂପ, ଜୟ ଜଗଦୀଶ ହରେ ।

ଏହି ଦଶବିଧକୁ ନେଇ ଆଚାର୍ଯ୍ୟ ଆଜ୍ଞା, ବିଦ୍ୱାନମାନଙ୍କ ପ୍ରଚଳିତ ଶୈଳୀକୁ ନେଇ ବ୍ୟାଖ୍ୟା କରି ବୁଝାଇ ଥିଲେ । ଏଥକୁ ନେଇ ସେ ବର୍ଣ୍ଣନା କରି ନିମ୍ନମତେ ବୁଝାଇ କହିଥିଲେ । –

ଶ୍ରୀଯୁକ୍ତ (ନାମବାଚକ) ଜୟଦେବ ଜ୍ୟୋତି ପ୍ରକାଶିତ ସୂର୍ଯ୍ୟ ତୁଲ୍ୟ କବିଙ୍କ ଦ୍ୱାରା ରଚିତ ଏହି ଗୀତ, ସୁଧା ସମାନ ଅଟେ । ହେ ସଜନେ ଏହି ବାଣୀକୁ ମନ ଦେଇ ଶୁଣ । କାରଣ ଭବ ତରଙ୍ଗିଣୀରେ ସୁଖ ସମ୍ମାନ ପ୍ରଦାନ କରିବ । ହେ କେଶବ ! ପରବ୍ରହ୍ମ ହରି, ଏପରି ଦଶବିଧ ରୂପର ମହିମାକୁ ଜାରି କଲି ।

ଏପରି ବଚନ ଶୁଣିବା ପରେ, ମୋ ଜେଜେ ଅତୀତରେ କହିଥିବା ପ୍ରକାରେ, ଆଚାର୍ଯ୍ୟ ମହାଶୟଙ୍କୁ ନିମ୍ନମତେ କହିଥିଲି । ସେ ମଧ୍ୟ ନିରବତାକୁ ଅବଲମ୍ବନ କରି ଶୁଣିଥିଲେ ।

ଶ୍ରୀ ଶବ୍ଦକୁ ଏଠାରେ ଲକ୍ଷ୍ମୀତୁଲ୍ୟ ସମୃଦ୍ଧିର ବିକାଶ ବୋଲି କହିଥିଲି । ଜୟର ସଞ୍ଜ୍ଞା ଗ୍ରନ୍ଥ, ଦେବର ସଞ୍ଜ୍ଞା ଦିବ୍ୟ, କବେର ସଞ୍ଜ୍ଞା ଯାହା ପରିବେଶକୁ ଉତ୍ସର୍ଗିତ କରାଯାଇଛି । ରିଦ ର ସଞ୍ଜ୍ଞା ସମୁଦାୟ, ମୁଦିତ ଅର୍ଥାତ ଆନନ୍ଦରେ, ମୁଦ୍ରାର ଅର୍ଥ ପ୍ରସନ୍ନ ଚିତ୍ତ, ରଂ ବା ରମ୍ ର ଅର୍ଥ ଯେ ରମଣ

କରିଥାଏ । ଶୃଣୁ ବା ଶୁଣିବା ପରେ, ସୁଖଦଂ ବା ଅତି ଆନନ୍ଦରେ, ଶୁଭଦଂ ବା ଅତି ଶୁଭରେ । ଭବସାରମ୍ ବା ପରେବେଶ ଦ୍ୱାରା ଗଠନ ହୋଇଥିବା ସାରତତ୍ତ୍ୱରେ, କେଶବ ହେ ପରବ୍ରହ୍ମ ! ତୁମ ଦ୍ୱାରା ଧାରଣ କରାଯାଇଥିବା ଦଶ ସଂଖ୍ୟା ବିଶିଷ୍ଟ ଆକାରରେ ସମୁଦାୟ ଦୃଶ୍ୟ ଜଗତକୁ ଗ୍ରନ୍ଥ ରୂପେ ପ୍ରକାଶ କଲି ।

**ସାରମର୍ମ –**

ଲକ୍ଷ୍ମୀ ସଦୃଶ୍ୟ ସମୃଦ୍ଧିର ବିକାଶ ତୁଲ୍ୟ ଏହି ଦିବ୍ୟ ଗ୍ରନ୍ଥ ପରିବେଶକୁ ଉତ୍ସର୍ଗ କଲି । କାରଣ ସମୁଦାୟ ରଚନା ଆନନ୍ଦ ତଥା ପ୍ରସନ୍ନ ଚିତ୍ତରେ ରମଣ କଲାପରି ବୋଧ ହୁଏ । ଏହାକୁ ଶୁଣିବା ପରେ ସୁଖ ତଥା ଶୁଭ ପରି ବୋଧ ଲାଗେ । ଯେହେତୁ ଏହା ଭବସାର ଅଟେ । କାରଣ ସ୍ୱୟଂ ପରବ୍ରହ୍ମ, ଗୋଟିଏ କ୍ଷେତ୍ରକୁ ସ୍ତର ସ୍ତର କରି ଦଶ ପ୍ରକାରର (ବିଧ) ରୂପକୁ ବର୍ଣ୍ଣନା କରା ଯାଇଛି । ଏବଂ ସମୁଦାୟ ଜଗତକୁ ନେଇ ଗ୍ରନ୍ଥକୁ ପ୍ରକାଶ କରାଗଲା ।

ଶେଷରେ ଅବତାର ଏବଂ ବିଧକୁ ନେଇ କହିଥିଲେ ଏହି ଯେ - ତେବେ ତୁମ ବିଚାରରେ ବ୍ୟାସଦେବଙ୍କ ରଚନା ପ୍ରକାରେ, ଏକ ଶକ୍ତିଶାଳୀ ଆତ୍ମାର ବାରମ୍ବାର ଅବତରଣକୁ ଅବତାର କୁହାଯାଏ । ଏବଂ ଗୋଟିଏ କ୍ଷେତ୍ରକୁ ପ୍ରକାର ପ୍ରକାର ବର୍ଣ୍ଣନାକୁ ବିଧ କୁହାଯାଏ । ତୁମର ବିଚାର ଏୟା ନା ? କହିଥିଲି ହଁ ।

ବେଙ୍କଟ ବିହାରୀ ପ୍ରହରାଜ
ଋଷିକୂଲ୍ୟା ସରସ୍ୱତୀ ଗବେଷକ
ହିଲପାଟଣା, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା
ମୋ- ୮୭୬୩୦୨୫୨୦